

ରାକା
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-283 ♦SATURDAY ♦11 APRIL 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୮୩ ♦ଶନିବାର ♦୧୧ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ବନତାରାରେ ଆରମ୍ଭ ହେଲା ବିଶ୍ୱର ପ୍ରଥମ

# ବନ୍ୟପ୍ରାଣୀ ଓ ପ୍ରାଣୀ ଚିକିତ୍ସା ବିଜ୍ଞାନ ବିଶ୍ୱବିଦ୍ୟାଳୟ









ଜାମନଗର (ଗୁଜରାଟ): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ସ୍ଥାପିତ ଗ୍ଲୋବାଲ୍ ୱାଇଲ୍ଡଲାଇଫ କନଜର୍ଭସନ୍ ସଂଗଠନ "ବନତାରା" ପକ୍ଷରୁ ଗୁଜରାଟରେ ସ୍ଥାପନ ହୋଇଛି "ବନତାରା ବିଶ୍ୱବିଦ୍ୟାଳ। ବନ୍ୟପ୍ରାଣୀ ସଂରକ୍ଷଣ ଓ ପ୍ରାଣୀ ଚିକିତ୍ସା ବିଜ୍ଞାନ ନିମନ୍ତେ ଏହା ବିଶ୍ୱର ପ୍ରଥମ ଏକୀକୃତ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ହେବ। ବନତାରା ୟୁନିଭର୍ସିଟିର ଭିତ୍ତି ପ୍ରାଣୀ କଲ୍ୟାଣ, ବୈଜ୍ଞାନିକ ପ୍ରଗତି ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଆଧାରିତ। ପଶୁ ଚିକିତ୍ସା, ସଂରକ୍ଷଣ ଏବଂ ୱାଇଲ୍ଡଲାଇଫ ଯତ୍ନ କ୍ଷେତ୍ରରେ ଭବିଷ୍ୟତ ନେତୃତ୍ୱ ସୃଷ୍ଟି ଏହି ସଂସ୍ଥାନର ଲକ୍ଷ୍ୟ। ଭାରତର ପ୍ରାଚୀନ ଜ୍ଞାନ ପରମ୍ପରାକୁ ଆଧାର କରି ଲକ୍ଷ୍ୟ ଆଧାରିତ ଓ ଭବିଷ୍ୟତମୁଖୀ ଶିକ୍ଷା ମଡେଲ୍ ତିଆରି କରିବା ଏହାର ଲକ୍ଷ୍ୟ ବୋଲି କୁହାଯାଇଛି । ଏ ସମ୍ପର୍କରେ ଶ୍ରୀ ଅନନ୍ତ ଅମ୍ବାନୀ କହିଛନ୍ତି ଯେ " ଆମେମାନେ ଓ ଆମର ସଂସ୍ଥାଗୁଡ଼ିକ କିପରି କରୁଣା, ଜ୍ଞାନ ଏବଂ କୌଶଳ ସହିତ ପ୍ରାଣୀମାନଙ୍କ ସେବା ପାଇଁ ପ୍ରସ୍ତୁତ କରୁଛୁ , ସଂରକ୍ଷଣର ଭବିଷ୍ୟତ ତାହା ଉପରେ ନିର୍ଭର କରିବ। ବନତାରା ୟୁନିଭର୍ସିଟି ସ୍ଥାପନ ଧାରଣା ମୋର ବ୍ୟକ୍ତିଗତ ଅନୁଭବରୁ ପ୍ରେରିତ। ଯେତେବେଳେ ମୁଁ ସଙ୍କଟଗ୍ରସ୍ତ ପଶୁମାନଙ୍କୁ ନିକଟରୁ ଦେଖିଥିଲି, ସେମାନଙ୍କ ପାଇଁ ଉତ୍ତମ ସେବା ଓ ଯତ୍ନର ଆବଶ୍ୟକତା ଥିବା ଅନୁଭବ କରିଥିଲି। ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଆତ୍ମା ଏବଂ 'ଆ ନୋ ଭଦ୍ରାଃ କ୍ରତବୋ ଯନ୍ତୁ ବିଶ୍ୱତଃ' -ଅର୍ଥାତ ସମସ୍ତ ଦିଗରୁ ଶ୍ରେଷ୍ଠ ଚିନ୍ତା ଆମ ପାଖକୁ ଆସୁ - ଏହି ଆଦର୍ଶରୁ ପ୍ରେରିତ ହୋଇ ଏହି ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ଜୀବନର ସୁରକ୍ଷା ପାଇଁ ନିବେଶିତ ଏକ ନୂତନ ପିଢ଼ିକୁ ପ୍ରସ୍ତୁତ କରିବ।" ଏହି ଧାରଣାକୁ ପ୍ରତୀକାତ୍ମକ ଭାବରେ ପ୍ରକାଶ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସ୍ଥଳର ନକ୍ସା ବା ଡ଼ିଜାଇନ୍‌ରେ ଦୁଇଟି ବିଜୋଲିଆ ବାଲୁଆ ପଥରରେ ସମ୍ମିଳିତ କରାଯାଇଛି, ଯାହା ବର୍ତ୍ତମାନ ବିହାରସ୍ଥିତ ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ସଂରଚନା ସହ ସମ୍ବନ୍ଧିତ ବୋଲି ଗ୍ରହଣ କରାଯାଇଥାଏ। ଏହା ଭାରତର ଅବିରତ ଜ୍ଞାନ ପରମ୍ପରାର ପ୍ରତୀକ ବୋଲି ମନେ କରାଯାଏ। ହିନ୍ଦୁ ପରମ୍ପରାନୁସାରେ ଆୟୋଜିତ ଶିଳାନ୍ୟାସ ଅବସରରେ ଶିକ୍ଷା, ବିଜ୍ଞାନ, ସଂରକ୍ଷଣ ଏବଂ

## ଭାରତକୁ ବନ୍ୟପ୍ରାଣୀ ଓ ପ୍ରାଣୀ ଚିକିତ୍ସା ବିଜ୍ଞାନରେ ବୈଶ୍ୱିକ କେନ୍ଦ୍ର ଭାବରେ ସ୍ଥାପନ କରିବା ଏହି ସଂସ୍ଥାନର ଲକ୍ଷ୍ୟ



ସାର୍ବଜନିକ ଜୀବନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହାର ଏକ ମୁଖ୍ୟ ଆକର୍ଷଣ ଥିଲା ମାଟି, ପାଣି ଏବଂ ପଥରକୁ ବିଧିବିଧାନରେ ସ୍ଥାପନ କରିବାର ରୀତି। ଯାହା ଭାରତର ବିବିଧ ପ୍ରାକୃତିକ ପରିବେଶକୁ ପ୍ରତିବିମ୍ବିତ କରିଥାଏ। ବନତାରା ୟୁନିଭର୍ସିଟି ଏକ ଏକୀକୃତ ଶିକ୍ଷା ପ୍ରଣାଳୀରେ ବିଭିନ୍ନ ବିଷୟକୁ ଏକତ୍ର କରିବ। ଯାହା ପ୍ରାୟୋଗିକ ସଂରକ୍ଷଣ ଅନୁଭବ ଉପରେ ଆଧାରିତ ହେବ। କରୁଣା, ବିଜ୍ଞାନ ଏବଂ ସଂରକ୍ଷଣର ସମନ୍ୱୟ ମାଧ୍ୟମରେ ଏହା ଏମିତି ବୃତ୍ତିଧାରୀ ସୃଷ୍ଟି ହେବେ, ଯେଉଁମାନେ ବନ୍ୟପ୍ରାଣୀ ସମସ୍ୟାର ସମାଧାନ କରିପାରିବେ। ଏହି ବିଶ୍ୱବିଦ୍ୟାଳୟରେ ଅଣ୍ଡରଗ୍ରାଜୁଏଟ୍, ପୋଷ୍ଟଗ୍ରାଜୁଏଟ୍, ଫେଲୋଶିପ୍ ଓ ବିଶେଷ ପାଠ୍ୟକ୍ରମ ରହିବ। ଏଥିରେ ୱାଇଲ୍ଡଲାଇଫ ମେଡିସିନ୍, ସର୍ଜରୀ, ପୋଷଣ, ବିହେଭିଅରାଲ୍ ସାଇନ୍ସ, ଜେନେଟିକ୍ସ, ଏପିଡେମିଓଲୋଜି, କନଜର୍ଭସନ୍ ପଲିସୀ ଇତ୍ୟାଦି ଶିକ୍ଷା ଦିଆଯିବ। ଅନୁରୂପ ଭାବରେ ସାମାଜିକ ଓ ଆର୍ଥିକ ଭାବେ ପଛୁଆ ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ବିଶ୍ୱବିଦ୍ୟାଳୟ ଛାତ୍ରବୃତ୍ତି ପ୍ରଦାନ କରିବ। ଏହି ବିଶ୍ୱବିଦ୍ୟାଳୟ ଆଧୁନିକ ଏକାଡେମିକ୍ ଏବଂ କ୍ଲିନିକାଲ୍ ଇନଫ୍ରାସ୍ଟ୍ରକ୍‌ଚର୍, ଆନ୍ତର୍ଜାତୀୟ ସହଯୋଗ ଏବଂ ରେସିଡେନ୍ସିଆଲ୍ କ୍ୟାମ୍ପସ୍‌ର ସମର୍ଥନ ମିଳିବ। ଏହା ପ୍ରାୟୋଗିକ ଗବେଷଣା ଉପରେ ଭିତ୍ତି କରି ପଶୁ କଲ୍ୟାଣ ଏବଂ ସଂରକ୍ଷଣକୁ ଶକ୍ତିଶାଳୀ କରିବ। ଏହି ସଂରକ୍ଷଣର ଭବିଷ୍ୟତ କେବଳ ଜଙ୍ଗଲରେ ନୁହେଁ; ଶ୍ରେଣୀଗୃହ, ପରୀକ୍ଷାଗାର ଓ ମାନବ ଚେତନାରେ ମଧ୍ୟ ନିର୍ଦ୍ଧାରିତ ହେବ। ବନତାରା ବିଶ୍ୱବିଦ୍ୟାଳୟ ଏହି କ୍ଷେତ୍ରରେ ନୂତନ ଦିଗ ଦେବ। ଶିଳାନ୍ୟାସ ଅବସରରେ 'ବନତାରା ୟୁନିଭର୍ସିଟି ଫାଉଣ୍ଡିଙ୍ଗ ଫେଲୋସ୍' ଓ 'ଏଭ୍ରି ଲାଇଫ୍ ମ୍ୟାଟର୍ସ' ଛାତ୍ରବୃତ୍ତି ପ୍ରକଳ୍ପର ଘୋଷଣା ମଧ୍ୟ କରାଯାଇଥିଲା। ବନତାରା ବିଶ୍ୱବିଦ୍ୟାଳୟ କେବଳ ଏକ ଶିକ୍ଷା ସଂସ୍ଥାନ ନୁହେଁ; ବନ୍ୟଜୀବନ କେବଳ ଆଦରଣୀୟ ନୁହେଁ, ଏଥିପାଇଁ ଜ୍ଞାନ, ଶକ୍ତିଶାଳୀ ପ୍ରଣାଳୀ ଓ ପ୍ରଶିକ୍ଷିତ ହାତର ଆବଶ୍ୟକତା କରେ ଏହା ହିଁ ବନତାରା ବିଶ୍ୱବିଦ୍ୟାଳୟର ଦୃଷ୍ଟିକୋଣ।




TANISHQ
TATA ଉତ୍ପାଦନ

## ଏବେ ଖଣ୍ଡଗିରି, ଭୁବନେଶ୍ୱରରେ

ଆସନ୍ତୁ ଏବଂ ଆମର ଗୋଲ୍ଡ ଏବଂ ଡାଇମଣ୍ଡ ଜ୍ୱେଲରୀ,
ସଲିଟାୟର୍ସ ଏବଂ ରଙ୍ଗୀନ୍ ଷ୍ଟୋନ୍‌ର ଉତ୍କୃଷ୍ଟ ରେଞ୍ଜ୍‌ର ଆନନ୍ଦ ନିଅନ୍ତୁ,
କାରଣ ଆମେ ତନିସ୍କ ପାଇଁ ଏକ ନୂତନ ଅଧ୍ୟାୟ ଲେଖୁଛୁ ।

20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ ଡାଇମଣ୍ଡ ମୂଲ୍ୟ ଉପରେ

ପ୍ରତି ଗ୍ରାମ ₹201* ଛାଡ଼
ଗୋଲ୍ଡ ଜ୍ୱେଲରୀ କିଣାରେ

ଫେଷ୍ଟିଭାଲ୍ ଅଫ୍ ଏକ୍ସଚେଞ୍ଜ୍
ସ୍ମାର୍ଟ ପସନ୍ଦ କରନ୍ତୁ
ପାଆନ୍ତୁ 100%* ବିନିମୟ ମୂଲ୍ୟ

ଏହି ଅଫର୍ 10 ଅପ୍ରେଲ୍ ରୁ 20 ଅପ୍ରେଲ୍ 2026 ପର୍ଯ୍ୟନ୍ତ ବୈଧ

*ଗୋଲ୍ଡ ରେଟ୍ ପ୍ରୋଟେକ୍ସନ୍ – ଅଗ୍ରୀମ ବୁକ୍ କରନ୍ତୁ ଏବଂ ବର୍ଦ୍ଧିତ ଗୋଲ୍ଡ ରେଟ୍ ବିପକ୍ଷରେ ସୁରକ୍ଷିତ ରୁହନ୍ତୁ ।

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply, For T&C visit our website.

ଶୋରୁମ୍: ଆଇଗିନିଆ ସ୍କୋୟାର, ଏନ୍‌ଏଚ୍ 16, ରୀତା ଟିଭିଏସ୍ ବିପରୀତ, ଶ୍ରୀକେନ୍ଦ୍ର ବିହାର, ଖଣ୍ଡଗିରି, ଭୁବନେଶ୍ୱର - 751019



## ପୁଣିଥରେ ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଲେ ହରିବଂଶ



ନୂଆଦିଲ୍ଲୀ, ୧୦।୪(ଏଜେନ୍ସି): ରାଜ୍ୟସଭାର ପୂର୍ବତନ ଉପାଧ୍ୟକ୍ଷ ତଥା ଜେଡିୟୁ ନେତା ହରିବଂଶ ନାରାୟଣ ସିଂ ଶୁକ୍ରବାର ଉଚ୍ଚ ସଦନର ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅବସର ପରେ ଖାଲି ପଡ଼ିଥିବା ଆସନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ମନୋନୀତ କରିଛନ୍ତି। ଏହି ପଦକ୍ଷେପ ପରେ ସେ ପୁଣିଥରେ ରାଜ୍ୟସଭା ଉପାଧ୍ୟକ୍ଷ ପଦ ଅଳଙ୍କୃତ କରିବା ନେଇ ଚର୍ଚ୍ଚା ଜୋର ଧରିଛି। ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନଙ୍କ ପ୍ରକୋଷ୍ଠରେ ହରିବଂଶ ହିନ୍ଦୀ ଭାଷାରେ ଶପଥ ପାଠ କରିଥିଲେ। ଏହି ଅବସରରେ ସଦନରେ ନେତା ଜେପି ନଡ୍ଡା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ଅର୍ଜୁନ ରାମ ମେଘୱାଲ ଏବଂ ରାମନାଥ ଠାକୁରଙ୍କ ଭଳି ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ହରିବଂଶଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଗୁରୁବାର ଅର୍ଥାତ ଏପ୍ରିଲ ୯ ତାରିଖ ଦିନ ଶେଷ ହୋଇଥିଲା। ରାଷ୍ଟ୍ରପତିଙ୍କ ଦ୍ୱାରା ପୁନଃ-ମନୋନୀତ ହେବା ପରେ ହରିବଂଶ ପୁଣିଥରେ ଉପାଧ୍ୟକ୍ଷ ହେବା ସମ୍ଭାବନା ବଢ଼ିଯାଇଛି। ଯଦି ଏପରି ହୁଏ, ତେବେ ରାଜ୍ୟସଭା ଇତହାସରେ ପ୍ରଥମଥର ପାଇଁ ଜଣେ ମନୋନୀତ ସଦସ୍ୟ ଉପାଧ୍ୟକ୍ଷ ପଦ ସମ୍ଭାଳିବେ। ୬୯ ବର୍ଷୀୟ ହରିବଂଶ ଜଣେ ଅଭିଜ୍ଞ ସମ୍ବାଦିକ ଓ ସୁଦକ୍ଷ ରାଜନେତା। ୨୦୨୮ରୁ ସେ ସଦନର ଉପାଧ୍ୟକ୍ଷ ଭାବେ ନିରପେକ୍ଷ ଭାବେ କାର୍ଯ୍ୟ କରିଆସିଛନ୍ତି।

## ମୁମ୍ବାଇ ବିମାନବନ୍ଦରରେ ୩୮ କୋଟି ଟଙ୍କାର ସୁନା ଜବତ

ମୁମ୍ବାଇ, ୧୦।୪(ଏଜେନ୍ସି): ମୁମ୍ବାଇର ଛତ୍ରପତି ଶିବାଜୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଏକ ବଡ଼ ଧରଣର ସୁନା ଚୋରା ଚାଲାଣ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ବୁଧବାର ଦିନ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଅପରେସନରେ ୨୯.୩୭ କିଲୋଗ୍ରାମ୍‌ର ସୁନା ଜବତ କରାଯାଇଛି। ଏହାର ଅନ୍ତର୍ଜାତୀୟ ବଜାର ମୂଲ୍ୟ ପ୍ରାୟ ୩୭.୭୪ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଏହି ମାମଲାରେ ୨୪ ଜଣ କେନିଆ ମହିଳାଙ୍କୁ ଗିରଫ କରାଯାଇଛି। ଏହାକୁ ଅପରେସନ ଦହାବୁ ବ୍ଲିଟ୍‌ଜ ନାମ ଦିଆଯାଇଛି। ସୁଆହିଲି ଭାଷାରେ ଦହାବୁର ଅର୍ଥ ହେଉଛି ସୁନା। ଗୁଇନ୍ଦା ସୂଚନା ଆଧାରରେ ଡିଆରଆଇର ଅଧିକାରୀମାନେ ନାଇରୋବିରୁ ଆସୁଥିବା ମହିଳା ଯାତ୍ରୀଙ୍କ ଉପରେ ନଜର ରଖିଥିଲେ। ସନ୍ଦେହଜନକ ମହିଳାଙ୍କୁ ଅଟକାଇ ଯାଞ୍ଚ୍ କରିବା ପରେ ସେମାନଙ୍କ ପୋଷାକ ଓ ବ୍ୟାଗ୍ ମଧ୍ୟରୁ ବିପୁଳ ପରିମାଣର ସୁନା ଉଦ୍ଧାର କରାଯାଇଥିଲା। ଜବତ ହୋଇଥିବା ସୁନା ମଧ୍ୟରେ ୨୫.୧୦ କେଜିର ସୁନା ବିସ୍କୁଟ ଓ ୪.୨୭ କେଜିର ସୁନା ଅଳଙ୍କାର ରହିଛି।

## ଏପଷ୍ଟିନଙ୍କ ସହ କୌଣସି ସମ୍ପର୍କ ନାହିଁ: ମେଲାନିଆ

ୱାସିଂଟନ, ୧୦।୪(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପତ୍ନୀ ତଥା ଆମେରିକାର ପ୍ରଥମ ମହିଳା ଏବଂ କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ମଧ୍ୟରେ ଥିବା କଥିତ ସମ୍ପର୍କକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି। ମେଲାନିଆ ଏହି ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି କହିବା ସହ ଏପଷ୍ଟିନଙ୍କ ସହ ତାଙ୍କର କୌଣସି ବନ୍ଧୁତା ନଥିବା ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ତେବେ ତାଙ୍କର ଏହି ସଫେଇ ପରେ ସୋସିଆଲ ମିଡ଼ିଆ ୟୁଜର୍ସମାନେ ଅନେକ ପୁରୁଣା ଦଲିଲ୍ ଓ ଫଟୋ ସାର୍ବଜନୀନ କରିବାରେ ଲାଗିଛନ୍ତି। ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ ମେଲାନିଆ ଟ୍ରମ୍ପ କହିଛନ୍ତି ଯେ, ସେ କେବେବି ଏପଷ୍ଟିନ୍‌ଙ୍କ ବନ୍ଧୁ ନଥିଲେ କିମ୍ବା ଏପଷ୍ଟିନ୍ ତାଙ୍କୁ ଡୋନାଲ୍ଡ ଟ୍ରମ୍ପଙ୍କ ପରିଚିତ କରାଇ ନଥିଲେ। ସେ ସ୍ପଷ୍ଟ କରିଛନ୍ତି ଯେ, ୧୯୯୮ରେ ନ୍ୟୁୟର୍କର ଏକ ପାର୍ଟିରେ ସେ ପ୍ରଥମେ ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଥିଲେ। ସେ କେବେବି ଏପଷ୍ଟିନଙ୍କ ଶିକାର ହୋଇନାହାନ୍ତି କିମ୍ବା ତାଙ୍କ ସହଯୋଗୀ ଗିସଲେନ୍ ମ୍ୟାକ୍ସୱେଲଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ।

## କୁମ୍ଭମେଳା ଭାଇରାଲ ଗର୍ଲ ନାବାଳିକା; ଫରମାନଙ୍କ ବିରୋଧରେ ପୋକ୍ସୋ ମାମଲା

ନୂଆଦିଲ୍ଲୀ, ୧୦।୪(ଏଜେନ୍ସି): ଦେଶବ୍ୟାପୀ ଚର୍ଚ୍ଚାରେ ଥିବା 'କୁମ୍ଭମେଳା ଭାଇରାଲ ଗର୍ଲ' ମାମଲାରେ ବଡ଼ କଥା ପଦାକୁ ଆସିଛି। ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ତଦନ୍ତରୁ ଜଣାପଡ଼ିଛି ଯେ, ମୁସଲିମ ଯୁବକଙ୍କୁ ବିବାହ କରିଥିବା ସେହି ଯୁବତୀ ଜଣକ ବାସ୍ତବରେ ଜଣେ ନାବାଳିକା। ଏହି ଭାଇରାଲ ଯୁବତୀଙ୍କ ନାମ ହେଉଛି ମୋନାଲିସା। ଏହି ଘଟଣା ପରେ ଅଭିଯୁକ୍ତ ଫରମାନ ଖାନଙ୍କ ବିରୋଧରେ ପୋକ୍ସୋ ଏବଂ ଅତ୍ୟାଚାର ନିରୋଧ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। କମିଶନର ଅଧ୍ୟକ୍ଷ ଅନ୍ତର ସିଂହ ଆର୍ଯ୍ୟଙ୍କ ନେତୃତ୍ୱରେ ମହେଶ୍ୱର ହସ୍ପିଟାଲରେ ରେକର୍ଡ ଯାଞ୍ଚ୍ କରାଯାଇଥିଲା। ମୋନାଲିସାଙ୍କ ପ୍ରକୃତ ଜନ୍ମ ତାରିଖ ୨୦୦୯ ଡିସେମ୍ବର ୩୦ ତାରିଖ ବୋଲି ଜଣାପଡ଼ିଛି। ଯେତେବେଳେ ୨୦୨୬ ମାର୍ଚ୍ଚ ୧୧ରେ ମୋନାଲିସା ଓ ଫରମାନ ବିବାହ କରିଥିଲେ ସେତେବେଳେ କନ୍ୟାଙ୍କୁ ମାତ୍ର ୧୬ ବର୍ଷ ୨ ମାସ ହୋଇଥିଲା। ବିବାହ ପଞ୍ଜୀକରଣ ପାଇଁ ମହେଶ୍ୱର ପୌରପାଳିକାର ଏକ ଜାଲ୍ ଜନ୍ମ ପ୍ରମାଣପତ୍ର ବ୍ୟବହାର କରାଯାଇଥଲା, ଯାହାକୁ ବାତିଲ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।



## ଇସ୍‌ଲାମାବାଦ୍‌ରେ ଆମେରିକା-ଇରାନ ଶାନ୍ତି ଆଲୋଚନା

# ଇସ୍ରାଏଲ ନ ସୁଧୁରିଲେ ଆଲୋଚନାରୁ ଓହରିଯିବୁ: ଇରାନ

ତେହରାନ, ୧୦।୪(ଏଜେନ୍ସି): ପଶ୍ଚିମ ଏସିଆର ଅଶାନ୍ତ ରାଜନୈତିକ ବାତାବରଣ ମଧ୍ୟରେ ଏବେ ଏକ ନୂତନ ସଙ୍କଟ ଦେଖା ଦେଇଛି। ପାକିସ୍ତାନ ରାଜଧାନୀ ଇସଲାମାବାଦ୍ ହେବାକୁ ଥିବା ଆମେରିକା ସହ ହେବାକୁ ଥିବା ଶାନ୍ତି ଆଲୋଚନାରୁ ଇରାନ ଓହରିଯିବା ପାଇଁ ଧମକ ଦେଇଛି। ଲେବାନନ୍ ଉପରେ ଇସ୍ରାଏଲ ଜାରି ରଖିଥିବା ଭୟଙ୍କର ସାମରିକ ଆକ୍ରମଣ ତୁରନ୍ତ ବନ୍ଦ ନହେଲେ କୌଣସି ପ୍ରକାର ଆଲୋଚନା ସମ୍ଭବ ନୁହେଁ ବୋଲି ଇରାନ ସ୍ପଷ୍ଟ କରିଛି। ଲେବାନନ ଓ ହିଜବୁଲ୍ଲା ସଙ୍କଟ ହିଁ ନୂଆ ବିବାଦର ମୁଖ୍ୟ କାରଣ। ଆମେରିକା ନିଷ୍ପତ୍ତିକ୍ରମେ ଇସ୍ରାଏଲ ଇରାନ ଉପରେ ଦୁଇ ସପ୍ତାହ ପାଇଁ ଆକ୍ରମଣ ସ୍ଥଗିତ ରଖିଛି। ମାତ୍ର ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି ଯେ, ଏହି ଅସ୍ତ୍ରବିରତି ଲେବାନନ ପାଇଁ ଲାଗୁ ନୁହେଁ। ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନ ହିଜବୁଲ୍ଲା ବିରୋଧରେ ସେମାନଙ୍କର ସାମରିକ ଅଭିଯାନ ଜାରି ରହିବ। ଲେବାନନ୍‌ରେ ଇସ୍ରାଏଲର କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ରିପୋର୍ଟ ଅନୁଯାୟୀ, ଇରାନ ସେଠାରେ ସାମୁଦ୍ରିକ ଲ୍ୟାଣ୍ଡମାଇନ୍ ବିଛାଇଥିବା ସନ୍ଦେହ କରାଯାଉଛି। ଫଳରେ ବିଶ୍ୱରେ ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି ଓ ଆମେରିକା ପକ୍ଷରୁ କରାଯାଉଥିବା ଅସ୍ତ୍ରବିରତି ଚୁକ୍ତି ଏବେ ବିପଦରେ ପଡ଼ିଛି। ସେପଟେ ଇସଲାମାବାଦରେ ଶାନ୍ତି ଆଲୋଚନା ନେଇ ବୈଠକ ବସିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଯୋଗ ଦେବାକୁ ଶୁକ୍ରବାର ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ପାକିସ୍ତାନ ଯାତ୍ରା କରିଛନ୍ତି। ଗସ୍ତ ପୂର୍ବରୁ ଭାନ୍ସ କହିଛନ୍ତି ଯେ, ଯଦି ଇରାନ ସଚ୍ଚୋଟତାର ସହ ଆଲୋଚନା କରିବାକୁ ଚାହେଁ, ତେବେ ଆମେରିକା ସାହାଯ୍ୟର ହାତ ବଢ଼ାଇବ। କିନ୍ତୁ ଯଦି ଇରାନ କୌଣସି ପ୍ରକାର ଚାଲାକି କରିବାକୁ ଚେଷ୍ଟା କରେ, ତେବେ ଆମେରିକା ପ୍ରତିନିଧି ଦଳ କଠୋର ଆଭିମୁଖ୍ୟ ଗ୍ରହଣ କରିବ। ଇସଲାମାବାଦ୍‌ର ସେରେନା ହୋଟେଲରେ ଏହି ବୈଠକ ବସିବ। ଆମେରିକା ପକ୍ଷରୁ ଭାନ୍ସଙ୍କ ସହ ଷ୍ଟିଭ ୱିଟ୍‌କଫ ଓ ଜାରେଡ କୁଶନର ସାମିଲ ଅଛନ୍ତି।



## ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଲେବାନନ ଉପରେ ଆକ୍ରମଣ କମାଇଲା ଇସ୍ରାଏଲ



ବେରୁଟ/ୱାସିଂଟନ, ୧୦।୪(ଏଜେନ୍ସି): ପଶ୍ଚିମ ଏସିଆରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ପରେ ଇସ୍ରାଏଲ, ଲେବାନନ୍ ଉପରେ କରୁଥିବା ବ୍ୟାପକ ଆକ୍ରମଣର ମାତ୍ରାକୁ ହ୍ରାସ କରିଛି। ପାକିସ୍ତାନର ମଧ୍ୟସ୍ଥତାରେ ଆମେରିକା ଓ ଇରାନ ମଧ୍ୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଆଲୋଚନାକୁ ସୁରକ୍ଷିତ ରଖିବା ପାଇଁ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଏହି ଅନୁରୋଧ କରିଥିବା ଜଣାପଡ଼ିଛି। ଗତ ବୁଧବାର ଲେବାନନ୍‌ରେ ଇସ୍ରାଏଲର ଆକ୍ରମଣରେ ପ୍ରାୟ ୩୦୦ରୁ ଅଧିକ ଲୋକଙ୍କ ପ୍ରାଣହାନୀ ଘଟିଥିଲା। ଏହାପରେ ଆମେରିକା ଓ ଇରାନ ମଧ୍ୟରେ ସ୍ଥାପିତ ହୋଇଥିବା ଅସ୍ଥାୟୀ ଅସ୍ତ୍ରବିରତି ଭାଙ୍ଗିଯିବା ସ୍ଥିତିକୁ ଆସିଥିଲା। ଇରାନ ଅଭିଯୋଗ କରିଥିଲେ ଯେ, ଏଭଳି ସ୍ଥିତିରେ ଆଲୋଚନା ମୂଲ୍ୟହୀନ। ଟ୍ରମ୍ପ 'ଏନ୍‌ବିସି ନ୍ୟୁଜ'କୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ, ମୁଁ ନେତନ୍ୟାହୁଙ୍କ ସହ କଥା ହୋଇଛି ଏବଂ ସେ ଆକ୍ରମଣର ମାତ୍ରା କମାଇବାକୁ ରାଜି ହୋଇଛନ୍ତି। ଆସନ୍ତା ସପ୍ତାହରେ ଇସ୍ରାଏଲ ଓ ଲେବାନନ ମଧ୍ୟରେ ଅସ୍ତ୍ରବିରତି ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜିତ ହେବ। ଲେବାନନ ରାଜଧାନୀ ବେରୁଟ୍‌ରେ ଶୁକ୍ରବାର କୌଣସି ଆକ୍ରମଣ ହୋଇ ନଥିବା ଖବର ମିଳିଛି। ଯଦିଓ ଦକ୍ଷିଣ ଲେବାନନ୍‌ରେ ଇସ୍ରାଏଲୀ ସେନା ଓ ହିଜବୁଲ୍ଲା ମଧ୍ୟରେ ସଂଘର୍ଷ ଜାରି ରହିଛି, ତଥାପି ହିଂସାର ମାତ୍ରା ଯଥେଷ୍ଟ କମିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ଲେବାନନ୍ ସରକାରଙ୍କ ସହ ସିଧାସଳଖ ଆଲୋଚନା ପାଇଁ ନିଜ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହିଜବୁଲ୍ଲାକୁ ନିରସ୍ତ୍ର କରିବା ଉପରେ ପର୍ଯ୍ୟବେସିତ ହୋଇପାରେ। କିନ୍ତୁ ଲେବାନନ୍ ସରକାର ପୂର୍ବରୁ ସମ୍ପୂର୍ଣ୍ଣ ଅସ୍ତ୍ରବିରତି ଦାବି କରିଛନ୍ତି। ପୂର୍ବରୁ ଇରାନ କହିଛି ଯେ, ଲେବାନନ୍ ହେଉଛି ଅସ୍ତ୍ରବିରତିରେ ଏକ ଅବିଚ୍ଛେଦ୍ୟ ଅଂଶ। ଯଦି ଇସ୍ରାଏଲ ଆକ୍ରମଣ ଜାରି ରଖେ ତେବେ ଇରାନ ଶାନ୍ତି ଆଲୋଚନାରୁ ଓହରିପାରେ।

## ଇସ୍ରାଏଲର ଚେତାବନୀ ପରେ ଖ୍ୱାଜା ଆସିଫ ପୋଷ୍ଟ ଡିଲିଟ୍ କଲେ

ତେଲଅଭିଭ/ ଇସ୍‌ଲାମାବାଦ୍, ୧୦।୪(ଏଜେନ୍ସି): ଅନ୍ତର୍ଜାତୀୟ ରାଜନୀତି ରଙ୍ଗମଞ୍ଚରେ ପୁଣି ଏକ ନୂତନ ବିବାଦର ସୂତ୍ରପାତ ହୋଇଛି। ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନାରେ ମଧ୍ୟସ୍ଥି ସାଜିଥିବା ପାକିସ୍ତାନର ନିରପେକ୍ଷତାକୁ ନେଇ ଏବେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଖ୍ୱାଜା ଆସିଫ୍‌ଙ୍କ ଇସ୍ରାଏଲ ବିରୋଧୀ କଠୋର ମନ୍ତବ୍ୟ ଓ ପରବର୍ତ୍ତୀ ସମୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ କାର୍ଯ୍ୟାଳୟରୁ ଆସିଥିବା ତୀବ୍ର ପ୍ରତିକ୍ରିୟା ବିଶ୍ୱ କୂଟନୈତିକ ପରିବେଶକୁ ଉଷ୍ମ କରିଦେଇଛି।

ଇସଲାମାବାଦ୍‌ରେ ଆମେରିକା- ଇରାନ ମଧ୍ୟରେ ଶାନ୍ତି ଆଲୋଚନା ହେବା ପୂର୍ବରୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଇସ୍ରାଏଲକୁ ମାନବଜାତି ପାଇଁ ଏକ ଅଭିଶାପ ଓ ଅମଙ୍ଗଳକାରୀ ବା ଦୁଷ୍ଟ ଶକ୍ତି ଭାବେ ବର୍ଣ୍ଣନ କରିଥିଲେ। ଲେବାନନ୍‌ରେ ଇସ୍ରାଏଲ ପକ୍ଷରୁ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ସେ ଗଣସଂହାରର ଆଖ୍ୟା ଦେବା ସହ ଇସ୍ରାଏଲର ଅସ୍ତିତ୍ୱକୁ ନେଇ କଟୁ ସମାଲୋଚନା କରିଥିଲେ। ଏପରିକି ଇସ୍ରାଏଲ ରାଷ୍ଟ୍ରର ପ୍ରତିଷ୍ଠାତାମାନଙ୍କ ପ୍ରତି ଅତ୍ୟନ୍ତ ଆପତ୍ତିଜନକ ଶବ୍ଦ ବ୍ୟବହାର କରିବାକୁ ସେ ପଛାଇ ନଥିଲେ। ଏହି ମନ୍ତବ୍ୟକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ କାର୍ଯ୍ୟାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଇସ୍ରାଏଲ ପକ୍ଷରୁ ଜାରି କରାଯାଇଥିବା ମନ୍ତବ୍ୟକୁ ଅତ୍ୟନ୍ତ ଅପମାନଜନକ ବୋଲି କୁହାଯାଇଥିବା ସହ ଜଣେ ମଧ୍ୟସ୍ଥି ଭାବେ ନିଜକୁ ଉପସ୍ଥାପନ କରୁଥିବା ଦେଶରୁ ଏଭଳି ଆଚରଣ ଗ୍ରହଣୀୟ ନୁହେଁ ବୋଲି ସ୍ପଷ୍ଟ କରାଯାଇଛି। ଇସ୍ରାଏଲ ବୈଦେଶିକ ମନ୍ତ୍ରୀ ଗିଡ଼ିୟନ ସାର ଏହାକୁ ଏକ ଇହୁଦୀ ବିରୋଧୀ ମାନସିକତାର ପରିପ୍ରକାଶ ବୋଲି କହିବା ସହ ପାକିସ୍ତାନର ଦ୍ୱୈତନୀତିକୁ ସମାଲୋଚନା କରିଛନ୍ତି। ଇସ୍ରାଏଲର ଏହି ଶାଣିତ ପ୍ରତିବାଦ ପରେ କୂଟନୈତିକ ଚାପରେ ଆସି ଖ୍ୱାଜା ଆସିଫ ନିଜର ବିବାଦୀୟ ପୋଷ୍ଟକୁ ଡିଲିଟ୍ କରି ଦେଇଛନ୍ତି। ଏହି ବିବାଦ ଏପରି ସମୟରେ ଉପୁଜିଛି ଯେତେବେଳେ ଆମେରିକା ଓ ଇରାନ ମଧ୍ୟରେ ଦୁଇ ସପ୍ତାହ ପାଇଁ ଅସ୍ଥାୟୀ ଯୁଦ୍ଧବିରତି ଚୁକ୍ତିରେ ଫାଟ ଦେଖା ଦେଇଛି। ଇସ୍ରାଏଲ କଡ଼ା ଆଭିମୁଖ୍ୟ ପରେ ପାକିସ୍ତାନ ପଛଘୁଞ୍ଚା ଦେଇଥିଲେ ମଧ୍ୟ, ଏହା ଅଗାମୀ ଶାନ୍ତି ଆଲୋଚନାର ଭବିଷ୍ୟତ ଉପରେ କାଳବାଦ୍ ସଦୃଶ ଘେରି ରହିଛି। ପାକିସ୍ତାନ ନିଜକୁ ପଶ୍ଚିମ ଏସିଆ ବିବାଦରେ ଏକ ନିରପେକ୍ଷ ଶାନ୍ତିଦୂତ ଭାବେ ଗଢ଼ିବାକୁ ପ୍ରୟାସ କରୁଥିବା ବେଳେ, ତାଙ୍କ ନିଜ ମନ୍ତ୍ରୀ ଏପରି ଅପରିପକ୍ୱ ମନ୍ତବ୍ୟ ଇସ୍‌ଲାମାବାଦ୍‌ର କୂଟନୈତିକ ଗରିବାକୁ କ୍ଷୁର୍ଣ୍ଣ କରିଛି।

## ଇରାନ ସହଯୋଗ ଥାଉ କି ନ ଥାଉ ତୈଳ ପ୍ରବାହ ହେବ ସ୍ୱାଭାବିକ: ଟ୍ରମ୍ପ

ୱାସିଂଟନ, ୧୦।୪(ଏଜେନ୍ସି): ପଶ୍ଚିମ ଏସିଆରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଛନ୍ତି। ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ହର୍ମୁଜ ପ୍ରଣାଳୀ ଦେଇ ତୈଳ ପ୍ରବାହକୁ ନେଇ ସେ ଦୃଢୋକ୍ତି ପ୍ରକାଶ କରିବା ସହ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି। ଟ୍ରମ୍ପ ନିଜ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ ଲେଖିଛନ୍ତି ଯେ, ଇରାନର ସହଯୋଗ ମିଳୁକି ନ ମିଳୁ, ତୈଳ ପ୍ରବାହ ଅତିଶୀଘ୍ର ସ୍ୱାଭାବିକ୍ ହେବ। ଏଥିପାଇଁ ସେ କୌଣସି ନିର୍ଦ୍ଦିଷ୍ଟ ବ୍ଲୁ-ପ୍ରିଣ୍ଟ ପ୍ରକାଶ କରିନାହାନ୍ତି, କିନ୍ତୁ ନିଜର ରଣନୀତି ଉପରେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି। ଏହି ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଇରାନ ଟ୍ରାଞ୍ଜିଟ୍ ଫି ବା ଯାତାୟତ ଶୁଳ୍କ ଲଗାଇବାକୁ ଯୋଜନା କରୁଥିବା ଖବର ଉପରେ ଟ୍ରମ୍ପ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଇରାନ ଶୁଳ୍କ ଆଦାୟ ନ କଲେ ଭଲ, ଯଦି କରୁଛି ତେବେ ତୁରନ୍ତ ବନ୍ଦ କରୁ। ସୂଚନାଯୋଗ୍ୟ ଯେ, ଇରାନ ଏହି ଶୁଳ୍କ କ୍ରିପ୍ଟୋକରେନ୍ସି ମାଧ୍ୟମରେ ଆଦାୟ କରିବାକୁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। ଟ୍ରମ୍ପ ନିଜର ଇରାନ ନୀତିକୁ ବିଜୟ ବୋଲି ବର୍ଣ୍ଣନା କରିବା ସହ ସାମାଲୋଚକଙ୍କୁ କଡ଼ା ଜବାବ୍ ଦେଇଛନ୍ତି। ସେ ଦାବି କରିଛନ୍ତି ଯେ, ତାଙ୍କ ଯୋଗୁଁ ହିଁ ଇରାନ କେବେବି ପରମାଣ ଅସ୍ତ୍ର ହାସଲ କରିପାରିବ ନାହିଁ। ଇରାନ ଓ ଆମେରିକା ମଧ୍ୟ ଦୁଇ ସପ୍ତାହର ଅସ୍ଥାୟୀ ଯୁଦ୍ଧବିରତି ଘୋଷଣା କରାଯାଇଥିଲେ ମଧ୍ୟ ତୈଳ ପରିବହନ ଓ ସାମରିକ ଉତ୍ତେଜନାକୁ ନେଇ ଅନିଶ୍ଚିତତା ଜାରି ରହିଛି। ଟ୍ରମ୍ପଙ୍କ ଏହି ବୟାନ ବିଶ୍ୱ ଶକ୍ତି ବଜାରରେ କିଛିଟା ଆଶ୍ୱସ୍ତି ଅଣିଥିଲେ ହେଁ, ବିନା କୌଣସି ପ୍ରସ୍ତୁତି ଯୋଜନାରେ ତୈଳ ପରିବହନ କିପରି ସ୍ୱାଭାବିକ ହେବ, ସେ ନେଇ ବିଶେଷଜ୍ଞମାନେ ସନ୍ଦେହ ପ୍ରକଟ କରିଛନ୍ତି। ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ରପ୍ତାନୀ ହୋଇଥାଏ।

## ଆମେରିକାର ୧୬୦୦ କୋଟି ଟଙ୍କାର ଡ୍ରୋନ୍ ନିଖୋଜ

ନୂଆଦିଲ୍ଲୀ/ୱାସିଂଟନ, ୧୦।୪(ଏଜେନ୍ସି): ଆମେରିକୀୟ ନୌସେନାର ସବୁଠାରୁ ଦାମୀ ଏବଂ ଅତ୍ୟାଧୁନିକ ସର୍ଭେଲାନ୍ସ ଡ୍ରୋନ୍ ଏମକ୍ୟୁ-୪ସି ଟ୍ରିଟନ ଶୁକ୍ରବାର ହର୍ମୁଜ ପ୍ରଣାଳୀ ଉପରେ ନିଖୋଜ ହୋଇଯାଇଛି। ଉଡ଼ାଣ ସମୟରେ ଏକ ଜରୁରୀକାଳୀନ ସଙ୍କେତ ପଠାଇବା ପରେ ଏହା ରାଡ଼ାରରୁ ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି। ଆମେରିକା ଓ ଇରାନ ମଧ୍ୟରେ ଅସ୍ତ୍ରବିରତି ହେବାର ମାତ୍ର ଦୁଇ ଦିନ ପରେ ଏହି ଘଟଣା ଘଟିବା ଏବେ ପଶ୍ଚିମ ଏସିଆରେ ପୁଣିଥରେ ଉତ୍ତେଜନା ବଢ଼ାଇ ଦେଇଛି। ଫଳରେ ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ଶାନ୍ତି ପ୍ରକ୍ରିୟା ମଧ୍ୟରେ ଏକ ବଡ଼ ସଙ୍କଟ ସୃଷ୍ଟି ହୋଇଛି ଓ ଏହି ଘଟଣା ଶାନ୍ତି ଆଲୋଚନାରେ ବାଧା ପହଞ୍ଚାଇପାରେ। ଯଦି ଏହି ଡ୍ରୋନ୍‌କୁ ଇରାନ ଖସାଇଥିବାର ପ୍ରମାଣିତ ହୁଏ, ତେବେ ଏହା ଏକ ଗମ୍ଭୀର କୂଟନୈତିକ ସଙ୍କଟ ସୃଷ୍ଟି କରିବ ଓ ଅସ୍ତ୍ରବିରତି ପ୍ରକ୍ରିୟାକୁ ବିପଦରେ ପକାଇବ। ରିପୋର୍ଟ ଅନୁସାରେ, ଏହି ଡ୍ରୋନଟି ପାରସ୍ୟ ଉପସାଗର ଓ ହର୍ମୁଜ ପ୍ରଣାଳୀରେ ପ୍ରାୟ ୩ ଘଣ୍ଟାର ନିରୀକ୍ଷଣ କାର୍ଯ୍ୟ ଶେଷ କରି ନିଜର ବେସ୍‌କୁ ଫେରୁଥିଲା। ଉଡ଼ାଣ ଟ୍ରାକିଂ ୱେବସାଇଟ୍ 'ଫ୍ଲାଇଟ୍‌ଟ୍ରେଡର୨୪' ଅନୁଯାୟୀ, ଡ୍ରୋନଟି ହଠାତ ଇରାନ ଆଡକୁ ସାମାନ୍ୟ ବୁଲିଥିଲା ଏବଂ ଜରୁରୀକାଳୀନ ସଙ୍କେତ କୋଡ ୭୭୦୦ ପଠାଇଥିଲା। ଏହାପରେ ଡ୍ରୋନର ଉଚ୍ଚତା ଖୁବ ଦ୍ରୁତଗତିରେ ହ୍ରାସ ପାଇଥିଲା ଏବଂ ଶେଷରେ ଏହା ନିଖୋଜ ହୋଇଯାଇଥିଲା। ତେବେ ଡ୍ରୋନ୍‌ଟି କୌଣସି ଯାନ୍ତ୍ରିକ ତ୍ରୁଟି କାରଣରୁ ଦୁର୍ଘଟଣାଗ୍ରସ୍ତ ହୋଇଛି ନା ଏହାକୁ ଗୁଳି କରି ଖସାଇ ଦିଆଯାଇଛି, ସେ ନେଇ ଆମେରକା ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ସୂଚନାଯୋଗ୍ୟ ଯେ, ଏହି ଡ୍ରୋନଟି ଆମେରିକା ନୌସେନାର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି। ଏହାର ମୂଲ୍ୟ ୨୦୦ ମିଲିୟନ ଡଲାର ଅର୍ଥାତ ୧୬୦୦ କୋଟି ଟଙ୍କାରୁ ଅଧିକ। ଏହା ୫୦, ୦୦୦ ଫୁଟ୍‌ରୁ ଅଧିକ ଉଚ୍ଚତାରେ କ୍ରମାଗତ ୨୪ ଘଣ୍ଟାରୁ ଅଧିକ ସମୟ ଉଡ଼ିପାରେ। ଏହା ସମୁଦ୍ର ମଧ୍ୟରେ ବହୁଦୂର ପର୍ଯ୍ୟନ୍ତ ନିଜର ରଖିବା ସହ ଶତ୍ରୁର ଜାହାଜ ଓ ଗତିବିଧିକୁ ଚିହ୍ନଟ କରିବାରେ ସୁଦକ୍ଷ। ସାଧାରଣତଃ ଏହାକୁ ସମୁଦ୍ରର ସଂକୀର୍ଣ୍ଣ ପଥ ବା ଚୋକ୍ ପଏଣ୍ଟଗୁଡ଼ିକ ଉପରେ ନଜର ରଖିବା ପାଇଁ ବ୍ୟବହାର କରାଯାଇଥାଏ। ଏହି ଡ୍ରୋନ ହରାଇବା ଆମେରିକା ପାଇଁ ଏକ ବଡ଼ ଆର୍ଥିକ ଝଟ୍‌କା। ପରିସଂଖ୍ୟାନ ଅନୁଯାୟୀ, ଆମେରିକା ଏହି ଯୁଦ୍ଧରେ ପ୍ରତି ସେକେଣ୍ଡରେ ପ୍ରାୟ ୯.୮ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି।



## ଗଗନଯାନ ପାଇଁ ଇସ୍ରୋର ଦ୍ୱିତୀୟ ଏୟାର୍ ଡ୍ରପ୍ ପରୀକ୍ଷଣ ସଫଳ



ଶ୍ରୀହରିକୋଟା, ୧୦।୪(ଏଜେନ୍ସି): ଭାରତର ପ୍ରଥମ ମାନବବାହୀ ମହାକାଶ ଅଭିଯାନ 'ଗଗନଯାନ' ଦିଗରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏକ ବୃହତ୍ ସଫଳତା ହାସଲ କରିଛି। ଶୁକ୍ରବାର ଦିନ ସତୀଶ ଧାୱନ ମହାକାଶ କେନ୍ଦ୍ରରେ ଦ୍ୱିତୀୟ ସମନ୍ୱିତ ଏୟାର ଡ୍ରପ୍ ପରୀକ୍ଷଣ (ଏଆଇଡିଟି-୦୨) ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ପରୀକ୍ଷଣ ମହାକାଶଚାରୀମାନଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ଏବଂ ସେମାନଙ୍କ ସୁରକ୍ଷା ପ୍ରଣାଳୀକୁ ସୁଦୃଢ କରିବାରେ ଏକ ମାଇଲଖୁଣ୍ଟ ସଦୃଶ ହୋଇଛି। ଏହି ଏୟାର ଡ୍ରପ ପରୀକ୍ଷଣର ମୂଳ ଲକ୍ଷ୍ୟ ଥିଲା ମହାକାଶରୁ ପୃଥିବୀକୁ ଫେରିବା ସମୟରେ ବ୍ୟବହୃତ ହେବାକୁ ଥିବା ପାରାଚୁଟ୍ ପ୍ରଣାଳୀ ଏବଂ କ୍ରୁ-ମଡ୍ୟୁଲର ସ୍ଥିରତାକୁ ଯାଞ୍ଚ୍ କରିବା। ଏକ ବିମାନ ସାହାଯ୍ୟରେ କ୍ରୁ- ମଡ୍ୟୁଲ୍‌ର ଏକ ପରୀକ୍ଷାମୂଳକ ସଂସ୍କରଣକୁ ବହୁ ଉଚ୍ଚତାରୁ ଆକାଶରୁ ଛଡ଼ା ଯାଇଥିଲା। ଅବତରଣ ସମୟରେ ପାରାଚୁଟ୍‌ଗୁଡ଼ିକ ଠିକ୍ ସମୟରେ ଖୋଲିବା, ମଡ୍ୟୁଲର ଗତି ନିୟନ୍ତ୍ରଣ କରିବା ଏବଂ ଜଳରାଶିରେ ସୁରକ୍ଷିତ ଭାବେ ଅବତରଣ କରିବା ଭଳି ଜଟିଳ ପ୍ରକ୍ରିୟାକୁ ଏଥିରେ ଅତି ସୂକ୍ଷ୍ମଭାବେ ନିରୀକ୍ଷଣ କରାଯାଇଥିଲା। ଗଗନଯାନ ମିଶନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନିରାପତ୍ତା। ଯଦି ମହାକାଶରେ କୌଣସି ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୁଏ, କିମ୍ବା ମିଶନକୁ ଅଧାରୁ ବନ୍ଦ କରିବାକୁ ପଡ଼େ, ତେବେ ମହାକାଶଜାରୀମାନେ କିପରି ସୁରକ୍ଷିତ ଭାବେ ପୃଥିବୀକୁ ଫେରିବେ, ତାହା ପରୀକ୍ଷଣ ଦ୍ୱାରା ନିଶ୍ଚିତ କରାଯାଇଛି। ଇସ୍ରୋର ବୈଜ୍ଞାନିକମାନେ ପାରାଚୁଟ୍‌ର କ୍ରମାନ୍ୱୟତା ଏବଂ ଅବତରଣ ସମୟରେ ମଡ୍ୟୁଲ୍‌ର ସନ୍ତୁଳନକୁ ନେଇ ବେଶ ଆଶାବାଦୀ ଅଛନ୍ତି। ଏହି ସଫଳତା ସହ ଭାରତ ବିଶ୍ୱର ସେହି କେତେକ ସୀମିତ ରାଷ୍ଟ୍ରଙ୍କ ତାଲିକାରେ ସାମିଲ ହେବାକୁ ଯାଉଛି, ଯେଉଁମାନଙ୍କ ପାଖରେ ନିଜସ୍ୱ ଜ୍ଞାନକୌଶଳରେ ମଣିଷକୁ ମହାକାଶକୁ ପଠାଇବାର କ୍ଷମତା ରହିଛି। ଆଗାମୀ ବର୍ଷ ନିର୍ଦ୍ଧାରିତ ଥିବା ମୁଖ୍ୟ ମିଶନ ପୂର୍ବରୁ ଏହା ଇସ୍ରୋର ବୈଷୟିକ ପରିପକ୍ୱତାକୁ ପ୍ରମାଣିତ କରିଛି। ଏହାପରେ ଇସ୍ରୋ ପରବର୍ତ୍ତୀ ପର୍ଯ୍ୟାୟରେ ମାନବବିହୀନ ମହାକାଶ ଯାନ ପ୍ରେରଣ କରିବାକୁ ପ୍ରସ୍ତୁତି ଚଳାଇଛି। ମହାକାଶଚାରୀଙ୍କୁ ମହାକାଶକୁ ପଠାଇ ଇତିହାସ ରଚିବା ପାଇଁ ଭାରତ ବର୍ତ୍ତମାନ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଇସ୍ରୋର ଏହି ନିରନ୍ତର ସଫଳତା ପ୍ରତିଟି ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ।

# ହୁମାୟୁନ୍ କବୀରଙ୍କ ଷ୍ଟିଙ୍ଗ୍ ଭିଡିଓକୁ ନେଇ ପଶ୍ଚିମବଙ୍ଗ ରାଜନୀତି ସରଗରମ୍

■ ୧, ୦୦୦ କୋଟିର ଡିଲ୍ ଓ ବିଜେପି ସହ ସମ୍ପର୍କ

■ ଭାଙ୍ଗିଲା ଏଆଇଏମ୍ଏମ୍- ଏଜେୟୁପି ମେଣ୍ଟ



କୋଲକାତା, ୧୦।୪(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ରାଜ୍ୟନୀତିରେ ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ତରଫରୁ ଜାରି କରାଯାଇଥିବା ଏକ କଥିତ 'ଷ୍ଟିଙ୍ଗ ଅପରେସନ' ଭିଡ଼ିଓରେ ପୂର୍ବତନ ଟିଏମ୍‌ସି ନେତା ତଥା ବର୍ତ୍ତମାନର ଆମ୍ ଜନତା ଉନ୍ନୟନ ପାର୍ଟି (ଏଜେୟୁପି) ମୁଖ୍ୟ ହୁମାୟୁନ କବୀରଙ୍କ ବିଜେପି ସହ ଗୁପ୍ତ ବୁଝାମଣା ଏବଂ ୧, ୦୦୦ କୋଟି ଟଙ୍କାର ଯୋଜନା ବାବଦରେ ଗୁରୁତର ଅଭିଯୋଗ ଆସିଛି। ଟିଏମ୍‌ସି ଦ୍ୱାରା ଜାରି କରାଯାଇଥିବା ଏହି ଭିଡ଼ିଓରେ କଥିତ ଭାବେ ହୁମାୟୁନ କବୀର ଦାବି କରୁଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଓ ବିଜେପିର ବରିଷ୍ଠ ନେତାଙ୍କ ସହ ଯୋଗାଯୋଗରେ ଅଛନ୍ତି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କୁ ପରାସ୍ତ କରିବା ପାଇଁ ୧, ୦୦୦ କୋଟି ଟଙ୍କାର ଏକ ରଣନୀତି ପ୍ରସ୍ତୁତ କରାଯାଇଛି, ଯେଉଁଥିରୁ ୨୦୦ କୋଟି ଟଙ୍କା ଅଗ୍ରୀମ ଭାବେ ମିଳିସାରିଛି। ଏହି ଅର୍ଥ ବିନିମୟରେ ମୁସ୍‌ଲିମ ଭୋଟକୁ ଟିଏମ୍‌ସିଠାରୁ ଦୂରେଇ ନେଇ ବିଜେପିକୁ ଫାଇଦା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଅଭିଯୋଗ ହୋଇଛି। ଏହି ଭିଡ଼ିଓରେ କବୀର କଥିତ ଭାବେ କହୁଛନ୍ତି ଯେ, ମୁସଲମାନଙ୍କୁ ବୋକା ବନାଇବା ସହଜ। ବାବ୍ରି ମସଜିଦ୍ ପ୍ରସଙ୍ଗକୁ ବ୍ୟବହାର କରି ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟକୁ ବିଭାଜନ କରିବାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା କୁହାଯାଇଛି। ଶୁଭେନ୍ଦୁ ଅଧିକାରୀ ଓ ହିମନ୍ତ ବିଶ୍ୱ ଶର୍ମାଙ୍କ ଭଳି ନେତାଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିବା ଏହି ଭିଡ଼ିଓରେ ଦାବି କରାଯାଇଛି। ତେବେ ହୁମାୟୁନ କବୀର ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ଏହା ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)-ଜନିତ ଫେକ୍ ବା ନକଲି ଭିଡ଼ିଓ ବୋଲି କହିଛନ୍ତି।

ଏହି ବିବାଦୀୟ ଭିଡ଼ିଓ ସାମ୍ନାକୁ ଆସିବା ପରେ ଆସାଦୁଦ୍ଦିନ ଓୱେସିଙ୍କ ନେତୃତ୍ୱାଧୀନ ଏଆଇଏମ୍ଆଇଏମ୍ ତୁରନ୍ତ ହୁମାୟୁନ କବୀରଙ୍କ ପାର୍ଟି ସହ ମେଣ୍ଟ ଭାଙ୍ଗିବାକୁ ଘୋଷଣା କରିଛି। ଏଆଇଏମ୍ଆଇଏମ୍ ପକ୍ଷରୁ କୁହାଯାଇଛି ଯେ, ଯେଉଁଠାରେ ମୁସଲିମ୍‌ମାନଙ୍କର ସ୍ୱାଭିମାନ ଓ ନିଷ୍ଠା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ, ସେଠାରେ ସେମାନେ ରହିପାରିବେ ନାହିଁ। ବର୍ତ୍ତମାନ ଏଆଇଏମ୍ଆଇଏମ୍ ପଶ୍ଚିମବଙ୍ଗରେ ସବୁ ୨୯୪ଟି ଆସନରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ବିଧାନସଭାର ଠିକ୍ ପୂର୍ବରୁ ଏହି ଷ୍ଟିଙ୍ଗ ଅପରେସନ ରାଜ୍ୟର ରାଜନୈତିକ ସମୀକରଣକୁ ବଦଳାଇ ଦେଇଛି। ଗୋଟିଏ ପଟେ ଟିଏମ୍‌ସି ଏହାର ତଦନ୍ତ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି)ର ତଦନ୍ତ ଦାବି କରିଥିବା ବେଳେ, ଅନ୍ୟପଟେ କବୀର ଏହାକୁ ଏକ ଷଡ଼ଯନ୍ତ୍ର ବୋଲି କହି ମାନହାନି ମକଦ୍ଦମା କରିବାକୁ ଚେତାବନୀ ଦେଇଛନ୍ତି। ଏବେ ଏହି ଘଟଣା ସଂଖ୍ୟାଲଘୁ ଭୋଟରଙ୍କ ମନରେ କି ପ୍ରଭାବ ପକାଉଛି, ତାହା ଆଗାମୀ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେବ। ସୂଚନାଯୋଗ୍ୟ ଯେ, ପଶ୍ଚିମବଙ୍ଗରେ ନିର୍ବାଚନ ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏପ୍ରିଲ ୨୩ରେ ପ୍ରଥମ ଓ ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ମେ ୪ରେ ଫଳାଫଳ ଘୋଷଣା ହେବ।



ମାଲେସିଆ ଓପନ୍: ପ୍ରତ୍ୟାଶାଙ୍କୁ ରୌପ୍ୟ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-283 ♦SATURDAY ♦11 APRIL 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୮୩ ♦ଶନିବାର ♦୧୧ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଇସ୍ତଫା ଦେଲେ ଜଷ୍ଟିସ୍ ଯଶବନ୍ତ ବର୍ମା

### ଘରୁ ମିଳିଥିଲା କୋଟି କୋଟି ଟଙ୍କାର ପୋଡ଼ା ନୋଟ

■ ପ୍ରୟାଗରାଜ, ୧୦।୪ (ଏଜେନ୍ସି): ଶେଷରେ ଆଲ୍ଲାହାବାଦ୍ ହାଇକୋର୍ଟର ବିଚାରପତି ଯଶବନ୍ତ ବର୍ମା ଇସ୍ତଫା ଦେଇଛନ୍ତି। ଫଳରେ ତାଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦୀୟ ଅଧ୍ୟାୟରେ ନୂଆ ମୋଡ଼ ଆସିଛି। ଯେଉଁ ଦିନ ତାଙ୍କୁ ସଂସଦୀୟ ତଦନ୍ତ କମିଟି ନିକଟରେ ନିଜର ପକ୍ଷ ରଖିବାକୁ ଥିଲା, ଠିକ୍ ସେହି ଦିନ ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଗୁରୁବାର ସେ ନିଜର ଇସ୍ତଫାପତ୍ର ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ ଦେଇଥିବା ସୂଚନା ମିଳିଛି।



**ନିଜର ପକ୍ଷ ରଖିବା ଦିନ ହିଁ ପଦ ଛାଡ଼ିଲେ**

**ଇସ୍ତଫା ପରେ ଅଟକିଯିବ ମହାଅଭିଯୋଗ ପ୍ରକ୍ରିୟା**

**ମିଳିବ ପେନସନ ସୁବିଧା**

ସୂତ୍ର ଅନୁସାରେ, ତଦନ୍ତ କମିଟି ପକ୍ଷରୁ ଜଷ୍ଟିସ ବର୍ମାଙ୍କୁ ଏପ୍ରିଲ ୧୦ରୁ ୧୪ ତାରିଖ ମଧ୍ୟରେ ନିଜର ସଫେଇ ତଥା ଯୁକ୍ତି ଉପସ୍ଥାପନ କରିବାକୁ ସମୟ ଦିଆଯାଇଥିଲା। ମାର୍ଚ୍ଚ ମାସରେ ପ୍ରସିକ୍ୟୁସନ ପକ୍ଷରୁ ଯୁକ୍ତି ଶେଷ ହେବା ସହ ତାଙ୍କ ବିରୋଧରେ ୯ ଜଣ ପ୍ରମୁଖ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ତଦନ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ନିଜର ପକ୍ଷ ରଖିବା ପରିବର୍ତ୍ତେ ସେ ପଦ ଛାଡ଼ିବାକୁ ଶ୍ରେୟସ୍କର ମନେ କରିଛନ୍ତି।

ଲୋକସଭା ସଚିବାଳୟର ସୂତ୍ର ଅନୁଯାୟୀ, ଜଷ୍ଟିସ ବର୍ମାଙ୍କ ଇସ୍ତଫା ପରେ ତାଙ୍କ ବିରୋଧରେ ଚାଲିଥିବା ମହାଭିଯୋଗ ପ୍ରକ୍ରିୟା ଏବେ ସ୍ୱତଃ ବନ୍ଦ ହୋଇଯିବ। ଏହି ନିଷ୍ପତ୍ତି ପଛରେ ଏକ ବଡ଼ ଆଇନଗତ କାରଣ ରହିଛି। ଯଦି ଜଣେ ବିଚାରପତି ସଂସଦ ଦ୍ୱାରା ମହାଭିଯୋଗ ମାଧ୍ୟମରେ ପଦରୁ ବହିଷ୍କୃତ ହୁଅନ୍ତି, ତେବେ ସେ ଅବସରକାଳୀନ ପେନସନ ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ପାଇବାକୁ ଅଯୋଗ୍ୟ ହୋଇଥା'ନ୍ତି। ଏବେ ସେ ନିଜେ ଇସ୍ତଫା ଦେବା ଦ୍ୱାରା ଏହି ସମସ୍ତ ଆର୍ଥିକ ସୁବିଧା ଓ ପେନ୍‌ସନ ପାଇବାକୁ ହକ୍‌ଦାର ରହିବେ।

ଉଲ୍ଲେଖଥାଉ କି, ୨୦୨୫ ମାର୍ଚ୍ଚ ୧୪ରେ ଜଷ୍ଟିସ ବର୍ମାଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଏକ ଅଗ୍ନିକାଣ୍ଡ ଘଟିଥିଲା ଓ ୫୦୦ ଟଙ୍କିଆ ନୋଟ୍ ବିଡ଼ା ପୋଡ଼ି ଯାଉଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ତାଙ୍କ ନାମରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଥିଲା। ସେ ସମୟରେ ସେ ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟରତ ଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଅଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା ଏବଂ ତାଙ୍କୁ କୌଣସି ନ୍ୟାୟିକ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇ ନଥିଲା। ଜଷ୍ଟିସ ବର୍ମାଙ୍କ ଅପ୍ରତ୍ୟାଶିତ ଇସ୍ତଫା ବିଚାର ବିଭାଗରେ ଏକ ଚର୍ଚ୍ଚା ବିଷୟ ପାଲଟିଛି। ଯଦିଓ ନିଜ ଇସ୍ତଫା ପତ୍ରରେ ▶ପୃଷ୍ଠା-୭

## ଯମୁନାରେ ନୌକାବୁଡ଼ି ୧୦ ମୃତ



■ ମଥୁରା, ୧୦।୪ (ଏଜେନ୍ସି): ଉତ୍ତରପ୍ରଦେଶର ମଥୁରା ଜିଲ୍ଲା ଅନ୍ତର୍ଗତ ପବିତ୍ର ବୃନ୍ଦାବନଠାରେ ଶୁକ୍ରବାର ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରାୟ ୩୦ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଷ୍ଟିମର ନୌକା ଯମୁନା ନଦୀରେ ଏକ ପୋଲରେ ଧକ୍କା ଖାଇ ଓଲଟି ପଡ଼ିବାରୁ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ରାତି ସୁଦ୍ଧା ୧୦ରୁ ଅଧିକ ପର୍ଯ୍ୟଟକଙ୍କ ପତ୍ତା ମିଳିନାହିଁ।

**୧୦ରୁ ଊର୍ଦ୍ଧ୍ୱ ନିଖୋଜ**

**ନବୀନଙ୍କ ଶୋକ**

ସୂଚନା ଅନୁଯାୟୀ, ସ୍ଥାନୀୟ ବାସିନ୍ଦାଙ୍କ ସମେତ ଅନେକ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏହି ନୌକାଟି ବୃନ୍ଦାବନର ଏକ ପୋଲ ସହ ଧକ୍କା ହେବା ଫଳରେ ନଦୀର ଗଭୀର ଜଳରେ ଓଲଟି ପଡିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ଏହି ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ରିପୋର୍ଟ ଅନୁସାରେ, ଏବେ ୧୦ରୁ ଅଧିକ ଯାତ୍ରୀ ନିଖୋଜ ଅଛନ୍ତି। ସ୍ଥାନୀୟ ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ▶ପୃଷ୍ଠା-୭

# ଆଠ ମାସ ପରେ ପଞ୍ଚାୟତ ଭୋଟ୍

## ଚଳିତ ମାସ ୩୦ ସୁଦ୍ଧା ସରିବ ସଂରକ୍ଷଣ ବ୍ୟବସ୍ଥା

■ ଭୁବନେଶ୍ୱର, ୧୦।୪ (ସମିସ): ଆଉ ୮ ମାସ ପରେ ପଞ୍ଚାୟତ ଭୋଟ। ଏଥିପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଆରମ୍ଭ କରିଛନ୍ତି ପ୍ରସ୍ତୁତି। ଚଳିତ ମାସ ଶେଷ ସୁଦ୍ଧା ପଞ୍ଚାୟତଗୁଡ଼ିକରେ ସଂରକ୍ଷଣ କାର୍ଯ୍ୟ ଶେଷ ପାଇଁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି ପଞ୍ଚାୟତିରାଜ ବିଭାଗ। ପଞ୍ଚାୟତଗୁଡ଼ିକରେ ୱାର୍ଡ ମେମ୍ବର, ସରପଞ୍ଚ ଓ ସମିତି ସଭ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ମଧ୍ୟରେ ଆପତ୍ତି ଅଭିଯୋଗ କରାଯାଇ ପାରିବ। ସେହିପରି ୨୪ ତାରିଖ ମଧ୍ୟରେ ଅଭିଯୋଗଗୁଡ଼ିକର ଶୁଣାଣି ଓ ୨୯ ତାରିଖ ସୁଦ୍ଧା ଚୂଡ଼ାନ୍ତ



**ନିର୍ବାଚନକୁ ପ୍ରଭାବିତ କରିବନି ଜନଗଣନା**

**ପୂର୍ବ ପରି ମହିଳାଙ୍କ ପାଇଁ ରହିବ ୫୦% ସଂରକ୍ଷଣ**

**୨୦୨୨ରେ ବିଜେଡିକୁ ମିଳିଥିଲା ୫୩% ଭୋଟ୍**

ସଂରକ୍ଷଣ ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯିବ। ଅନୁରୂପ ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଆସନ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ ଏବଂ ୨୭ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି ହେବ ଓ ୩୦ସୁଦ୍ଧା ଚୂଡ଼ାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯିବ। ଏହା ବ୍ୟତୀତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ମଧ୍ୟ ଆସନ ସଂରକ୍ଷଣ ରହିବ। ଏହି ଆଧାରରେ ୧୩ରେ ଚିଠା ବିଜ୍ଞପ୍ତି ଏବଂ ୨୯ରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ। ପୂର୍ବ ନିର୍ବାଚନ ସଂରକ୍ଷଣ ନୀତି ଅନୁସାରେ ସଂରକ୍ଷଣ ୫୦ ପ୍ରତିଶତ ମଧ୍ୟରେ ରହିବ, ଏହା ସହ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ଯାଏଁ ସଂରକ୍ଷଣ ରହିବ ବୋଲି ଚିଠିରେ ଦର୍ଶାଯାଇଛି। ଗତ ନିର୍ବାଚନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଥିବା ବେଳେ ଏଥର ମଧ୍ୟ ଏହି ନିୟମ ଅନୁପାଳନ କରାଯିବ।

ସମ୍ପ୍ରତି ବିଭିନ୍ନ ରାଜ୍ୟରେ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଏହା ଦୀର୍ଘ ସମୟ ଧରି ଚାଲିବ। ମାତ୍ର ଏହି ଜନଗଣନା କାର୍ଯ୍ୟ ରାଜ୍ୟରେ ପଞ୍ଚାୟତ ନିର୍ବାଚନକୁ ପ୍ରଭାବିତ କରିବ ନାହିଁ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନ ମଧୁସୂଦନ ପାଢ଼ୀ। ସେ କହିଛନ୍ତି ଯେ ଆଇନ ଅନୁଯାୟୀ ଭାରତୀୟ ନିର୍ବାଚନ କମିସନଙ୍କ ସଦ୍ୟ ଭୋଟର ତାଲିକାକୁ ଆଧାର କରି ନିର୍ବାଚନ ହୋଇଥାଏ। ଏହା ଜନଗଣନା ଦ୍ୱାରା ପ୍ରଭାବିତ ହୁଏ ନାହିଁ। ସରକାର ସଂରକ୍ଷଣ ବ୍ୟବସ୍ଥା ▶ପୃଷ୍ଠା-୭

## ୧୧ ପ୍ରସ୍ତାବକୁ କ୍ୟାବିନେଟ ମୋହର



■ ଭୁବନେଶ୍ୱର, ୧୦।୪ (ସମିସ): ଆଗକୁ ପଞ୍ଚାୟତ ନିର୍ବାଚନ । ଏଥିପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ପ୍ରସ୍ତୁତି । କେନ୍ଦ୍ର ସରକାର ଜଳ ଜୀବନ ମିଶନରେ ଅନୁଦାନ ହ୍ରାସ ପରେ ଅଟକି ରହିଥିବା ପାନୀୟ ଜଳ ପ୍ରକଳ୍ପକୁ ଆଗେଇ ନେବା ଓ ଲୋକଙ୍କୁ ଜଳ ଯୋଗାଣ ପାଇଁ ସରକାର ଆଣିଛନ୍ତି ନୂଆ ନୀତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ 'ଗ୍ରାମୀଣ ପାନୀୟ ଜଳ ଯୋଗାଣ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନୀତି-୨୦୨୬' ସହ ୫ ବିଭାଗର ୧୧ ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏ ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦେଇଛନ୍ତି। କ୍ୟାବିନେଟ୍ ବୈଠକରେ ଶକ୍ତି ବିଭାଗର ଗୋଟେ,

**▶▶ ଗାଁରେ ପାନୀୟ ଜଳ ଯୋଗାଣ ଲାଗି ନୂତନ ନୀତି**

**▶▶ 'ଅଟଳ ବସ୍ ଷ୍ଟାଣ୍ଡ' ପାଇଁ ୩୪୦୦ କୋଟି ବରାଦ**

**▶▶ ଜଳସମ୍ପଦ ବିଭାଗର ୫ଟି ପ୍ରକଳ୍ପକୁ ଅନୁମୋଦନ**

ଶ୍ରମ ବିଭାଗର ୩, ପରିବହନ ବିଭାଗର ଗୋଟେ, ଜଳସମ୍ପଦ ବିଭାଗର ୫ ଓ ପଞ୍ଚାୟତିରାଜ ବିଭାଗର ଗୋଟିଏ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିରେ ଜଳସମ୍ପଦ ବିଭାଗର ୫ ଟେଣ୍ଡରକୁ ଅନୁମୋଦନ ଦିଆଯାଇଛି। ଏହା ସହ ଅଟଳ ବସଷ୍ଟାଣ୍ଡ ଯୋଜନାକୁ ଅନୁମୋଦନ ମିଳିଥିବା ନେଇ ମୁଖ୍ୟ ଶାସନ ସଚିବ କହିଛନ୍ତି।

ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ନୂତନ ପାନୀୟ ଜଳ ଯୋଗାଣ ନୀତି ଗ୍ରାମାଞ୍ଚଳରେ ନିରନ୍ତର ଓ ନିର୍ଭରଯୋଗ୍ୟ ପାନୀୟ ଜଳ ସେବା ପ୍ରଦାନ କରିବ। ଓଡ଼ିଶା 'ଜଳ ଜୀବନ ମିଶନ' ଓ ସରକାରଙ୍କ ବିଭିନ୍ନ ପଦକ୍ଷେପ ଦ୍ୱାରା ଗ୍ରାମୀଣ ପରିବାରକୁ ▶ପୃଷ୍ଠା-୭

### ଶିଶୁକନ୍ୟାକୁ ଦୁଷ୍କର୍ମ ହତ୍ୟା

## ଦୁଷ୍କର୍ମକାରୀକୁ ମୃତ୍ୟୁଦଣ୍ଡ

■ ଅନୁଗୋଳ, ୧୦।୪ (ସମିସ): ୨୦୨୫ ମାର୍ଚ୍ଚ ୧୩ ତାରିଖ ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ୫ବର୍ଷର ଜଣେ ଶିଶୁକନ୍ୟାକୁ ଦୁଷ୍କର୍ମ ଓ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଅନୁଗୋଳ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ମାମଲାର ବିଚାର କରି ଦୋଷୀକୁ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଦୋଷୀ ସାବ୍ୟସ୍ତ ଯୁବକ ହେଲେ, ଜରପଡ଼ା ଥାନା ଜେରେଙ୍ଗ ଦେହୁରୀସାହିର ବାବୁଲା ଜେନା। ଭାରତୀୟ ନ୍ୟାୟ ସଂହିତା ନୂତନ ଆଇନ ପ୍ରଣୟନ ପରେ ତ୍ୱରିତ ନ୍ୟାୟ ପ୍ରଦାନରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଏହା ପ୍ରଥମ ମୃତ୍ୟୁ ଦଣ୍ଡାଦେଶ। ୩୨ଜଣ ସାକ୍ଷୀଙ୍କ ବୟାନ, ସମସ୍ତ ପ୍ରମାଣ ଏବଂ ସାଇଣ୍ଟିଫିକ୍ ରିପୋର୍ଟ ଆଧାରରେ ବିଚାରପତି ସୌମ୍ୟା ପ୍ରିୟଦର୍ଶିନୀ ଏହି ରାୟ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବାବୁଲା ଜେନା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରେ। ୨୦୨୫ ମାର୍ଚ୍ଚ ୧୩ ତାରିଖ ଅପରାହ୍ଣ ପ୍ରାୟ ୨ଟାରେ ଶିଶୁକନ୍ୟାଜଣକ ନିଜ ଘର ସାମ୍ନାରେ ଖେଳୁଥିଲା। ବାବୁଲା ଶିଶୁଟିକୁ ପ୍ରଲୋଭିତ କରି ରହୁଥିବା ଘର ଭିତରକୁ ନେଇ ଦୁଷ୍କର୍ମ କରିବା ପରେ ହତ୍ୟା କରିଥିଲା। ପରେ ମୃତ ଶରୀରକୁ ନିକଟସ୍ଥ ଜଙ୍ଗଲିଆ ଗଛ ମୂଳରେ ଫିଙ୍ଗି ଦେଇଥିଲା। ପରିବାରଲୋକ ଝିଅକୁ ନ ପାଇ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇନଥିଲେ। ପରଦିନ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ ▶ପୃଷ୍ଠା-୭

## ଦିଲ୍ଲୀ ଗଲେ ନବୀନ



■ ଭୁବନେଶ୍ୱର, ୧୦।୪ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତ କରିଛନ୍ତି। ଶୁକ୍ରବାର ପୂର୍ବାହ୍ଣରେ ନବୀନ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ବଡ଼ ଭାଇ ପ୍ରେମ୍ ପଟ୍ଟନାୟକଙ୍କର ଦୁଇ ଦନ ତଳେ ହୃତ୍‌ପିଣ୍ଡ ଜନିତ ଅସ୍ତ୍ରୋପଚାର ହୋଇଥିବାରୁ ତାଙ୍କୁ ଭେଟିବା ପାଇଁ ନବୀନ ଦିଲ୍ଲୀ ଗସ୍ତ କରିଛନ୍ତି। ଶୁକ୍ରବାର ନବୀନଙ୍କ ଗସ୍ତ ସମୟରେ ବିମାନବନ୍ଦର ପରିସରରେ ବିଜେଡିର ବହୁ ନେତା ଉପସ୍ଥିତ ଥିବା ଦେଖାଯାଇଥିଲା। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସାଂସଦ ଡଃ ସଂତୃପ୍ତ ମିଶ୍ର, ସୁଲତା ଦେଓ, ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ଅଶୋକ ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ସୁଶାନ୍ତ ରାଉତ, ସଞ୍ଜୟ ଦାସବର୍ମା, ଟୁକୁନି ସାହୁ ପ୍ରମୁଖ ବିମାନବନ୍ଦରରେ ଉପସ୍ଥିତ ରହିଥିଲେ।


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in




# ବିଜେପିରେ 'ମେଟ୍ରୋ' ବିଭାଜନ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ଅପରାଜିତା

■ ଭୁବନେଶ୍ୱର, ୧୦।୪ (ସମିସ): ଦ୍ୱୈତ ନଗରୀରେ ମେଟ୍ରୋ ଚଳାଚଳ ପ୍ରକଳ୍ପରେ ପୂର୍ଣ୍ଣଚ୍ଛେଦ ପକାଇବା ଏବେ ରାଜ୍ୟ ବିଜେପି ପାଇଁ ବୁମେରାଂ ସାବ୍ୟସ୍ତ ହେବାରେ ଲାଗିଛି। ଯେଉଁ ବିଜେପି ୨୦୨୩ରେ ମେଟ୍ରୋ ପ୍ରକଳ୍ପ ବିଳମ୍ବିତ ହେଉଥିବା ସଂକ୍ରାନ୍ତରେ ତତ୍‌କାଳୀନ ସରକାରଙ୍କୁ ସମାଲୋଚନା କରିଥିଲା, ସେହି ବିଜେପି କ୍ଷମତାକୁ ଆସିବା ପରେ ମେଟ୍ରୋ ପ୍ରକଳ୍ପରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ନେଇ ବିଜେପିର ଶୀର୍ଷ ନେତାଙ୍କ ମଧ୍ୟରେ ସୃଷ୍ଟି କରିଛି ବିଭେଦ । ପ୍ରକଳ୍ପ ବନ୍ଦ ଓ ଦିଲ୍ଲୀ ମେଟ୍ରୋ ସହ ବୁଝାମଣାକୁ ରଦ୍ଦ ନିଷ୍ପତ୍ତିକୁ ଉଭୟ ବିଜେଡି ଓ

**ଜନହିତ କାର୍ଯ୍ୟରେ ହିସାବ କରାଯାଏନି ଲାଭ-କ୍ଷତି**

**ପ୍ରକଳ୍ପ ସଂକ୍ରାନ୍ତରେ ନିଷ୍ପତ୍ତିର ପୁନର୍ବିଚାର ଅନୁରୋଧ**

**କ୍ୟାବିନେଟ ନିଷ୍ପତ୍ତି ଓ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ଦ୍ୱନ୍ଦ୍ୱ**



କଂଗ୍ରେସ ଆରମ୍ଭରୁ ବିରୋଧ କରିଥିବାବେଳେ ଏବେ ସେଥିରେ ସ୍ୱର ମିଳାଇଛନ୍ତି ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ। ଜନହିତ ପ୍ରସଙ୍ଗଗୁଡ଼ିକରେ ଲାଭକ୍ଷତି ହିସାବ କରାଯାଏ ନାହିଁ ବୋଲି ଉଲ୍ଲେଖ କରି ଅପରାଜିତା ମେଟ୍ରୋ ପ୍ରକଳ୍ପର କାର୍ଯ୍ୟକାରିତା ସଂକ୍ରାନ୍ତରେ ପୁନର୍ବିଚାର ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲେଖିଛନ୍ତି ଦୀର୍ଘ ଚିଠି।

ଅତ୍ୟନ୍ତ ବ୍ୟବସ୍ଥିତ ଭାବରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଭୁବନେଶ୍ୱର ମେଟ୍ରୋର ପ୍ରାସଙ୍ଗିତା ଓ ଆବଶ୍ୟକତା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହା ସହିତ ବାରମ୍ବାର ମେଟ୍ରୋ ପ୍ରସଙ୍ଗରେ ଲାଭକ୍ଷତିର ଅଙ୍କ କଷୁଥିବା ନିଜ ଦଳର ସହଯୋଗୀ ବିଧାୟକ ବାବୁ ସିଂ ଓ ପୂର୍ବମନ୍ତ୍ରୀ ପୃଥ୍ୱୀରାଜ ▶ପୃଷ୍ଠା-୭

## ହସ୍ତାନ୍ତର ହୋଇପାରୁନି ୧୦୦ ଶଯ୍ୟା ଛାତ୍ରୀ ନିବାସ

# ଅସୁବିଧାରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀ

ଯୋଡ଼ା, ୧୦।୪(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଲହଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ହଷ୍ଟେଲଟି ଏବେ ଭୂତକୋଠିରେ ପରିଣତ ହେବାକୁ ବସିଛି। ଛାତ୍ରୀନିବାସଟି କାର୍ଯ୍ୟକ୍ଷମ ହୋଇପାରୁ ନଥିବାରୁ ଏହା ଲକ୍ଷ୍ୟଚ୍ୟୁତ ହେବାରେ ଲଗିଛି। ଜଙ୍ଗଲ, ଲଟାବୁଦାରେ ପରିପୂର୍ଣ୍ଣ ହୋଇ ପଡ଼ି ରହିଛି। ଗ୍ରାମୀଣ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ଯୋଗାଇ ଦେବା ଉଦ୍ଦେଶ୍ୟ ନେଇ ନିର୍ମାଣ ହୋଇଥିବା ଆଦର୍ଶ ବିଦ୍ୟାଳୟଟିରେ ଯୋଡ଼ା ବ୍ଲକର ଉପାନ୍ତ ଅଞ୍ଚ୍ଳ, ଦୂର ଅଞ୍ଚଳର ଛାତ୍ରୀମାନେ ରହି ପାଠ ପଢ଼ିବାରେ ନାନାଦି ଅସୁବିଧା ଭୋଗୁଛନ୍ତି। ଯୋଡ଼ା ବ୍ଲକର ୧୯ଟି ପଞ୍ଚାୟତରୁ ଶତାଧିକ ଛାତ୍ରୀ ହଷ୍ଟେଲ ସୁବିଧା ନ ଥିବା ହେତୁ ମାଗଣା ଓ ଉନ୍ନତ




ଶିକ୍ଷାପ୍ରାପ୍ତିରୁ ବଞ୍ଚିତ ରହୁଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଯୋଡ଼ା ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ। ଏଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ଅନେକ ପିଲା ପାଠ ପଢ଼ିବା ପାଇଁ ନିର୍ଭର କରୁଥିଲେ ମଧ୍ୟ ହଷ୍ଟେଲ ସୁବିଧା ନ ଥିବାରୁ ବହୁ ଛାତ୍ରୀ ପାଠ ପଢିବାରୁ ବଞ୍ଚିତ ହେଉଛନ୍ତି।

ଏଠାରେ ପ୍ରକାଶଥାଉ କି, ଗତ ୨୦୧୬ ମସିହାରେ ସ୍ଥାପିତ ଏହି ଆଦର୍ଶ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସକୁ କରିବା ପାଇଁ ଓମ୍ବାଡିସି ପାଣ୍ଠି ୨ କୋଟି ୯ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦୀପକ କୁମାର ଜେନା ନାମକ ଠିକାଦାରଙ୍କୁ ଗତ ୨୦୨୧ ଜାନୁଆରୀ ୨୩ ତାରିଖରେ ଦିଆଯାଇଥିଲା। ତେବେ ଏହି ପ୍ରକଳ୍ପକୁ ସାରିବା ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଅର୍ଥାତ ୨୨/୦୮/୨୨ ସୁଦ୍ଧା ସାରିବା ପାଇଁ ଉଲ୍ଲେଖ କରାଯାଇଥିଲା। ପ୍ରକଳ୍ପ ନିର୍ମାଣ ପାଇଁ ସମୟସୀମାର ୪ ବର୍ଷ ବିତିଯାଇଥିଲେ ସୁଦ୍ଧା ଠିକାଦାର କାମ ସମ୍ପୂର୍ଣ୍ଣ ନ କରି ଉଭାନ ହୋଇଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସ୍ଥିତି ଏପରି ଯେ ଏହି ଛାତ୍ରୀ ନିବାସଟି ଏବେ ବଣ ଜଙ୍ଗଲ ଘେରରେ ଭର୍ତ୍ତି ହୋଇ ଭୂତକୋଠି ହେବାକୁ ବସିଛି। ଅର୍ଦ୍ଧନିର୍ମିତ ଏହି ଘରଗୁଡିକ ଏବେ ଗଞ୍ଜେଇ, ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କହିଛନ୍ତି ଯେ ଏହି ହଷ୍ଟେଲଟି ୫୨୦ ନମ୍ବର ଜାତୀୟ ରାଜପଥକୁ ଲାଗିଥିବାରୁ ଅନେକ ସମୟରେ ଏଠାରୁ ଚୋରି ହେବା ସହ ଅସାମାଜିକ ଲୋକଙ୍କ ପେଣ୍ଠସ୍ଥଳ ପାଲିଟିଛି। ପୂର୍ବରୁ ଏପରି କିଛି ଦୁର୍ବୃତ୍ତ ଖଣ୍ଡା ଭୁଜାଲି ଦେଖାଇ ଜଗୁଆଳିଙ୍କୁ ଗୋଟିଏ ଗୃହରେ ତାଲା ପକାଇ ପଙ୍ଖା, ଇଲେକ୍ଟ୍ରି ତାର ସମେତ ଅନେକ ମୂଲ୍ୟବାନ ଜିନିଷ ଚୋରି କରିଥିଲେ। ଏନେଇ ଥାନାରେ ଅନେକ ଥର ଲିଖିତ ଅଭିଯୋଗ ଦିଆଯାଇଛି। ବାରମ୍ବାର ଏଭଳି ଚୋରି ହେବାରୁ ବିଦ୍ୟାଳୟକୁ ହଷ୍ଟେଲଟି ହସ୍ତାନ୍ତର ପାରୁନାହିଁ ବୋଲି ସ୍କୁଲ ଅଧ୍ୟକ୍ଷ କହିଛନ୍ତି। ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ଘଟଣାଟିକୁ ଗମ୍ଭୀରତା ସହ ନେଇ ତୁରନ୍ତ ହଷ୍ଟେଲ ନିର୍ମାଣ କାର୍ଯ୍ୟ ସାରିବା ଦରକାର ବୋଲି ଲୋକେ ଦାବି କରିଛନ୍ତି। ତେବେ ଉପରୋକ୍ତ ଅସୁବିଧାଗୁଡ଼ିକର ସମାଧାନ କରି ବିଦ୍ୟାଳୟକୁ ହଷ୍ଟେଲଟି ହସ୍ତାନ୍ତର କରାଗଲେ ପାଠ ପଢ଼ାରୁ ବଞ୍ଚିତ ଅନେକ ଛାତ୍ରୀ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

● ଅଁରା ଗାଁରେ ବିଧବାଙ୍କୁ ନିର୍ଯାତନା ଘଟଣା

## ମନୋରମାଙ୍କ ଘର ଛପର କରାଇଲେ ଗ୍ରାମବାସୀ

ହାଟଡ଼ିହୀ,୧୦।୪(ସମିସ): ନନ୍ଦିପଦା ଥାନା ଅଁରା ଗ୍ରାମରେ ଗତକାଲି ଗ୍ରାମର କିଛି ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ସ୍ୱର୍ଗତ ମହେଶ୍ୱର ନାୟକଙ୍କ ପତ୍ନୀ ମନୋରମା ନାୟକଙ୍କୁ ଗତ ପାଞ୍ଚଦିନ ପୂର୍ବରୁ ଗ୍ରାମର ଗୌରାଙ୍ଗ ନିର୍ଯାତନା ଦେବା ଏବଂ ଘର ଛପର ଭାଙ୍ଗିବା ସହ ଘର ସମ୍ମୁଖରେ ବାଡ଼ ବୁଜିବା ଭଳି ଦୃଶ୍ୟ ଦେଖାଯାଇଥିଲା। ଏକାବେଳେ କାଳବୈଶାଖୀରେ ଅସହାୟ ମନୋରମାଙ୍କ ଚାଳଘର ଛପର ନଷ୍ଟ ହେବା ଏବଂ ଗୌରାଙ୍ଗ ଜେନାଙ୍କ ପରିବାର



ଲୋକେ ତାଙ୍କୁ ଅକଥନୀୟ ଅତ୍ୟାଚାର କରି ଘରୁ ବାହାର କରିଦେବା ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ସ୍ତବ୍ଧ କରିଦେଇଥିଲା। ଆଜି ଅଭିମନ୍ୟୁ ପରିଡ଼ାଙ୍କ ସହଯୋଗରେ ଅନିରୁଦ୍ଧ ନାୟକ, ନାରାୟଣ ଦାସ, ହରିହର ଜେନା, ଯୋଗେନ୍ଦ୍ର ଜେନା, ଶ୍ରୀଧର ବେହେରା, ମାନକୁମାର ଦାସ, ନବଘନ ଖଣ୍ଡେଇ, ପ୍ରଦୀପ ନାୟକ, ନାରାୟଣ ପରିଡା, ନିରଞ୍ଜନ ପରିଡ଼ା, ଅର୍ଜୁନ ଜେନା, ମଣ୍ଟୁ ଜେନା, ଜିତେନ୍ଦ୍ର ପରିଡ଼ା, କାର୍ତ୍ତିକଶ୍ୱର ଖଣ୍ଡେଇ, ନବଘନ ଦାସ, ଅଶୋକ ଦାସ, ପଦ୍ମନାଭ ଦାସ, କଳ୍ପତରୁ ଜେନା, ସଞ୍ଜୟ ଜେନା ଛାଉଣୀ ମିସ୍ତ୍ରିଙ୍କ ଦ୍ୱାରା ଛପର କରାଇଛନ୍ତି। ଅସହାୟ ମହିଳାଙ୍କୁ ସାହାଯ୍ୟର ହାତ ବଢ଼ାଇ ଥିବାରୁ ସମସ୍ତ ଭଦ୍ରବ୍ୟକ୍ତିଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

● ଓଡ଼ିଆ ପକ୍ଷ

## ଧରଣୀଧର ବିଶ୍ୱବିଦ୍ୟାଳୟରେ ବହିହାଟ ଓ କବିତା ପାଠୋତ୍ସବ

କେନ୍ଦୁଝର, ୧୦।୪(ସମିସ): ଓଡ଼ିଆ ପକ୍ଷ ଅବସରରେ ଧରଣୀଧର ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଆ ବିଭାଗ ଦ୍ୱାରା ଆୟୋଜିତ ହୋଇଯାଇଛି "ଆସ ବହିଟିଏ କିଣିବା ଏବଂ କବିତା ପାଠୋତ୍ସବ' କାର୍ଯ୍ୟକ୍ରମ। କେନ୍ଦୁଝରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଲେଖିକା ସଂସଦ, ଗାୟତ୍ରୀ ପରିବାର, ଅନ୍ତର୍ଜାତୀୟ କୃଷ୍ଣ ଭାବନାମୃତ ସଂଘ, ପ୍ରଜାପିତା ବ୍ରହ୍ମାକୁମାରୀ, କେନ୍ଦୁଝର ଆଦି ଅନୁଷ୍ଠାନ ତରଫରୁ ବହି ଷ୍ଟଲ ମାନ ବିଶ୍ୱବିଦ୍ୟାଳୟରେ ସକାଳ ୧୦ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ




ଲଗାଯାଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ ବିଭିନ୍ନ ପ୍ରକାର ବହି କିଣିଥିଲେ। ଏଥିରେ ଅନ୍ୟୂନ ୫୦୦୦ରୁ ଊର୍ଦ୍ଧ୍ୱ ବହି ବିକ୍ରି ହେଇଥିଲା। ଦିବା ୧୧.୩୦ ସମୟରେ ଆରମ୍ଭ ହେଇଥିଲା କବି ସମ୍ମିଳନୀ ଓ କବିତା ପାଠୋତ୍ସବ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ମହୋଦୟ ଏବଂ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି କବିତା ପାଠୋତ୍ସବକୁ ଉଦଘାଟନ କରିଥିଲେ। ଏହି କବିତା ଆସରରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ପୁଣ୍ୟପୁଲକିତା ଦାଶ, ଅକ୍ଷୟ କୁମାର ଦେହୁରୀ, ପ୍ରଜ୍ଞା ଶୁଭଦର୍ଶିନୀ ହୋତା, ସ୍ୱର୍ଣ୍ଣସଂପୂର୍ଣ୍ଣା ମିଶ୍ର, କାଜଲକ୍ରିଷ୍ଣା ସାହୁ, ଲକ୍ଷ୍ମୀପ୍ରିୟା ନାଏକ, ସୁଶ୍ରୀ ଶୁଭସ୍ମିତା ସାହୁ, ସୁଶ୍ରୀ ସ୍ମିତା ଜେନା, ଦୟାନିଧି ସାହୁ, ଯସ୍ମିନ ଜେନା, ସରିତା ମହାନ୍ତ, ଦୀପିକା ସୋରେନ, ଅଧ୍ୟାପକ ସୁମନ୍ତ୍ର ନାଏକ, ଡ଼. ପଙ୍କଜ ମାହାନା, ଡ଼. ଜ୍ୟୋତିକିଶୋର ମହାନ୍ତ, ଅଧ୍ୟାପିକା ସଂଗୀତା ସୁଶ୍ରୀ ନାୟକ, ଶୁଭସ୍ମିତା ଦାଶଙ୍କ ସମେତ କେନ୍ଦୁଝର ଲେଖିକା ସଂସଦର ସଦସ୍ୟା ଇନ୍ଦୁମତୀ ପାତ୍ର, ଶୋଭନା ଜେନା, ମମତାରାଣୀ ଦାସ, ବୀଣାପାଣି ଜେନା, ସନ୍ତୋଷିନୀ ଗିରି, ଲିପିକା ପଟ୍ଟନାୟକ, ରତ୍ନମଞ୍ଜରୀ ରାଉତ, ଆର୍ଯ୍ୟବାଳା ମହାପାତ୍ର, ଜ୍ୟୋସ୍ନାରାଣୀ ପାଢ଼ୀ, ବିଶିଷ୍ଟ କବି ଡ଼. ଚିତ୍ତରଞ୍ଜନ ମିଶ୍ର କବିତା ପାଠ କରିଥିଲେ। କବିତା ଆସରର ସଭାପତିତ୍ୱ କରିଥିଲେ ବିଶ୍ୱବିଦ୍ୟାଳୟର ଲୋକସଂପର୍କ ଅଧିକାରୀ ଡ଼. ସୁମନ୍ତ୍ର ନାଏକ। ସଂଯୋଜନା କରିଥିଲେ ବରିଷ୍ଠ କବି ଶୋଭନା ଜେନା।

## ବେଲବାହାଳିରେ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପ ଲୋକାର୍ପିତ



ଆନନ୍ଦପୁର,୧୦।୪(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ଗ୍ରାମରେ ସ୍ଥାନୀୟ ଲୋକଙ୍କ ପାଇଁ ଏକ ବଡ଼ ସୁବିଧା ହୋଇଛି। ବେଲବାହାଳି ବସ୍‌ଷ୍ଟାଣ୍ଡ ସମ୍ମୁଖରେ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପର ଉଦ୍‌ଘାଟନ ହୋଇଛି। ଏହି ପ୍ରକଳ୍ପଟି ସ୍ଥାନୀୟ ସରପଞ୍ଚ ଦୀପ୍ତି ସାହୁଙ୍କ ସହଯୋଗ ଓ ପ୍ରଚେଷ୍ଟାରେ ସମ୍ପନ୍ନ ହୋଇଥିବା ବେଳେ ସେ ନିଜେ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତି, ସ୍ଥାନୀୟ ବାସିନ୍ଦା ଓ ପଞ୍ଚାୟତ ସଦସ୍ୟ ଉପସ୍ଥିତ ଥିଲେ। ଗ୍ରାମବାସୀ ଦୀର୍ଘଦିନ ଧରି ଶୁଦ୍ଧ ପାନୀୟଜଳ ସମସ୍ୟାରେ ପୀଡ଼ିତ ହୋଇଥିବା ବେଳେ ଏହି ପ୍ରକଳ୍ପ ଆରମ୍ଭ ହେବାରୁ ସେମାନଙ୍କୁ ବଡ଼ ସୁବିଧା ମିଳିବ ବୋଲି ଆଶା ପ୍ରକାଶ ପାଇଛି। ସରପଞ୍ଚ ଦୀପ୍ତି ସାହୁ କହିଥିଲେ ଯେ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଯୋଗାଇବା ତାଙ୍କର ପ୍ରଥମ ପ୍ରାଥମିକତା ଏବଂ ଆଗାମୀ ଦିନରେ ମଧ୍ୟ ଏଭଳି ବିକାଶମୂଳକ କାମ ଜାରି ରହିବ। ଏହି ପାନୀୟଜଳ ବ୍ୟବସ୍ଥା ଚାଲୁ ହେବା ପରେ ବେଲବାହାଳି ଓ ପାଖପାଖି ଅଞ୍ଚଳର ଲୋକମାନେ ସହଜରେ ଶୁଦ୍ଧ ପାଣି ପାଇପାରିବେ। ଉଦ୍ଧବ ଓଝା, ନରହରି ସାହୁ, ବିରକିଶୋର୍ ସାହୁ, ଶଙ୍କର୍ଷଣ ସାହୁ, ଆଲୋକ ଦେହୁରୀ, ମୁଳିଆ ଦେହୁରୀ, ବନମାଳି ସାହୁ, ଆତୁଳ ସାହୁ, ବିରଞ୍ଚି ବେହେରା, ଦୁଃଖିଆ ସେଠୀ, ଅନିଲ ସାହୁ, ଚିଣ୍ଟୁ ସାହୁ, ବାପୁନ ନାହାକ, ବାବାଜୀ ନାହାକ, ଚଗୁଲୁ ନାହାକ, ସୁନାମ ସାହୁ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଜିଲ୍ଲାସ୍ତରୀୟ ସମ୍ମିଳନୀ

କେନ୍ଦୁଝର, ୧୦।୪(ସମିସ): ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘ, କେନ୍ଦୁଝରର ଜିଲ୍ଲାସ୍ତରୀୟ ସମ୍ମିଳନୀ ସଂଘର ସଭାପତି ସଞ୍ଜୟ ବସନ୍ତ ଚକ୍ରଙ୍କ ଅଧ୍ୟକ୍ଷତାରେ ଏନ୍‌ଏସ୍ ପୁଲିସ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଂପାଦକ ରବିନ୍ଦ୍ର କୁମାର ପଣ୍ଡା ପ୍ରଥମେ ଅତିଥି ପରିଚୟ ପ୍ରଦାନ କରି ଉଦ୍ଦେଶ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ବିଶେଷ ଆଲୋକପାତ କରିଥିଲେ। ସଂଘର ରାଜ୍ୟ ସଭାପତି ନିକୁଞ୍ଜ ବିହାରୀ ବେହେରା ମୁଖ୍ୟଅତିଥି ଏବଂ ରାଜ୍ୟ ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟା ସହ ନୂତନ ଅର୍ଥ ଆଇନ-୨୦୨୫(ପେନସନ ଆକ୍ଟ) ସଂପର୍କରେ ସୂଚନା ପ୍ରଦାନ କରିବା ସହ ପରବର୍ତ୍ତୀ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ କହ୍ନେଇ ଚରଣ ମହାନ୍ତି, ଚିନ୍ତାମଣି ଜେନା, ମଦନ ମୋହନ ଦ୍ୱିବେଦୀ,



ଶରତଚନ୍ଦ୍ର ମିଶ୍ର ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ନିରାକରଣ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏନ୍‌ଏସ୍ ପୁଲିସ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ଗାନ କରିଥିଲେ। ଜିଲ୍ଲା ସଂଯୋଜକ କ୍ଷୀରୋଦ ରାଉତ, ଭିକାରୀ ଚରଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏନ୍‌ଏସ୍ ପୁଲିସ ଉଚ୍ଚବିଦ୍ୟାଳୟର ଶିକ୍ଷକ ବିଜୟ ବେହେରା, ସଞ୍ଜୟ ସାମଲ ପ୍ରମୁଖ ସହଯୋଗ କରିଥିଲେ। ସମ୍ମିଳନୀରେ ଶତାଧିକ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଯୋଗଦାନ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ସୁଶୀଳ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବଳଭଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର, ୧୦।୪ (ସମିସ): ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅଧ୍ୟାପକ ଡଃ ଗୋପୀନାଥ ପଣ୍ଡାଙ୍କ ସଂଯୋଜନା ଏବଂ ଅଧ୍ୟକ୍ଷ ମନୋରଞ୍ଜନ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡଃ ବସନ୍ତ କୁମାର ମିଶ୍ର ଓ ମୁଖ୍ୟବକ୍ତା ରୂପେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ନ୍ୟାୟ ବିଭାଗ ମୁଖ୍ୟ ଡଃ ଜି. ଜୟମାଣିକ୍ୟ ଶାସ୍ତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପକ ସୁଦର୍ଶନ ସାହୁ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପାଢୀ ସଂସ୍କୃତି ଓ ସଂସ୍କୃତ ମଧ୍ୟରେ ଥିବା ଅଙ୍ଗାଙ୍ଗୀଭାବକୁ ଉଲ୍ଲେଖ କରି ଅନୁଷ୍ଠାନର ଐକ୍ୟ ଭାବକୁ ପ୍ରତିପାଦନ କରିଥିଲେ। ପ୍ରାକ୍ତନ ଅଧ୍ୟକ୍ଷା ଡଃ ଇନ୍ଦିରା ଶୁଭଦର୍ଶିନୀ ଦେବାବନ୍ଦିତା ଚକ୍ର, ପ୍ରଫୁଲ୍ଲ ବେହେରା ମାର୍ଗଦର୍ଶନ କରିଥିଲେ। ଯଦୁମଣି ମିଶ୍ର, ବିଜୟ ମିଶ୍ର, ପୁରାତନ ଛାତ୍ର ପତିତପାବନ ମିଶ୍ର, ନରହରି ମିଶ୍ର, ଦେବେନ୍ଦ୍ର ମିଶ୍ର, ରାଜୀବ ଲୋଚନ ଦାଶ, ବିଜୟ ଦାଶ, ରମେଶଚନ୍ଦ୍ର ଦାଶ, ଜିତେନ୍ଦ୍ର ମିଶ୍ର ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୀତବାସ ଦାସ, ମନ୍ମଥ ମିଶ୍ର, ପଙ୍କଜ ଜେନା, ଶ୍ରୀତମ ଜେନା, ଜ୍ୟୋତିରଞ୍ଜନ ଦାସ, ହରିଆ ବେହେରା, ସୁନିଲ ଜେନା, ଦିବ୍ୟରଞ୍ଜନ ଦାଶ, ରୁଦ୍ରନାରାୟଣ ସେଠୀ, ଅଭିଜିତ ମିଶ୍ର, ଆଲୋକ ଜେନା, ଅଙ୍କିତା ଉପାଧ୍ୟାୟ, ସୁନୟନା ମିଶ୍ର, ସ୍ୱପ୍ନ ଦାସ, ସ୍ମୃତିରେଖା ମିଶ୍ର, ଶୁଭଶ୍ରୀ ମିଶ୍ର, ଲିମା ଜେନା, ଆମେଲି ଜେନା, ଅର୍ଚ୍ଚିତା ଜେନା, ରୋଜାଲିନ ଦାସ, ଲିପ୍‌ଶା ଜେନା, ତୃପ୍ତିରେଖା ଜେନା, ଦମୟନ୍ତୀ ମିଶ୍ର, ଶୁଭସ୍ମିତା ଜେନା, ଲକ୍ଷ୍ମୀପ୍ରିୟା ଜେନା, ସୋନାଲୀ ବେହେରା, ଅର୍ଚ୍ଚନା ଜେନା, ଶ୍ରୀଲେଖା ଜେନା, ବେବି ଜେନା ସୁଚରିତ କୁଣ୍ଡୁ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡଃ ଭୋଳେଶ୍ୱର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଶିଶୁ ମନ୍ଦିର ରୌପ୍ୟଜୟନ୍ତୀ ପ୍ରସ୍ତୁତି ବୈଠକ

ଯୋଡ଼ା, ୧୦।୪(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ କୁନ୍ଦୁରୁନଳା ସାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟଜୟନ୍ତୀ ଉତ୍ସବ ୨୦୨୬ ପାଳନ ନିମନ୍ତେ ଯୋଡ଼ା ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକଙ୍କୁ ନେଇ ବିଦ୍ୟାମନ୍ଦିରର କର୍ତ୍ତୃପକ୍ଷ ଓ ପ୍ରଧାନଆଚାର୍ଯ୍ୟଙ୍କ ସହ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିଜର ୨୫ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ରଜତ ଜୟନ୍ତୀ ପାଳନ କରିବାକୁ ଯାଉଛି। ଏନେଇ ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟାମନ୍ଦିର ସଭାଗୃହରେ ଉକ୍ତ ବୈଠକରେ ଯୋଡ଼ା ଅଞ୍ଚଳର ସାମ୍ବାଦିକ ପ୍ରକାଶ କୁମାର ମହାନ୍ତି ମୁଖ୍ୟ ଅତିଥି, ବିଦ୍ୟାମନ୍ଦିରର




ପରିଚାଳନା କମିଟି ସଭାପତି ଅଜୟ ଗୋପାଳ ଦାଶ, ଉପସଭାପତି ସ୍ୱପ୍ନକାନ୍ତ ପ୍ରଧାନ, ସମ୍ପାଦକ ଅଭିଜିତ ମୁଖାର୍ଜୀ, କୋଷାଧ୍ୟକ୍ଷ ଗୋକୁଳାନନ୍ଦ ଦାଶ, ସଦସ୍ୟା ପଦ୍ମିନୀ ପାତ୍ରଙ୍କ ସହ ପ୍ରଧାନଆଚାର୍ଯ୍ୟ ଭଗବାନ ବର୍ଦ୍ଧନ ଉପସ୍ଥିତ ଥିଲେ। ଆଗକୁ ରଜତ ଜୟନ୍ତୀ ସୁନ୍ଦର ଓ ଚିତ୍ତାକର୍ଷକ କରିବା ପାଇଁ ମୁଖ୍ୟ ଅତିଥିଙ୍କ ଦିଗଦର୍ଶନ ଲୋଡ଼ିଥିଲେ। ମୁଖ୍ୟଅତିଥି ଶ୍ରୀ ମହାନ୍ତି ବିଦ୍ୟାମନ୍ଦିର ଏକ ସାମାଜିକ, ଆଧ୍ୟାତ୍ମିକ ଓ ବୌଦ୍ଧିକ ଶିକ୍ଷାର ଏକ କେନ୍ଦ୍ର ବୋଲି ଉଦବୋଧନ କରିବା ସହ ଆଗକୁ ଥିବା ରଜତ ଜୟନ୍ତୀ ଉପଲକ୍ଷେ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ମହୁଲି ମଦ, ପୋଚ ଜବତ; ୨ ଗିରଫ

ହାଟଡ଼ିହୀ,୧୦।୪(ସମିସ): ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫ୍‌ଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ନନ୍ଦିପଦା ଓ ସୋସୋ ଥାନା ଅନ୍ତର୍ଗତ ଢେଙ୍କା, ସଙ୍ଗମ, ବିଦ୍ୟାଧରପୁର ଆଦି ଅଞ୍ଚଳରେ ଚଢ଼ଉ କରାଯାଇ ୨୨୦ ଲିଟର ଦେଶୀ ରନ୍ଧା ମହୁଲି ମଦ ସହ ୨୫୦୦ ଲିଟର ମହୁଲ ପୋଚ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ସିଂରାୟ ହାଁସଦା, ମାୟା ମାଝୀଙ୍କୁ ଗିରଫ କରାଯାଇ ହାଟଡିହୀ ଅବକାରୀ ବିଭାଗ ପକ୍ଷରୁ ୩ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ଷ୍ଟାଫ ସାମିଲ ଥିଲେ।

## ଶ୍ରାଦ୍ଧବାର୍ଷିକୀରେ ଜତିନ୍ଦ୍ର ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି

ହାଟଡ଼ିହୀ,୧୦।୪(ସମିସ): ହାଟଡ଼ିହୀ ବ୍ଲକ୍ ବଞ୍ଚୋ ଗ୍ରାମର ଜତିନ୍ଦ୍ର ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଛି। ସ୍ୱର୍ଗତଃ ବିଶ୍ୱାଳ ଏକାଧାରରେ ଜଣେ ବରିଷ୍ଠ ସମାଜସେବକ ଭାବେ ବେଶ ପରିଚିତ ଥିଲାବେଳେ ଶ୍ରୀରାମ କମିଟିର ପୂର୍ବତନ ଅଧ୍ୟକ୍ଷ ଥିଲେ। ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଞ୍ଚଳର ବହୁ ରାଜନୈତିକ ନେତା, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁଅ ପ୍ରଭାତ ବିଶ୍ୱାଳ ଓ ପ୍ରକାଶ ବିଶ୍ୱାଳଙ୍କ ସମେତ ବଞ୍ଚୋ ସରପଞ୍ଚ ପ୍ରଶାନ୍ତ ରାଉତ, ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସୁଧାଂଶୁ ରାଉତ, ମାର୍କଣ୍ଡ ଓଝା, ଶଶାଙ୍କ ଶେଖର




ପୁହାଣ, ବିନୋଦ ବରାଳ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ସମସ୍ତେ ମିଶି ସ୍ୱର୍ଗତ ବିଶ୍ୱାଳଙ୍କ ଫଟୋରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ତାଙ୍କର ସମାଜ ପ୍ରତି ଅବଦାନକୁ ସ୍ମରଣ କରିଥିଲେ। ତାଙ୍କ ଆଦର୍ଶ ଓ ସେବାମୂଳକ କାର୍ଯ୍ୟ ଆଗାମୀ ପିଢି ପାଇଁ ପ୍ରେରଣା ହେବ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ।

## ଦୁଇ ନାବାଳିକାଙ୍କୁ ଚୋରା ଚାଲାଣ ଅଭିଯୋଗ

ତେଲକୋଇ, ୧୦।୪(ସମିସ): ତେଲକୋଇ ଥାନା ଓରିଆ ପଞ୍ଚାୟତ କତରାପାଳି ବାଲିସାହି ଅଞ୍ଚଳର ଦୁଇ ନାବାଳିକାଙ୍କୁ ଚୋରା ଚାଲାଣ କରାଯାଇ ରାଜ୍ୟ ବାହାରେ ଶିଶୁ ଶ୍ରମିକ ଭାବେ ନିୟୋଜିତ କରାଯାଇଥିବା ଅଭିଯୋଗ ହୋଇଛି। ଦୁଇ ନାବାଳିକା ଏବେ ନିଖୋଜ ଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଲକ୍ଷ୍ମଣ ହୋ ନାମକ ଦଲାଲ ସେହି ଗ୍ରାମର ଜଣେ ମହିଳା ସିନୁ ମୁଣ୍ଡାଙ୍କ ସହିତ ଯୋଗାଯୋଗ କରି ଉଭୟ ନାବାଳିକାକୁ ଚୋରା ଚାଲାଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଗତ ୭ ତାରିଖ ବିଳମ୍ବିତ ରାତିରୁ ଦୁଇ ନାବାଳିକା ଚୋରା ଚାଲାଣରେ ଶିକାର ହୋଇଥିବା ବେଳେ ଅଦ୍ୟାବଧି ଉଦ୍ଧାର ହୋଇପାରି ନାହାନ୍ତି। ଉଭୟଙ୍କ ବୟସ ୧୪ରୁ ୧୫ ବର୍ଷ ମଧ୍ୟରେ ହୋଇଥିବା କୁହାଯାଇଛି। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ଆନନ୍ଦପୁର ମହୋତ୍ସବ: ମଞ୍ଚରେ ପଲ୍ଲୀନୃତ୍ୟ



ଆନନ୍ଦପୁର, ୧୦।୪ (ସମିସ): ଆନନ୍ଦପୁର ମହୋତ୍ସବର ତୃତୀୟ ସନ୍ଧ୍ୟା ଅନ୍ୟ ଦୁଇ ଦିନ ଅପେକ୍ଷା ପାଗର ଅନୁକୂଳ ବାତାବରଣରୁ ଝଲସି ଉଠିଛି। ଜନସମାବେଶ ମେଳାକୁ ବେଶ୍ ଆକର୍ଷଣ କରିଥିଲା। ପୁରୀ ଜିଲ୍ଲା ମଙ୍ଗଳପୁରର ମା' ବିଣେକେଶ୍ୱରୀ ସଂଗଠନର କଳାକାରମାନେ ପଲ୍ଲୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ପ୍ରେମ କୁମାର ଓ ସାଥୀ କଳାକାରଙ୍କ ମେଲୋଡି ମଧ୍ୟ ଶ୍ରୋତାମଣ୍ଡଳୀକୁ ସ୍ୱର ତାଳ ଏବଂ ନୃତ୍ୟରେ ବାନ୍ଧି ରଖିପାରି ଥିଲା। ମହୋତ୍ସବ କମିଟିର ସଦସ୍ୟ ବିଜେପି ନେତା ରାମଚନ୍ଦ୍ର ସାହୁ, ସୁରେଶ ସାହୁ, ସନ୍ତୋଷ କୁମାର ଜେନା, ସୀଲୁ ପଟ୍ଟନାୟକ, ଅସୀମା ମିଶ୍ର, ମାନସ ସାହୁ, ଧବଳେଶ୍ୱର ସାହୁଙ୍କ ସହଯୋଗରେ ମଞ୍ଚ ପରିଚାଳନା ହୋଇ ପାରିଥିବା ବେଳେ ସାମ୍ବାଦିକ ମଦନ ପାଣି ଓ ନୃତ୍ୟଗୁରୁ ଜିତୁ ଦାସଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କଳାକାରଙ୍କୁ ନେଇ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟ ପରିଚାଳିତ ହୋଇଥିଲା। ଉକ୍ତ ସନ୍ଧ୍ୟାରେ କମିଟି ଅଧ୍ୟକ୍ଷ ନୀଳମାଧବ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପି ବରିଷ୍ଠ ନେତା ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଘଷିପୁରା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ଶମ୍ଭୁନାଥ ରାଉତ ଓ ଆନନ୍ଦପୁର ନିର୍ବାଚନମଣ୍ଡଳୀର ନେତା ଆଲୋକ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କୁ ଅଭିଯୋଗ

### ବିଶେଷଜ୍ଞ ଡାକ୍ତର ଓ ଆବଶ୍ୟକ କର୍ମଚାରୀ ନିଯୁକ୍ତି ପାଇଁ ପ୍ରଗତିଶୀଳ ନାଗରିକ ମଞ୍ଚର ଦାବି

ତେଲକୋଇ,୧୦।୪(ସମିସ): ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ ସ୍ଥାପିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ସାଙ୍ଗକୁ ପାରା ମେଡିକାଲ କର୍ମଚାରୀ, ଫାର୍ମାସିଷ୍ଟ,ଷ୍ଟାଫ୍ ନର୍ସ, ଲାବୋରାଟୋରି ଟେକ୍ନିସିଆନ, ଆଟେଣ୍ଡାଣ୍ଟ, ହାଉସ କିପିଂ ଆଦି ଆବଶ୍ୟକ କର୍ମଚାରୀ ନଥିବାରୁ ତେଲକୋଇ ଅଞ୍ଚଳବାସୀ ଉନ୍ନତ ମାନର ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି ଏବଂ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅଧିକୃତ ବିଭିନ୍ନ ସଂସ୍ଥା ପକ୍ଷରୁ ନିଯୁକ୍ତି ହୋଇଥିବା ଡାକ୍ତର ଓ ବିଭିନ୍ନ ସ୍ତରର ପାରା ମେଡିକାଲ କର୍ମଚାରୀଙ୍କୁ ସରକାର ଛଟେଇ କରୁଥିବାରୁ ସ୍ୱାସ୍ଥ୍ୟସେବା ଆହୁରି ବିଗିଡ଼ିବାରେ ଲାଗିଛି। ଫଳରେ ତେଲକୋଇ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ




ନେଇ ଉଦବେଗ ପ୍ରକାଶ ପାଇଛି। ତେଲକୋଇ ବ୍ଲକ ପ୍ରଗତିଶୀଳ ନାଗରିକ ମଞ୍ଚ ପକ୍ଷରୁ ତୁରନ୍ତ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ଏବଂ ଲୋକଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିଭାଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିକଟକୁ ସ୍ୱତନ୍ତ୍ର ଡାକ ଯୋଗେ ଲିଖିତ ଅଭିଯୋଗ କରି ଦାବି ଜଣାଯାଇଛି। ନଚେତ୍ ଆଗାମୀ ଦିନରେ ପ୍ରଗତିଶୀଳ ନାଗରିକ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମଞ୍ଚ ସଭାପତି ଅକ୍ଷୟ ପ୍ରଧାନ ପ୍ରେସ୍ ବାର୍ତ୍ତା ଦ୍ୱାରା ଚେତାବନୀ ଦେଇଛନ୍ତି। ପ୍ରକାଶ ଥାଉକି, ୨୦୨୫ ଜୁଲାଇରେ ବିଧାନସଭା ସ୍ୱାସ୍ଥ୍ୟ ବିଭାଗର ସ୍ଥାୟୀ କମିଟି-୫ ତେଲକୋଇ ଗସ୍ତରେ ଆସିଥିବା ବେଳେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ମୌଳିକ ସମସ୍ୟା ଓ ପାରିପାର୍ଶ୍ୱିକ ସ୍ଥିତି ପରଖି ଦେଖିଥିଲେ। ଏହାପରେ ବିଭାଗୀୟ ସ୍ଥାୟୀ କମିଟି-୫ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ଯଥା ଶୀଘ୍ର ସମାଧାନ କରାଯିବ ବୋଲି ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଓ ଜିଲ୍ଲାପାଳ ମଧ୍ୟ ଉପସ୍ଥିତ ଥିଲେ। ମାତ୍ର ପ୍ରତିଶ୍ରୁତିକୁ ଏକ ବର୍ଷ ହେବାକୁ ବସିଥିବା ବେଳେ ଆଜି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ମୌଳିକ ସମସ୍ୟା ସମାଧାନ ହୋଇ ପାଇନାହିଁ। ଯାହାକୁ ନେଇ ପ୍ରଗତିଶୀଳ ନାଗରିକ ମଞ୍ଚ ବିଧାନସଭା ସ୍ଥାୟୀ କମିଟିର ପ୍ରତିଶ୍ରୁତିକୁ କେବଳ ପାଣିର ଗାର ବୋଲି ଅଭିଯୋଗ ଆଣିଛି।

ଆଜିଠୁ ଛଉ ପଡ଼ିଆରେ ଚୈତ୍ର ପର୍ବ

# ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହେବେ ୧୧ ଲୋକନୃତ୍ୟ ଦଳ

ବାରିପଦା, ୧୦।୪(ସମିସ)



ମୟୂରଭଞ୍ଜ ଜିଲ୍ଲାର ଗ୍ରାମାଞ୍ଚଳ ସହିତ ବାରିପଦାରେ ବାଜିଲାଣି ଛଉ ବାଦ୍ୟ। କମ୍ପିଲାଣି ଆଖଡ଼ା। ପୂର୍ବଭଳି ଶନିବାର ୧୧ ତାରିଖରୁ ମୟୂରଭଞ୍ଜ ଛଉ ପ୍ରତିଷ୍ଠାନର ଚୈତ୍ର ପର୍ବ-୨୬ ଅନୁଷ୍ଠିତ ହେବ। ଗତଥର ଭଳି ଚୈତ୍ର ପର୍ବକୁ ନୂଆରୂପ ଦେବାକୁ ଯାଇ ଜିଲ୍ଲା ପ୍ରଶାସନ ଏଥର ୩ଦିନ ପରିବର୍ତ୍ତେ ୫ଦିନ ବ୍ୟାପୀ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି। ଏହି ପର୍ବର ସାଂସ୍କୃତିକ ଶୋଭାଯାତ୍ରାରେ ୧୧ଟି ଲୋକନୃତ୍ୟ ଦଳ ସାମିଲ ହେବାକୁ ଥିବାବେଳେ ଓରମାସ ପକ୍ଷରୁ ସମାନ୍ତରାଳ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ଏଥିସହ ରାଜସ୍ଥାନ, ହାଇଦରାବାଦ ଓ ମହାରାଷ୍ଟ୍ର ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ ହେବ।

ଜିଲ୍ଲା ସଂସ୍କୃତି ବିଭାଗ ସହଯୋଗରେ ମୟୂରଭଞ୍ଜ ଛଉ ପ୍ରତିଷ୍ଠାନ ପକ୍ଷରୁ ବାରିପଦାର ଐତିହାସିକ ଛଉ ପଡ଼ିଆରେ ପ୍ରତିବର୍ଷ ଏହି ପର୍ବ ତିନିଦିନ ପାଳନ ହୋଇଥାଏ। ଉତ୍ତର ଓ ଦକ୍ଷିଣସାହି ସମେତ ଗ୍ରାମାଞ୍ଚଳ ଛଉ ଦଳ ଅଂଶଗ୍ରହଣ କରିଥା'ନ୍ତି। ଯାତ୍ରା ଘଟ ଓ ନିଶା ଘଟକୁ ନେଇ ଆସୁଥିବା ପାଟଭକ୍ତାମାନେ ଚୈତ୍ରିପର୍ବରେ ସମ୍ବର୍ଦ୍ଧିତ କରାଯିବା ସହିତ ଶ୍ରେଷ୍ଠ ଦଳ ଓ କଳାକାରଙ୍କୁ ସମ୍ବର୍ଦ୍ଧନା କରାଯାଇଥାଏ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ସୂଚନା ଅନୁଯାୟୀ ବିଶ୍ୱ ପ୍ରସିଦ୍ଧ ମୟୂରଭଞ୍ଜ ଛଉ ନୃତ୍ୟର ଚୈତ୍ରପର୍ବ-୨୬ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଛଉ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ୫ଦିନିଆ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ କରାଯିବ। ଏହାକୁ ନେଇ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ଥିବା ଛଉ ପ୍ରତିଷ୍ଠାନ ଚଳଚଞ୍ଚଳ ହୋଇ ଉଠିଛି। ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ କଳାକାର ଆଖଡ଼ାରେ ଅଭ୍ୟାସ ଜାରି ରଖିଥିବାବେଳେ ଗାଁଗଣ୍ଡାରେ ଛଉ ବାଦ୍ୟ କମ୍ପିବାରେ ଲାଗିଛି। ପୂର୍ବ ଭଳି କାର୍ଯ୍ୟକ୍ରମ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ଉଦଳା ଉପଖଣ୍ଡକୁ ବାଦ ଦେଲେ ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡସ୍ତରୀୟ ପ୍ରତିଯୋଗିତାର ଶ୍ରେଷ୍ଠ ୫ଟି ଗ୍ରାମାଞ୍ଚଳ ଛଉ ଦଳ ଜିଲ୍ଲାସ୍ତରୀୟ ଛଉ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେମାନେ ୧୧ ତାରିଖରେ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ଥିବାବେଳେ ଅପରାହ୍ନରେ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏକ ବିଶାଳ ସାଂସ୍କୃତିକ ଶୋଭଯାତ୍ରା ବାହାରି ଛଉ ପଡ଼ିଆରେ ପହଞ୍ଚିବ। ରାଜ୍ୟର ୧୧ଟି ଲୋକନୃତ୍ୟ ଦଳ ଏଥିରେ ସାମିଲ ହେବେ। ଏହି ସନ୍ଧ୍ୟାରେ ରାଜସ୍ଥାନର ମଟକି ନୃତ୍ୟ ବିଶେଷ ଆକର୍ଷଣ ରହିବ। ୧୨ ଓ ୧୩ ତାରିଖରେ ଉତ୍ତର ଓ ଦକ୍ଷିଣ ସାହି ଛଉ ନୃତ୍ୟ ଦଳ ପ୍ରତିଯୋଗିତାରେ ଭାଗ ନେବେ। ତତସହିତ ୧୩ ତାରିଖରେ ମହାରାଷ୍ଟ୍ରର କଥକ ଲାଭଣୀ ନୃତ୍ୟଦଳ କଳାକାର ନୃତ୍ୟ ପ୍ରଦର୍ଶନ କରିବେ। ୧୪ ଓ ୧୫ ତାରିଖରେ କଥକ ଓ କଳାହାଣ୍ଡିର କଟପ୍ପା ଦଳର କଳାକାରଙ୍କ ସମେତ ରାଜ୍ୟ ବାହାର ରାଜସ୍ଥାନ ଓ

- ବାଜିଲାଣି ଛଉ ବାଦ୍ୟ, କମ୍ପୁଛି ଆଖଡ଼ା
- ରାଜସ୍ଥାନ, ହାଇଦରାବାଦ ଓ ମହାରାଷ୍ଟ୍ର ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ ହେବ
- ଓରମାସ୍ ପକ୍ଷରୁ ସମାନ୍ତରାଳ ପଲ୍ଲୀଶ୍ରୀ ମେଳା

ହାଇଦ୍ରାବାଦ ପାରମ୍ପରିକ ନୃତ୍ୟ ଦଳ ପ୍ରଥମ ଥର ପାଇଁ ଏହି ପର୍ବରେ ପରିବେଷଣ କରିବେ। ୫ ଦିନିଆ ଏହି କାର୍ଯ୍ୟକ୍ରମ ଆଡମ୍ବର ସହକାରେ ପାଳିତ ହେବାକୁ ଥିବାବେଳେ ଦର୍ଶକଙ୍କ ଆମୋଦ ପ୍ରମୋଦ ପାଇଁ କଲେଜ ପଡ଼ିଆରେ ପଲ୍ଲିଶ୍ରୀ ମେଳା ବସିବାକୁ ସ୍ଥିର ହୋଇଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ଉଠା ଦୋକାନୀ ସେମାନଙ୍କର ପସରା ମେଲାଇବେ। ଚୈତ୍ର ପର୍ବକୁ ଜାତୀୟ ମାନ୍ୟତା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଉଦ୍ୟମ କରୁଛି ବୋଲି ଜିଲ୍ଲାପାଳ ଶ୍ରୀ ସଏ କହିଛନ୍ତି। ଏ ନେଇ ଛଉ କଳାକାର ଓ ଦର୍ଶକଙ୍କ ମନରେ ଖୁସିର ଲହରି ଖେଳିଯାଇଛି।

## 'ନୂତନ ଶିକ୍ଷା ନୀତି ଓ ଦକ୍ଷତା ବିକାଶ' ଶୀର୍ଷକ ଆଲୋଚନାଚକ୍ର



**ବାରିପଦା, ୧୦।୪(ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଶିକ୍ଷା ବିଭାଗ ଦ୍ୱାରା 'ନୂତନ ଶିକ୍ଷା ନୀତି ଓ ଦକ୍ଷତା ବିକାଶ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଶିକ୍ଷାନୁରାଗୀ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗ ମୁଖ୍ୟ ସୁଜାତା ପାଲ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ ଷ୍ଟଡିଜ ସଦସ୍ୟ ଓ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ ପୁଷ୍ପରାଣୀ ପାତ୍ର ଯୋଗଦେଇ ନୂତନ ଶିକ୍ଷା ନୀତିର ଲକ୍ଷ୍ୟ ଓ ତାହାର ପ୍ରୟୋଗିୟତା ଉପରେ ଗଭୀର ଆଲୋକପାତ କରିଥିଲେ। ସେ କହିଥିଲେ, ନୂତନ ଶିକ୍ଷା ନୀତି ଛାତ୍ରଛାତ୍ରୀଙ୍କ ମନୋଭାବ, ସୃଜନଶୀଳତା ଓ ଦକ୍ଷତାକୁ ଉନ୍ନତ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ରାଇରଙ୍ଗପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସୁନୀଲ କୁମାର ଜେନା ଦକ୍ଷତା ବିକାଶର ଆବଶ୍ୟକତା ଓ ତାହାର ଆଧୁନିକ ଶିକ୍ଷାରେ ଭୂମିକା ବିଷୟରେ ବ୍ୟାପକ ଭାବେ ଅଲୋଚନା କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ଚାକିରିମୁଖୀ ଶିକ୍ଷା ଓ ପ୍ରାୟୋଗିକ ଦକ୍ଷତା ଉନ୍ନୟନ ଆଜିର ଯୁଗରେ ଅତ୍ୟନ୍ତ ଆବଶ୍ୟକ। ଏ ଅବସରରେ ଅଧ୍ୟାପିକା ସସ୍ମିତା ସି ନିଜର ସନ୍ଦର୍ଭ ଉପସ୍ଥାପନ କରିଥିବାବେଳେ ଶିକ୍ଷା ନୀତି ସହ ଦକ୍ଷତା ଆଧାରିତ ଶିକ୍ଷାର ସମ୍ବନ୍ଧ ଉପରେ ଗଭୀର ବିଶ୍ଳେଷଣ କରିଥିଲେ। ଅଧ୍ୟାପିକା ସସ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଡିଏସ୍ ଡିଗ୍ରୀ କଲେଜ ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର



**ଉଦଳା, ୧୦।୪(ସମିସ):** ଉଦଳା ବ୍ଲକ କୁଣ୍ଡାବାଇସ୍ଥ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ 'ସେମିକଣ୍ଡକ୍ଟର ଆଣ୍ଡ ଇଲେକ୍ଟ୍ରୋନିକ୍ସ ମାଟେରିଆଲସ୍' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ତଥା ବିଷୟ ବିଶାରଦ ଭାବେ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଅଶ୍ୱିନୀ ରଞ୍ଜନ ମିଶ୍ର ଯୋଗଦେଇ ଆଲୋଚନାର ବିଷୟବସ୍ତୁର ଆବଶ୍ୟକତାଠାରୁ ଆରମ୍ଭ କରି ତା'ର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ସୁଧାଂଶୁ ଶେଖର ଦାସମଙ୍ଗରାଜ ଯୋଗ ଦେଇଥିବାବେଳେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ସସ୍ମିତା ସାହୁ ଆଲୋଚ୍ୟ ବିଷୟବସ୍ତୁ ଉପରେ ବିଷୟରେ ଆଲୋକପାତ କରିଥିବାବେଳେ ବିଭାଗୀୟ ଅଧ୍ୟାପକ ଜ୍ୟୋତିପ୍ରକାଶ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗର ଡେମୋନଷ୍ଟ୍ରେଟର ବିଜୟ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ବିଭାଗର ଜୁବଲି ଯୁବିତା ନାଏକ, ଲଳିତ ଭଞ୍ଜବାବୁ, ଶୁଭଲକ୍ଷ୍ମୀ ସିଂ, ହେମାମାଳିନୀ ସିଂ, ସତ୍ୟପ୍ରକାଶ ବେହେରା, ବିଶ୍ୱଜିତ୍ ଦାଶ ପ୍ରମୁଖ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ।

## ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସିଟିସ୍କାନ ସେଣ୍ଟରକୁ ଚେୟାର ପ୍ରଦାନ




**ବାରିପଦା, ୧୦।୪(ସମିସ):** ବାରିପଦା ପିଆରଏମ ମେଡିକାଲର ସିଟିସ୍କାନ କେନ୍ଦ୍ରକୁ ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାସ୍ତବ ପରିବାର ପକ୍ଷରୁ ୨ଟି ଚେୟାର ପ୍ରଦାନ କରାଯାଇଛି। ବାସ୍ତବ ପରିବାରର ବରିଷ୍ଠ ସଦସ୍ୟ ନନ୍ଦଲାଲ ମିଶ୍ରଙ୍କ ଜ୍ୟେଷ୍ଠପୁତ୍ର ସ୍ୱର୍ଗତ ସୁନନ୍ଦନ ମିଶ୍ରଙ୍କ ସ୍ମୃତିରେ ଏହି ଦାନ କରାଯାଇଛି। ଏ ନେଇ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହସ୍ପିଟାଲର ଅଧୀକ୍ଷକ ଡାକ୍ତର ଶଶୀକାନ୍ତ ସେଠୀ ଯୋଗଦେଇ ଏଭଳି ଜନହିତକର କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସୁବାସ ନାୟକ, ଡାକ୍ତରଖାନା ପରିଚାଳକ ଡାକ୍ତର ଶ୍ରୀରାମ ମହାନ୍ତି, ସମାଜସେବୀ ଅମର ସେଠୀଙ୍କ ଉପସ୍ଥିତିରେ ଅନୁଷ୍ଠାନର କର୍ମକର୍ତ୍ତା ଚେୟାରଗୁଡ଼ିକୁ ଡାକ୍ତରଖାନାକୁ ପ୍ରଦାନ କରିଥିଲେ। ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢ଼ୀ, ସମ୍ପାଦକ ଅରୁଣ ପାତ୍ର, ଉପସଭାପତି ଜୟନ୍ତ ସେନାପତି, ସହସମ୍ପାଦକ ଚକ୍ରଧର ମହାପାତ୍ର, ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପ କିଶୋର ମହାନ୍ତି, ତପନ ପଟ୍ଟନାୟକ, ମାନସ ରଞ୍ଜନ ଦାଶ, ସର୍ବତୋଷ ଦାସ, ବିନୋଦ ସାହୁ, ଅମର ଶାହା, ଅଶ୍ୱିନୀ ବ୍ରହ୍ମା, ଚିତ୍ତରଞ୍ଜନ ସାହୁ, ବଳରାମ ଭଦ୍ର, ସଞ୍ଜୀବ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, କାମିନୀ ମାଳାକାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିସ୍ୱାର୍ଥ ପକ୍ଷରୁ ଦୃଷ୍ଟିବାଧିତ ବିଦ୍ୟାଳୟରେ ବିଛଣା, ଚାଦର ବଣ୍ଟନ



**ବାରିପଦା, ୧୦।୪(ସମିସ):** ବାରିପଦା ନିସ୍ୱାର୍ଥ ସେବା ଅନୁଷ୍ଠାନ ଆନୁକୂଲ୍ୟରେ ଲକ୍ଷ୍ମୀପୋଷିସ୍ଥ ଦୃଷ୍ଟିବାଧିତ ଓ ମୁକବଧିର ଆବାସିକ ବିଦ୍ୟାଳୟର ୭୦ ଜଣ ଛାତ୍ରଛାତ୍ରୀଙ୍କୁ ବିଛଣା, ଚାଦର ଓ ଶୁଷ୍କ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ପରେ ମୁକବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦାସ, ଦୃଷ୍ଟିବାଧିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦନ ଦାସ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ତ୍ରିପାଠୀ, ନିସ୍ୱାର୍ଥ ସେବା ଅନୁଷ୍ଠାନର ପରିଚାଳକ ଦେବାଶିଷ କୁମାର ଦାସ, ସନ୍ଦୀପ କୁମାର ଚାନ୍ଦ ଓ ପ୍ରଣବ କିଶୋର ମହାପାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ, ନିସ୍ୱାର୍ଥ ଅନୁଷ୍ଠାନର ଜଗନ୍ନାଥ ମିଶ୍ର, ମଳୟ କୁମାର ଦ୍ୱାରି, ଅନନ୍ତ କୃଷ୍ଣ ବେହେରା, ହରିଶ ଚନ୍ଦ୍ର ଦ୍ୱାରୀ, ପ୍ରଭାସ ଚନ୍ଦ୍ର ବେହେରା, ତିମିର କୁମାର ଘୋଷ ଓ ସୁଦୀପ୍ତ ବସୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଉଦଳା ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଉଦଳା, ୧୦।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଉଦଳା ଏନଏସି କ୍ଲଷ୍ଟରର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ବିନ୍ଧାଣିଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। କାଉନସିଲର ଉର୍ମିଳା ନାୟକଙ୍କ ସମେତ ବହୁ ଅଭିଭାବକ ଯୋଗ ଦେଇଥିଲେ। ନୂଆକରି ପ୍ରବେଶ କରିଥିବା ପିଲାଙ୍କୁ ଫୁଲଚନ୍ଦନ ଦିଆଯାଇ ସ୍ୱାଗତ କରି ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ସଚେତନ ରଥକୁ ସିଆରସିସି ଗୌରକିଶୋର ବିନ୍ଧାଣି, ଶିକ୍ଷକ ସତ୍ୟାନ୍ଦ ଜେନା, ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଜାତା ପଣ୍ଡା, କବିତା ନାୟକ, ଆଦ୍ୟାଶା ଦାସ, ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ସ୍ୱାଗତ କରିଥିଲେ।




## ନାଗପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଗୋପବନ୍ଧୁନଗର/ଉଦଳା, ୧୦।୪(ସମିସ):** ଉଦଳା ଏନ୍‌ଏସି ଅନ୍ତର୍ଗତ ୱାର୍ଡ଼ନଂ ୨ସ୍ଥ ନାଗପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପଲତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ତଥା ସର୍ବପୁରାତନ ଛାତ୍ରୀ ଶ୍ରୀମତୀ ସଂଯୁକ୍ତା ଏଚ୍ଛପଥୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୌରକିଶୋର ବିନ୍ଧାଣୀ ସଭାପତିତ୍ୱ କରିଥିଲେ। ନଗରପାଳ ପ୍ରମିଳା ପଣ୍ଡା ଓ ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ କୁମାର ମିଶ୍ର ମୁଖ୍ୟବକ୍ତା ଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଆମ ଦେଶର ଶିକ୍ଷା ଓ ଦର୍ଶନ କିପରି ସମଗ୍ର ବିଶ୍ୱବାସୀଙ୍କୁ ନୂଆ ଏକ ଦୁନିଆର ଆଲୋକ ଦେଖାଉଛି ଓ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶୃଙ୍ଖଳା ଏକାନ୍ତ ଆବଶ୍ୟକ ବୋଲି ମତ ରଖିଥିଲେ। ଅନ୍ୟମାନଙ୍କ ୨ ଓ ୩ ନମ୍ବର ୱାର୍ଡ କାଉନସିଲର ଶରତ ଚନ୍ଦ୍ର ଦାସ ଓ ବିଶ୍ୱରଞ୍ଜନ ମୋଦି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ବାରିକ, ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନତୀ ମଞ୍ଜରୀ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ମତଗଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ୧୯୭୨ରେ ସ୍ଥାପିତ ହୋଇଥିବା ନାଗପାଳ ବିଦ୍ୟାଳୟ କିପରି ଆଜି ୫୪ ବର୍ଷରେ ପଦାର୍ପଣ କରି ଉଚ୍ଚପ୍ରାଥମିକ ବିଦ୍ୟାଳୟର ରୂପ ନେଇଛି ଏହାର ବିସ୍ତୃତ ଭାବେ କହିଥିଲେ। ସହକାରୀ ଶିକ୍ଷୟିତ୍ରୀ ପଦ୍ମଜା ରାଉତ, ଭାରତୀ ବେହେରା, ସଂଯୁକ୍ତା ନାଏକ, ସ୍ନେହଲତା ମହଲା ଓ କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରିୟଙ୍କା ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର




**ରାଇରଙ୍ଗପୁର, ୧୦।୪(ସମିସ):** ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ସଭାଗୃହରେ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ନ୍ୟୁଟ୍ରିସନାଲ ବେନିଫିଟ୍ସ ଅଫ୍ ମିଲେଟ ଇନ ଡେଲି ଡାଏଟ୍ ଶୀର୍ଷକ ଏକ ସେମିନାର ଆୟୋଜିତ ହୋଇଯାଇଛି। ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ଅଧ୍ୟାପିକା ତିଳୋତ୍ତମା ଷଡ଼ଙ୍ଗୀଙ୍କ ଜଗନ୍ନାଥ ବନ୍ଦନା ମଧ୍ୟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅଧ୍ୟକ୍ଷ ରବି ଶଙ୍କର ଶତପଥୀ ସଭାପତିତ୍ୱ କରିବା ସହିତ ମାଣ୍ଡିଆର ପୌଷ୍ଟିକ ଗୁଣ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଗୃହ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଶୁଭଦର୍ଶିନୀ ମିଶ୍ର ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ ସହିତ କାର୍ଯ୍ୟକ୍ରମ ସଂଯୋଜନା କରି ମାଣ୍ଡିଆର ଦୈନନ୍ଦିନ ବ୍ୟବହାର ଉପରେ ତଥ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ମୁଖ୍ୟଅତିଥି ପୂର୍ବତନ ଅଧ୍ୟକ୍ଷ ଡ ପ୍ରଦୀପ କୁମାର ମିଶ୍ର, ମାଣ୍ଡିଆ। ଶସ୍ୟ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତରେ ବ୍ୟବହାର ଉପରେ ତଥ୍ୟଭିତ୍ତିକ ଉପସ୍ଥାପନ କରିଥିଲେ। ରିସୋର୍ସ ପର୍ସନ ବରିଷ୍ଠ ଅଧ୍ୟାପିକା ରାଜଶ୍ରୀ ଦାଶ ମାଣ୍ଡିଆର ପୌଷ୍ଟିକ ଉପଯୋଗ ଉପରେ ଆୟୋଜିତ ଆଲୋଚନାଚକ୍ରର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ କହିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକ, ମାଣ୍ଡିଆ ବିଭିନ୍ନ ଉପଯୋଗିତା ଉପରେ ଆଲୋଚନା କରିବା ପରେ ବ୍ୟାଙ୍କ, ସାମ୍ବାଦିକତା ଓ ଆଇନସେବା ଆଦିକୁ ବୃତ୍ତି ଭାବେ ଗ୍ରହଣ କରିବା ସମ୍ପର୍କରେ ଛାତ୍ରୀମାନଙ୍କୁ କ୍ୟାରିୟର କାଉନସେଲିଂ କରିଥିଲେ। ଛାତ୍ରୀ ବର୍ଷା ହେହେରା, ମୀନା ମୁଣ୍ଡା, ପୁନମ ହେମ୍ବ୍ରମ, ବାଳେମଣି ହାଁସଦା ଓ ସନ୍ତୋଷିଣୀ ଗିରି ସେମିନାର ଶୀର୍ଷକ ଉପରେ ସନ୍ଦର୍ଭ ପାଠ କରିଥିଲେ। ଏ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ତିଳୋତ୍ତମା ଷଡ଼ଙ୍ଗୀ, ରେଣୁକା ମହାନ୍ତ, ଅନୀତା ସାମାଡ, ବିଦ୍ୟାବତୀ ବେହେରା ଓ ଗୁଞ୍ଜନ କାନ୍ଧାୱେ, ଅଧ୍ୟାପକ ଜିତେନ୍ଦ୍ର ବେହେରା ଓ ଉପେନ୍ଦ୍ର ଗିରି ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଅଧ୍ୟାପିକା ସେବତୀ ବେହିରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦା ଡିଗ୍ରୀ କଲେଜରେ ରକ୍ତଦାନ ଶିବିର



**ବାରିପଦା, ୧୦।୪(ସମିସ):** ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରବୋଧ କୁମାର ଦେ ଓ ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀ ଶିବିରକୁ ଉଦଘାଟନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ସହାୟତାରେ ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ସୁଜିତ ଚନ୍ଦ୍ର ନାୟକ, ମହାବିଦ୍ୟାଳୟର ପୂର୍ବତନ ଛାତ୍ର ଶୁଭେନ୍ଦୁ କୁମାର ବେଜ ଓ ଛାତ୍ରଛାତ୍ରୀଙ୍କଠାରୁ ୬୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଉକ୍ତ ଶିବିରକୁ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା, ଜ୍ୟୋସ୍ନାରାଣୀ ଦତ୍ତ, ଯୁବ ରେଡକ୍ରସର ସଞ୍ଜୀବ କୁମାର ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହାୟତା କରିଥିଲେ।

## ମହୁଲଡିହା ଥାନା ପକ୍ଷରୁ ଗାଡ଼ି ଯାଞ୍ଚ

**ମହୁଲଡିହା, ୧୦।୪(ସମିସ):** ମହୁଲଡିହା ଥାନା ପୁଲିସ ପକ୍ଷରୁ ଗତକାଲି ସନ୍ଧ୍ୟାରେ ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ଚିଆଁବେଡା ଛକରେ ଗାଡ଼ି ଯାଞ୍ଚ ହୋଇଥିଲା। ଏ ସମୟରେ ମଦପିଇ ବାଇକ ଚଳାଉଥିବା ୩ଟି ସ୍କୁଟି ଓ ୨ଟି ବାଇକର ଚାଳକ ନିଶାରେ ଚୁଙ୍ଗା ଫୁଙ୍କି ପାରିନଥିଲେ। ଫଳରେ ୩ଟି ସ୍କୁଟି ଓ ୨ଟି ବାଇକ୍‌କୁ ଜବତ କରାଯାଇ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ତୁଷାର ନାୟକ ସୂଚନା ଦେଇଛନ୍ତି।

ମାଦଳ ମହୁରୀ ଉତ୍ସବ ଉଦ୍‌ଯାପିତ

# ଶେଷ ସନ୍ଧ୍ୟାରେ ନାଟକ 'ମରୀଚିକାର ଛାଇ' ମଞ୍ଚସ୍ଥ





ବାରିପଦା, ୧୦।୪(ସମିସ)

ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦୁର୍ଯ୍ୟ -ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ମାଦଳ ମହୁରୀ ଉତ୍ସବ-୨୦୨୬ ଉଦଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ କ୍ଷୀରୋଦ ସିଟଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ମରୀଚିକାର ଛାଇ' ମଞ୍ଚସ୍ଥ ହୋଇଛି। ଏହି ନାଟକରେ କାକୋଲୀ ନନ୍ଦି ଓ କ୍ରିଷ୍ଣା ଦାସଙ୍କ ଅଭିନୟ ଦର୍ଶକଙ୍କୁ ସ୍ତବ୍ଧ କରିଥିଲା। ନାଟକ ପ୍ରାରମ୍ଭରେ ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ବିଶିଷ୍ଟ ନାଟ୍ୟକାର ହରିଶ ଚନ୍ଦ୍ର ବେହେରା, ପ୍ରାକ୍ତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର, ଝରଣା ବେହେରା, ଅଭିନେତା ନିର୍ଦ୍ଦେଶକ ଅନ୍ନଦା ଶଙ୍କର ଦାଶ, ରାଜେଶ ଦାଶ ଓ ଗୋକୁଳ ଚନ୍ଦ୍ର ଦାସ, ଶିଶୁ ନାଟ୍ୟକାର ଇଂ ମନୋଜ କୁମାର ଦଳବେହେରା, ଗୀତିକାର, ପ୍ରାକ୍ତନ ଅଧ୍ୟକ୍ଷ ସୁନୀଲ କୁମାର ଜେନା ଓ ରବି ଚାଉପଟ୍ଟନାୟକ ପ୍ରମୁଖ ଯୋଗଦେଇ ମାଦଳ ମହୁରୀ ଉତ୍ସବର ପରିକଳ୍ପନା ପାଇଁ ଆୟୋଜକଙ୍କୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହାର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଏ ଅବସରରେ ନାଟକ କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ନାଟ୍ୟକାର ହରିଶ ଚନ୍ଦ୍ର ବେହେରା, ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ସୁଧାମୟୀ ଦାସ ଓ କାବେରୀ ମିଶ୍ରଙ୍କୁ ଶ୍ରୀକାନ୍ତ ଦେ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କୁନି ଓଡ଼ିଶୀ କଳାକାର ନୟନିକା ମହାନ୍ତିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରି ଉତ୍ସାହିତ କରାଯାଇଥିଲା। ସୋମନାଥ ସିଂହ ଓ ଗୌରବ ସିଟ ମଞ୍ଚ ପରିଚାଳନା କରିଥିଲେ। ମା' ତୁଳସୀ କୁଡ଼ମାଲୀ ନୃତ୍ୟ ଦଳର ଝୁମର ନୃତ୍ୟ ମଧ୍ୟରେ ଅନିରୁଦ୍ଧ ଜେନାଙ୍କ ତରଫରୁ ଟ୍ରଫି ଓ ଅନୁଷ୍ଠାନ ତରଫରୁ ପ୍ରମାଣପତ୍ର ସୌଖିନ କଳାକାର କ୍ଲବର ସମ୍ପାଦକ ଅନିଲ କୁମାର ପ୍ରଧାନ ଓ ଦୁର୍ଯ୍ୟ ସାହିତ୍ୟ ସାଂସ୍କୃତିକ ପରିଷଦର ଉପସଭାପତି ସବିତା ସିଟଙ୍କ ହାତରେ ସମସ୍ତ ନାଟକର ନିର୍ଦ୍ଦେଶକ ଓ କଳାକାରଙ୍କୁ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଆୟୋଜନ ଶ୍ରୀ ସିଟ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣି ଟ୍ରାନ୍ସଫର୍ମର କୋର ଓ କଏଲ ଚୋରି

**ରାଇରଙ୍ଗପୁର, ୧୦।୪ (ସମିସ):** ବାମନଘାଟି ଉପଖଣ୍ଡରେ ପୁଣି ଟ୍ରାନ୍ସଫର୍ମର କୋର ଓ କଏଲ ଚୋରି ହୋଇଛି। ଏ ନେଇ ଟାଟା ପାୱାର କୁସୁମୀ ବିଦ୍ୟୁତ ସେକ୍ସନ ପରିଚାଳକ ପ୍ରମୋଦ କୁମାର ଦାସ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ଗୋଡ଼ସାହି ଗ୍ରାମାଞ୍ଚଳରେ ବିଦ୍ୟୁତ ସମସ୍ୟା ହେବାରୁ ଲାଇନମ୍ୟାନ ଯାଞ୍ଚ କରିଥିଲେ। ତେବେ ଟ୍ରାନ୍ସଫର୍ମର ମଧ୍ୟରୁ କୋର ଓ କଏଲ ଚୋରି ହୋଇଥିବା ଦେଖିଥିଲେ। ଏହାର ଆନୁମାନିକ ମୂଲ୍ୟ ୮୦,୦୦୦ ଟଙ୍କାରୁ ଅଧିକ ଅଟେ। ଏନେଇ ସେ ଖବର ପାଇବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ମନ୍ଦିରରୁ ଚୋରି

**ରାଇରଙ୍ଗପୁର, ୧୦।୪(ସମିସ):** ରାଇରଙ୍ଗପୁରର ୱାର୍ଡ ନଂ୪ ଅଞ୍ଚଳସ୍ଥ ଶିରିଡି ସାଇ ମନ୍ଦିରରୁ ଚୋରି ହୋଇଛି। ବିଳମ୍ବିତ ରାତିରେ ଦୁର୍ବୃତ୍ତ ମନ୍ଦିରରେ ପଶି ବିଭିନ୍ନ ସାମଗ୍ରୀ ଚୋରି କରିଛନ୍ତି। ସକାଳୁ ପୂଜକ ମନ୍ଦିର ଖୋଲି ଚୋରି ହୋଇଥିବା ଜାଣି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ସ୍ଥାନୀୟ ଲୋକ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସକାଳ
THE SAKALA

# ସମ୍ପାଦକୀୟ



ଗଲାଣି ତ ଗଲା କଥା, ରେ ସଙ୍ଗାତ, ଗଲାଣି ତ ଗଲା କଥା
ଗୁପତେ ସିନା ମୁଁ ତୋତେ ପଚାରିଲି, ବଳିପଡ଼ିବାରୁ ବ୍ୟଥା
-କବିସୂର୍ଯ୍ୟ ବଳଦେବ ରଥ

# ଭୂ-ରାଜନୀତିରେ ଭୂ-ଚଳନ

ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନର ୩୮ ଦିନ ପରେ ଦୁଇ ସପ୍ତାହ ପାଇଁ ଯୁଦ୍ଧ ବିରତି ଓ ଶାନ୍ତି ଆଲୋଚନାର ପଥ ପରିଷ୍କାର କରିବାକୁ ଟ୍ରମ୍ପ କାହିଁକି ଆଗ୍ରହ ପ୍ରକାଶ କଲେ ? ଏହି ପ୍ରଶ୍ନର ଉତ୍ତର ଯାହା ହେଉନା କାହିଁକି, ପାକିସ୍ତାନର ମଧ୍ୟସ୍ଥତାକୁ ଗୁରୁତ୍ୱ ଦିଆଯିବା ପଛରେ ଟ୍ରମ୍ପ ଅସହାୟତା ସ୍ପଷ୍ଟ ବାରି ହୋଇପଡୁଥିବା ବିଶ୍ୱ ଜନ ସମୁଦାୟ ଅନୁଭବ କରୁଛି । ଯେଉଁଠି ସୁରକ୍ଷା କାରଣରୁ ଦୁଇ ତିନି ଦିନରୁ ଅଧିକ ସମୟ ପାଇଁ ଆଲୋଚନା ଜାରି ରଖିବାର ସୁଯୋଗ ନାହିଁ ସେଠାକୁ କେଉଁ ସାହସରେ ଦୁଇପକ୍ଷ ନିଜର ପ୍ରତିନିଧିଙ୍କୁ ପଠାଇଛନ୍ତି ? ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏଭଳି ଏକ ନିଷ୍ପତ୍ତି ନେବା ବ୍ୟତୀତ ଆମେରିକା ନିକଟରେ ଅନ୍ୟ କୌଣସି ବିକଳ୍ପ ନାହିଁ । ଏହି ମଧ୍ୟସ୍ଥତାରେ ଅନ୍ୟ ସହଯୋଗୀ ତୁର୍କୀ ଓ ସାଉଦୀ ଆରବର ଭୂମିକା ନଗଣ୍ୟ । କାରଣ ଆମେରିକାର ହୃଦ୍‌ବୋଧ ହୋଇଛି ଯେ ଚୀନର ବିନା ସହାୟତାରେ ଇରାନ ଶାନ୍ତି ଆଲୋଚନା ପାଇଁ ରାଜି ହେବ ନାହିଁ । ଚୀନ ସହ ପାକିସ୍ତାନର ସଂପର୍କ ଦୃଷ୍ଟିରୁ ଘଟଣାକ୍ରମକୁ ଆଗେଇ ନେବାରେ ଶାହାବାଜ ଶରିଫ ଓ ଆସିଫ ମୁନୀରଙ୍କ ଭୂମିକାକୁ ଦିଆଯାଇଥିବା ଗୁରୁତ୍ୱ ଶେଷରେ ସଫଳ ହୋଇଛି ।

ଆମେରିକାର ପ୍ରଭୁତ୍ୱ ନିକଟରେ ସମର୍ପିତ ସମଗ୍ର ବିଶ୍ୱ ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟା ମଧ୍ୟରେ ବିକଳ୍ପ ନେତୃତ୍ୱର ଠିକଣା ପାଇ ପାରିଛନ୍ତି । ହର୍ମୁଜ ପ୍ରଣାଳୀରେ ଇରାନର କଟକଣା ପ୍ରୟୋଗରୁ ସୃଷ୍ଟ ଶକ୍ତି ସଂକଟ ଓ ଆର୍ଥିକ ବିଶୃଙ୍ଖଳା ସତ୍ତ୍ୱେ ଆମେରିକା ସହ ହାତ ମିଳାଇବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି ୟୁରୋପୀୟ ମିତ୍ର ରାଷ୍ଟ୍ର । ପରିସ୍ଥିତି ଦିନକୁ ଦିନ ସୁଧୁରିବା ପରିବର୍ତ୍ତେ ବିଗିଡ଼ିବାରୁ ମନେ ହେଲା, ଆମେରିକାର ଏକମାତ୍ର ବିଶ୍ୱସ୍ତ ସହଯୋଗୀ ଇସ୍ରାଏଲ । ଅଥଚ ଏହି ଯୁଦ୍ଧର ପୃଷ୍ଠ ଭାଗରେ ଆମେରିକା ଅପେକ୍ଷା ଇସ୍ରାଏଲର ସ୍ୱାର୍ଥ ଅଧିକ । ଯୁଦ୍ଧ ହେଲେ ଦୁଇ ପକ୍ଷର କ୍ଷତି ହେବା ସ୍ୱାଭାବିକ । କେବଳ ଅଳ୍ପ ବେଶୀରେ ତାରତମ୍ୟ । ଏକଥା ସତ ଯେ ଇରାନ ନିଜର ପ୍ରମୁଖ ନେତୃତ୍ୱଙ୍କୁ ହାରାଇବା ସହ ବିପୁଳ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛି । ଅନ୍ୟପକ୍ଷରେ ଆମେରିକା କେବଳ ନିଜର ପ୍ରଭାବ ଓ ପତିଆରା ହରାଇବି, ନିଜର ଅର୍ଥନୀତିରେ ପେଟ୍ରୋଡଲାରର ଥିବା ଭୂମିକା କ୍ରମେ କ୍ଷୁର୍ଣ୍ଣ ହୋଇଥିବା ବେଳେ ସୁରକ୍ଷା ପ୍ରସଙ୍ଗ ନେଇ ସହଯୋଗୀ ଆରବ ରାଷ୍ଟ୍ରଙ୍କ ଭରସା ତୁଟିବା ଆରମ୍ଭ କରିଛି । ଏପରିକି ଆମେରିକାର ଜନମତ ଓ ଆଭ୍ୟନ୍ତରୀଣ ପରିସ୍ଥିତି କ୍ରମେ ନିୟନ୍ତ୍ରଣ ବାହାରକୁ ଯାଉଥିବାରୁ ଟ୍ରମ୍ପ ଅସହାୟ ହୋଇ ପଡ଼ିବା ସ୍ୱାଭାବିକ ।

ବଜାର ଅର୍ଥନୀତିର ସକ୍ରିୟତା ମାଧ୍ୟମରେ ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସକାଶେ ବିଶ୍ୱର ପ୍ରମୁଖ ଶକ୍ତି ନିବେଶ ମାଧ୍ୟମରେ ନୂଆ ବଜାର ଅକ୍ତିଆର କରିବାକୁ ପ୍ରୟାସ ଜାରି ରଖିଥିବା ବେଳେ ଟ୍ରମ୍ପ ଅତିରିକ୍ତ ବହିଃଶୁଳ୍କ ଦାବି କରି ଯେଉଁ ବାଣିଜ୍ୟଯୁଦ୍ଧ ଆରମ୍ଭ କରିଦେଲେ ସେଥିରେ ସହଯୋଗୀ ରାଷ୍ଟ୍ର ମଧ୍ୟ କ୍ଷତିଗ୍ରସ୍ତ ହେଲେ । ଏହାକୁ କେନ୍ଦ୍ର କରି ଭୂ-ରାଜନୈତିକ ସ୍ତରରେ ଏକ ବଡ଼ ଧରଣର ଆଭିମୁଖ୍ୟ ଗତ ପରିବର୍ତ୍ତନର ଆଭାସ ମିଳିଥିଲା । ତାହାକୁ ଇନ୍ଧନ ଯୋଗାଇଛି ମଧ୍ୟପ୍ରାଚ୍ୟ ଯୁଦ୍ଧ । ନିଜର ଶକ୍ତି ଓ ସାମର୍ଥ୍ୟ ମାଧ୍ୟମରେ ଇରାନ ଯୁଦ୍ଧ ଲଢୁଥିଲେ ମଧ୍ୟ ଚୀନ ଓ ରୁଷର ବୈଷୟିକ ସହଯୋଗିତା ପ୍ରତିପକ୍ଷଙ୍କ ଉପରେ ଲକ୍ଷ୍ୟ ଭିତ୍ତିକ ପ୍ରହାର ସକାଶେ ସୁଯୋଗ ସୃଷ୍ଟି କରିଆସିଛି । ଗଲ୍ଫର ତୈଳ ଉପରେ ନିର୍ଭରଶୀଳ ସମଗ୍ର ବିଶ୍ୱବ୍ୟବସ୍ଥା ଘୋର ଆର୍ଥିକ ସଂକଟ ମଧ୍ୟ ଦେଇ ଗତି କରୁଥିବା ବେଳେ ଟ୍ରମ୍ପ ଇରାନ ଓ ରୁଷର ତୈଳ ବାଣିଜ୍ୟ ଉପରୁ ପ୍ରତିବନ୍ଧ ଉଠାଇବାକୁ ବାଧ୍ୟ ହେଲେ । ଏହି ସ୍ଥିତିରୁ ଇରାନ, ଚୀନ ଓ ରୁଷିଆ ଆର୍ଥିକ ଫାଇଦା ହାସଲ କଲେ । ଇରାନରୁ ଚୀନ ବଜାର ଦରଠାରୁ ଶସ୍ତାରେ ତୈଳ ସଂଗ୍ରହ କରୁଥିବା ବେଳେ, ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳର ସୁଯୋଗ ଲାଭ କରୁଥିବା ରାଷ୍ଟ୍ରଙ୍କୁ ଚୀନ ମୁଦ୍ରା ୟୁଆନ୍‌ରେ ଟୋଲ୍ ଟିକସ ଭରିବାକୁ ପଡ଼ିଲା । ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଡଲାରର ପ୍ରାଧାନ୍ୟ ଉପରେ ଏହା ଏକ ଶକ୍ତ ଆଘାତ । ମଧ୍ୟପ୍ରାଚ୍ୟ ଯୁଦ୍ଧରେ ହାରଜିତ କାହାର ହେବ ତାହା ବଡ଼ କଥା ନୁହେଁ । ସବୁଠାରୁ ବଡ଼କଥା ହେଲା, ଚୀନର ପ୍ରାଧାନ୍ୟ କ୍ରମାଗତ ଭାବେ ବଢ଼ିଚାଲିଛି । ସମୟର ଆବଶ୍ୟକତା ଦୃଷ୍ଟିରୁ ଆମେରିକାର ସହଯୋଗୀ ରାଷ୍ଟ୍ର ମଧ୍ୟ ଚୀନ ସହ ଯୋଗାଯୋଗରେ ଅଛନ୍ତି । କାରଣ ଟ୍ରମ୍ପଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ଉପରୁ ସେମାନଙ୍କ ଭରସା କ୍ରମାଗତ ତୁଟିବା ଆରମ୍ଭ କରିଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକାର ଶକ୍ତି ଓ ସାମର୍ଥ୍ୟ ପ୍ରତି ଯେଉଁ ଆସ୍ଥା ସୃଷ୍ଟି ହେଲା ତାହାକୁ ବଳ ଦେଲା ଆରବ ରାଷ୍ଟ୍ର ସମୂହ । ୧୯୭୧ରେ ସମସ୍ତ ତୈଳ କାରବାରର ମାଧ୍ୟମ ହେଲା ଡଲାର । ତାହାକୁ ଶେଷରେ ପେଟ୍ରୋଡଲାରର ମାନ୍ୟତା ମିଳିଛି । ପରିବର୍ତ୍ତିତ ପରିସ୍ଥିତିରେ ଡଲାରର ପ୍ରାଧାନ୍ୟ ବୃଦ୍ଧି ପାଇବାରୁ ବିଶ୍ୱବାଣିଜ୍ୟିକ କାରବାରରେ ତାହାକୁ ମାଧ୍ୟମ ରୂପେ ଗ୍ରହଣ କରାଗଲା । ଏସବୁ ସତ୍ତ୍ୱେ ଶୀତଳ ଯୁଦ୍ଧ ପରିବେଶରେ ଆମେରିକା ଓ ସୋଭିଏତ ୟୁନିୟନ ମଧ୍ୟରେ କ୍ଷମତା କନ୍ଦଳ ତିଷ୍ଠି ରହିଥିବାରୁ ବିରାଜିତ ବିଶ୍ୱକୁ ଏକକ ନେତୃତ୍ୱ ନେବା ସମ୍ଭବ ହୋଇନଥିଲା ୱାଶିଂଟନ ପକ୍ଷରେ । ନବେ ଦଶକରେ ସୋଭିଏତ୍ ରୁଷ୍ ବିଭାଜନ ପରେ ଆମେରିକାର ଏକ ନାୟକତ୍ୱବାଦର ପ୍ରାଧାନ୍ୟ ବୃଦ୍ଧି ପାଇଲା । ଏକଥା ସତ ଯେ ଡଲାରକୁ ଦୁର୍ବଳ କରିବା ପାଇଁ ବ୍ରିକ୍ସ ଓ ୟୁରୋପ ରାଷ୍ଟ୍ର ସଂଘ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା । ୟୁରୋପର ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ସମସ୍ତ ବାଣିଜ୍ୟିକ କାରବାର ୟୁରୋ ମାଧ୍ୟମରେ ପରିଚାଳନା ସକାଶେ ହୋଇଥିବା ଉଦ୍ୟମକୁ ଆମେରିକା ତାହାର ନିକଟତମ ସହଯୋଗୀ ବ୍ରିଟେନ ସହାୟତାରେ ଭଣ୍ଡୁର କରିଥିଲା । ପରିସ୍ଥିତି ଏପରି ହେଲା ଯେ ୟୁରୋପୀୟ ୟୁନିୟନରୁ ବ୍ରିଟେନ୍ ପୃଥକ୍ ହୋଇଗଲା । ସବୁଠାରୁ ଉଲ୍ଲେଖଯୋଗ୍ୟ କି ଏବେ ଉପୁଜିଥିବା ପରିସ୍ଥିତିରେ ବ୍ରିଟେନ୍‌ର ପ୍ରାଧାନମନ୍ତ୍ରୀ ଷ୍ଟାର୍ମର କହିଛନ୍ତି ଯେ ବ୍ରେକ୍ ଜିଟ୍ ଏକ ଭୁଲ ନିଷ୍ପତ୍ତି ଥିଲା । ଏଭଳି ଏକ ନିଷ୍ପତ୍ତି ଓ ଗଣଭୋଟ ପଛରେ ଥିବା କାରସାଦୀପୂର୍ଣ୍ଣ ପ୍ରଚାରର ମନ୍ଦ ଉଦ୍ଦେଶ୍ୟ ସେ ଖୁଲାସା କରିଛନ୍ତି । ସେହିଭଳି ବ୍ରିକ୍ସ ବୈଠକରେ ଡଲାର ବଦଳରେ ମିଳିତ ମୁଦ୍ରା ପ୍ରଚଳନ ଉଦ୍ୟମ ଟ୍ରମ୍ପଙ୍କ ନାଲି ଆଖିରେ ବାଧାପ୍ରାପ୍ତ ହୋଇଥିଲା । ଏସବୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ପେଟ୍ରୋଡଲାର ଏବେ ଗୁରୁତର ସଂକଟର ସମ୍ମୁଖୀନ ହୋଇଛି । ଅନ୍ୟପକ୍ଷରେ ହର୍ମୁଜ ପ୍ରଣାଳୀ କଟକଣା ପରେ ଚୀନର ମୁଦ୍ରା ୟୁଆନ ଦିନକୁ ଦିନ ଶକ୍ତିଶାଳୀ ହେବାରେ ଲାଗିଛି ।

ଏହି ଦୃଶ୍ୟପଟ୍ଟ ଉପସ୍ଥାପନ କଲାବେଳେ ଆମକୁ କହିବାକୁ ପଡୁଛି ଯେ ଇସ୍ରାଏଲ ପ୍ରତି ଟ୍ରମ୍ପଙ୍କ ସହାନୁଭୂତି ଓ ଅନୁକମ୍ପା ତାଙ୍କର ପ୍ରଭାବୀ ନେତୃତ୍ୱ ପ୍ରତି ଗୁରୁତର ଧକ୍କା ଲଗାଇଛି । କ୍ରମାଗତ ଇରାନ ସହ ଶାନ୍ତି ଆଲୋଚନା ବିଫଳ ହେବା ପଛରେ ନେତାନ୍ୟାହୁଙ୍କ ଭୂମିକା ରହିଛି । ବୁଝାମଣା ବଦଳରେ ଇରାନ ବିରୋଧରେ ଯୁଦ୍ଧ ଚାହୁଁଥିବାରୁ ସେ ପାକିସ୍ତାନ ବୈଠକ ପୂର୍ବରୁ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ଲେବାନନ୍ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି । ଏହି ଆକ୍ରମଣ ହେଜବୋଲ୍ଲା ବିରୋଧରେ ନଥିଲା, ଥିଲା ଦେଶବାସୀଙ୍କ ନିରୀହ ଜନଜୀବନ ଉପରେ । ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଏକ ହଜାରରୁ ଊର୍ଦ୍ଧ୍ୱ ହତାହତ ହୋଇଛନ୍ତି । ଗାଜାପଟ୍ଟିରେ ହମାସ୍‌ଙ୍କ ଉପରେ ଆକ୍ରମଣରେ ଲକ୍ଷ ଲକ୍ଷ ମହିଳା ଓ ଶିଶୁଙ୍କୁ ହତ୍ୟାକରିଥିବା ନେତାନ୍ୟାହୁଙ୍କ ନେତୃତ୍ୱ ପ୍ରତି ଟ୍ରମ୍ପଙ୍କ ସମର୍ଥନ ଯେଉଁ ପ୍ରଶ୍ନବାଚୀ ସୃଷ୍ଟି କରିଛି ସେଥିରେ କହିବାକୁ ପଡୁଛି ଯେ ଆମେରିକାର ପ୍ରଶାସନ ଇସ୍ରାଏଲ ନିୟନ୍ତ୍ରଣରେ ଅଛି ।

ପରିବର୍ତ୍ତିତ ଭୂ-ରାଜନୈତିକ ସ୍ଥିତିରେ ଆମର ସ୍ଥାନ କେଉଁଠି? ଏକଥା ସତ ଯେ ଆମେରିକା ଓ ଇସ୍ରାଏଲକୁ ସମର୍ଥନ ଦେଇ ଆମେ କିଛି ବଂଧୁରାଷ୍ଟ୍ରଙ୍କ ସହାନୁଭୂତି ହରାଇଛୁ । ଏବେ ଯେଉଁ ନୂଆ ନେତୃତ୍ୱ ପ୍ରତି ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଉଛି ସେ ହେଉଛି ଚୀନ । ପଡ଼ୋଶୀ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ସହ ନିବିଡ଼ ସଂପର୍କ ରଖି ଭାରତୀୟ ସୀମାନ୍ତରେ କ୍ରମାଗତ ବିପଦ ସୃଷ୍ଟି କରି ଆସିଥିବା ବେଜିଂ ନେତୃତ୍ୱକୁ ଆମେ ଭରସା କରିପାରିବା ? ଏଭଳି ଏକ ଦ୍ୱନ୍ଦ୍ୱ ମଧ୍ୟରେ ଭାରତର କୂଟନୈତିକ ଭୂମିକା ସମୟକୁ ଅପେକ୍ଷା କରିବା ଛଡ଼ା ଅନ୍ୟ କୌଣସି ବାଟି ନାହିଁ । ●

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ଶ୍ରେଷ୍ଠତ୍ୱ, ସୃଷ୍ଟିରେ ନା ଧ୍ୱଂସରେ !

ବିଚିତ୍ର ବିଶ୍ୱାଳ

ଆମେ ବାରମ୍ବାର କହୁଛୁ, ଶୁଣୁଛୁ ଓ ପଢୁଛୁ, ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ । ମଣିଷର ଚିନ୍ତା କରିବାର ଶକ୍ତି ଅଛି, ବିବେକ ଅଛି, ବିବେକକୁ ପ୍ରୟୋଗ କରି ନ୍ୟାୟ ଅନ୍ୟାୟ ଭିତରେ ପ୍ରଭେଦ ଜାଣି ସେହି ହିସାବରେ କାମ କରିବାର ଶକ୍ତି ବି ଅଛି । ଅନ୍ୟ ଜୀବମାନଙ୍କ ତୁଳନାରେ ମଣିଷର କଳ୍ପନା ଶକ୍ତି ଅତ୍ୟନ୍ତ ପ୍ରଖର । ଏହି କଳ୍ପନା ଶକ୍ତି ଯୋଗୁ ମଣିଷ ଅନ୍ୟ ସମସ୍ତ ଜୀବଙ୍କ ଅପେକ୍ଷା ଅଧିକ ଉନ୍ନତ ବୋଲି ବି କୁହାଯାଏ । ଏହା ଛଡ଼ା ମଣିଷ ବୁଦ୍ଧିରେ ବି ସୃଷ୍ଟିର ସବୁ ଜୀବଙ୍କ ଅପେକ୍ଷା ଅଧିକ ଚତୁର ବୋଲି ପରିଗଣିତ ହୁଏ । କିନ୍ତୁ ପ୍ରଶ୍ନ ଉଠୁଛି, ଏସବୁ କେବଳ ଆମେ ଅଭ୍ୟାସଗତ ଭାବେ କହୁଛେ, ନା ସାମ୍ପ୍ରତିକ ପରିସ୍ଥିତିକୁ ଦେଖି ଏହାର ମୂଲ୍ୟାଙ୍କନ କରି ମଧ୍ୟ କହୁଛେ! ଶ୍ରେଷ୍ଠତ୍ୱ ଧ୍ୱଂସ କରିବାର ଶକ୍ତିରେ ନିହିତ ଥାଏ, ନା ସୃଷ୍ଟି କରିବାର ଶକ୍ତିରେ? ଯଦି ଏହି ପ୍ରଶ୍ନକୁ ଗହନ ଭାବେ ବିଚାର କରାଯିବା ସହିତ ବର୍ତ୍ତମାନର ଦୁନିଆର ବାସ୍ତବତାକୁ ନିରପେକ୍ଷ ଭାବେ ମୂଲ୍ୟାଙ୍କନ କରାଯାଏ, ତେବେ ଆଜି ସମଗ୍ର ସୃଷ୍ଟିରେ ମଣିଷର ଆସନ ଅନେକ ପଛରେ ରହିବ, ଏଥିରେ ସନ୍ଦେହ ନାହିଁ ।

ଆଜିର ଦୁନିଆକୁ ଯଦି ଲକ୍ଷ୍ୟ କରିବା, ତେବେ ସ୍ପଷ୍ଟ ଦେଖାଯିବ ଯେ, ସଂପ୍ରତି ଏକବିଂଶ ଶତାବ୍ଦୀର ମଣିଷମାନେ କେବଳ ଯୁଦ୍ଧ ପଛରେ ଧାଇଁଛନ୍ତି । ଆଉ ଏହି ଯୁଦ୍ଧ ବଣ ଜଙ୍ଗଲ ମଧ୍ୟରେ ଲୁଚିଛପି ହେଉନାହିଁ । ଏକାଧିକ ଦେଶ ପରସ୍ପର ବିରୁଦ୍ଧରେ ଆନୁଷ୍ଠାନିକ ଯୁଦ୍ଧ ଲଢୁଛନ୍ତି । ଆମେରିକା-ଇରାନ ହେଉ, ଇସ୍ରାଏଲ-ପାଲେଷ୍ଟାଇନ ହେଉ, ରଷ୍ -ୟୁକ୍ରେନ ହେଉ କି ପାକିସ୍ତାନ-ଆଫଗାନିସ୍ତାନ, ସମସ୍ତେ ଏବେ ଯୁଦ୍ଧର ମଇଦାନରେ । ଭାରତ, ପାକିସ୍ତାନ, ମଧ୍ୟପ୍ରାଚ୍ୟ, ଚାଇନା, ଆଫ୍ରିକା, ଦକ୍ଷିଣ ଆମେରିକାର ରାଷ୍ଟ୍ରମାନେ ବି ଏହି ଧାରାର ପଛରେ ନାହାନ୍ତି । ଗୋଟିଏ ପକ୍ଷର ମଣିଷଙ୍କ ରକ୍ତ ଅପର ପକ୍ଷ ପାଇଁ ଏକାନ୍ତ ଆବଶ୍ୟକତା ପାଲଟି ଯାଇଛି । ଆଜିର ଏହି ଯୁଦ୍ଧ ବି ହାତ ହତିଆରରେ ହେଉନାହିଁ । କମ୍ପ୍ୟୁଟର ମାଧ୍ୟମରେ ହେଉଛି । ଏହି ଯୁଦ୍ଧରେ କେବଳ ଲଢୁଥିବା ସୈନିକମାନଙ୍କ ପ୍ରାଣହାନୀ ହେଉନାହିଁ; ଚାରିପଟେ ଥିବା ସାଧାରଣ ମଣିଷମାନେ ଅକାଳରେ ମୃତ୍ୟୁବରଣ କରୁଛନ୍ତି ଆଜିର ବିକଶିତ ଦୁନିଆର ଆଣବିକ ଯୁଦ୍ଧରେ । ସଂପ୍ରତି ଦୁନିଆରେ ସେଇମାନଙ୍କୁ ବିକଶିତ କୁହାଯାଉଛି, ଯିଏ ଅତି କମ୍ ପରିଶ୍ରମରେ କେବଳ ସ୍ୱିଚ୍ ଟିପି ଅପରପକ୍ଷର ଲକ୍ଷ ଲକ୍ଷ ଲୋକଙ୍କୁ ମାରିପାରୁଛି । ବିକାଶର କି ଅଜବ ପରିଭାଷା ଆମେ ବନେଇ ଦେଇଛେ! ଦ୍ରୁତ ଗତିରେ ଓ ଅନାୟାସରେ ମଣିଷଙ୍କୁ ମାରିପାରିବା ଯଦି ବିକାଶ, ତା'ହେଲେ ବିନାଶ ଆଉ କଣ ? ବିକାଶ ରାସ୍ତାରେ ଆମେ ଏମିତି ଦୌଡୁଛେ ଯେ, କେତେବେଳେ ଏ ଦୁନିଆର ବିନାଶ ହିଁ ବିକାଶ ପାଲଟି ଗଲାଣି ଆମେ ଜାଣି ପାରୁନୁ । ଆଜିର ଏହି ଯୁଦ୍ଧଖୋର୍ ପୃଥିବୀରେ ବିଦ୍ୟାଳୟ ଉପରେ ବୋମା ପଡୁଛି, ଡାକ୍ତରଖାନା ଉପରେ କ୍ଷେପଣାସ୍ତ୍ର ମାଡ଼ ହେଉଛି, ରାଷ୍ଟ୍ର ମୁଖ୍ୟମାନଙ୍କ ନିରପରାଧ ପରିବାରଜନଙ୍କୁ ହତ୍ୟା କରାଯାଉଛି । ଶିଶୁ, ମହିଳା, ବୃଦ୍ଧ, ଅସହାୟ ଲୋକମାନଙ୍କୁ ହତ୍ୟା କରି ସାମ୍ବାଦିକ ସମ୍ମିଳନୀରେ ରିପୋର୍ଟ ପାଠ କରାଯାଉଛି । ଏହି ସବୁ ଗୁଣ ଓ ଚରିତ୍ର କ'ଣ ବିକଶିତ ମନୁଷ୍ୟର ପରିଚୟ ? ସତରେ ଆଜିର ସମୟରେ ଠିଆ ହୋଇ ଆମେ କ'ଣ କହିପାରିବା ଯେ, ଆମେ ନିଆଣ୍ଡର୍ଥାଲ୍, କ୍ରୋମାଗନନ ମାନବ, ସିମ୍ପାଜୀ ଓ ମାଙ୍କଡ଼ଙ୍କଠାରୁ ଆମେ ଉନ୍ନତ? ଆମ ଉନ୍ନତ ତଥା ପ୍ରଗତିର ପରିଚୟ କ'ଣ ଅନ୍ୟ ମଣିଷର ହତ୍ୟା? ନିଜେ ସୃଷ୍ଟି କରିଥିବା ଭିତ୍ତିଭୂମିର ଧ୍ୱଂସ? ଶହ ଶହ ବର୍ଷ ଧରି ଆମେ ଯେଉଁ ଦୁନିଆ ଗଢ଼ିଛେ, ଯେଉଁ ଭିତ୍ତିଭୂମି ତିଆରି କରିଛନ୍ତି ବୋଲି ଗର୍ବ କରୁଥିଲେ, ସେସବୁକୁ ଧ୍ୱଂସ କରିବାକୁ ଆମ ମାନବିକତା କେମିତି ଅନୁମତି ଦେଇପାରୁଛି! ଆଜିର ସମୟରେ ମାନବିକତା ଧୀରେ ଧୀରେ ପଶୁତ୍ୱଠାରୁ ଅଧିକ ନିର୍ଦ୍ଦୟ ହେବାରେ ଲାଗୁଛି । ସମୟ ଆସିବ, ଭଲ କାମ କରିବାକୁ ମାନବିକତାର ଦ୍ୱାହି ଦେବା ପାଇଁ ଆମ ପାଖରେ ଆଉ ମାନବିକତାର ଉଦାହରଣ ବି ବଞ୍ଚି ନ ଥିବ ।

ଗଳିରେ ବେଳେବେଳେ କୁକୁରମାନେ ଯେପରି ଲଢନ୍ତି, ଅବୁଝା ଛୋଟ ପିଲାମାନେ ଯେପରି ପରସ୍ପର ବିରୁଦ୍ଧରେ ମାଡ଼ଗୋଳ ଲାଗନ୍ତି, ପରସ୍ପର ଉପରକୁ ଟେକା, ପଥର ପକାନ୍ତି, ଏବେ ଦେଶର ମୁଖ୍ୟମାନେ ପରସ୍ପରଙ୍କ ଉପରେ ସେପରି ବୋମାଟି କ୍ଷେପଣାସ୍ତ୍ର ମାଡ଼ କରୁଛନ୍ତି । ଛୋଟ ପିଲାମାନେ ତ ଆଜି ମାଡ଼ଗୋଳ ଲାଗିଲେ କାଲି ପୁଣି ମିଶିଯା'ନ୍ତି । କିନ୍ତୁ ଆଜିର ସମୟରେ ରାଷ୍ଟ୍ରମାନେ ପରସ୍ପର ବିରୁଦ୍ଧରେ ବର୍ଷ ବର୍ଷ ଧରି ଯୁଦ୍ଧ ଲଢୁଛନ୍ତି । ସମସ୍ତଙ୍କ ଉଦ୍ଦେଶ୍ୟ ଅପରକୁ ଧ୍ୱଂସ କରିବା । କିନ୍ତୁ ତା' ସହିତ ନିଜେ ବି ଧ୍ୱଂସ ହେଉଛନ୍ତି ଓ ଆମର ପ୍ରିୟ ଦୁନିଆ ବି ଧ୍ୱଂସ ହେଉଛି ବୋଲି ଆମେ ଭୁଲି ଯାଉଛେ । ଏବେର ଆମେରିକା-ଇରାନ ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ତୈଳ ସଙ୍କଟ ଦେଖାଗଲାଣି । ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକର ମୂଲ୍ୟ ହୁ ହୁ ହୋଇ ବଢୁଛି । କ୍ଷତି କେବଳ ଇରାନ ସହୁନି; ସାରା ଦୁନିଆ ଏ କ୍ଷତିର ଶିକାର ହେଉଛି । ଏପରି ବିପର୍ଯ୍ୟୟ ଆମ ପାଇଁ କେଉଁ ପ୍ରକୃତି କି ଅନ୍ୟ ଜୀବ ଡାକି ଆଣୁନାହାନ୍ତି; ଖୋଦ୍ ମଣିଷ ନିଜ ପାଇଁ ନିଜେ ଏପରି ବିପର୍ଯ୍ୟୟକୁ ବୋହି ଆଣୁଛି । ତା'ହେଲେ ମଣିଷର ଇଏ କେମିତିକା ଶ୍ରେଷ୍ଠତ୍ୱ?

କେବଳ ଏହି ଯୁଦ୍ଧଖୋର୍ ପ୍ରବୃତ୍ତିକୁ ନେଇ ନୁହେଁ; ପ୍ରକୃତି ବିରୋଧୀ କାର୍ଯ୍ୟକଳାପ ବି ଆମ ମଣିଷପଣିଆକୁ ଆଜି କାଠଗଡ଼ାରେ ଠିଆ କରିଛି । ସୃଷ୍ଟିକୁ ସରସ ସୁନ୍ଦର ରଖିବା ପାଇଁ ପ୍ରକୃତି କୋଳନଦୀ, ଜଙ୍ଗଲ, ପାହାଡ଼ ପର୍ବତ, ଚାରଣଭୂମି, ଚାଷ ଜମି, ଜଳାଶୟ, ମରୁଭୂମି ସବୁକିଛି ଅଛି । ସୃଷ୍ଟିର ପ୍ରତ୍ୟେକ ଜୀବ ଆରାମରେ ଜୀବନଯାପନ କରିବା ପାଇଁ ପ୍ରକୃତି ଆମକୁ ସବୁ କିଛି ଅତ୍ୟନ୍ତ ସନ୍ତୁଳିତ ଭାବେ ଦେଇଛି । କିନ୍ତୁ ବିକାଶ ମୋହଗ୍ରସ୍ତ ମଣିଷ ଏ ସବୁକୁ ଅତ୍ୟନ୍ତ ନିର୍ଦ୍ଦୟ ଭାବେ ଅସନ୍ତୁଳିତ କରିଚାଲିଛି । ଜଙ୍ଗଲ କାଟି ଧ୍ୱଂସ କରୁଛି, ନଦୀ ଶୁଖେଇ ଦେଉଛି, ମାଟିକୁ ନଷ୍ଟ କରୁଛି, ମରୁଭୂମିର ଚରିତ୍ର ବଦଳେଇ ଦେଉଛି । ପୃଥିବୀ ଛାତିରେ ବିଶାଳକାୟ ଖଣି ଖୋଳୁଛି । ଆମାଜନ ଜଙ୍ଗଲ ପତଳା ହେବାରେ ଲାଗୁଛି । ଗଙ୍ଗା, ଯମୁନା, ଗୋଦାବରୀ ନଦୀ ଆଦି ଧୀରେ ଧୀରେ ଆବର୍ଜ୍ଜନା କୁଣ୍ଡରେ ପରିଣତ ହୋଇ ବ୍ୟବହାର ଅନୁପଯୋଗୀ ହେଲାଣି । ମାଟି ତଳୁ ପାଣି ଶୁଖି ଗଲାଣି । ମାଟିର ଉର୍ବର ଶକ୍ତି ଆଉ ନାହିଁ କହିଲେ ଭୁଲ ହେବ ନାହିଁ । ନଦୀ ଏମିତି ବିଷାକ୍ତ ହେଲାଣି ଯେ, ମାଛ କଙ୍କଡ଼ା ଓ ଅନ୍ୟାନ୍ୟ ଜଳଜୀବ ନିଶ୍ଚିହ୍ନ ହେବାର ପାଦ ଦେଶରେ । ପ୍ଲାଷ୍ଟିକ ସାରା ଦୁନିଆକୁ ନିଜ ପଞ୍ଝାରେ ଚାପି ସାରିଲାଣି । ପରିସ୍ଥିତି ଏପରି ହେଲାଣି ଯେ, ବିଶ୍ୱର ପରବର୍ତ୍ତୀ ସଂକଟର ନାମ ପ୍ଲାଷ୍ଟିକ ହେବାକୁ ଯାଉଛି । ବିଶ୍ୱର ତାପମାତ୍ରା ଆମେ ନିଜ ଲୋଭ ଓ ଲାଭ ଯୋଗୁ ଅନେକ ବଢେଇ ସାରିଲେଣି । ବିକାଶ ନାଁରେ ଆମେ ଜଙ୍ଗଲ, ନଦୀ, ପଶୁ ପକ୍ଷୀ ସମସ୍ତଙ୍କୁ ବିଲୁପ୍ତ ପଥରେ ପହଞ୍ଚେଇ ଦେଇଛେ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏ ପରିସ୍ଥିତି କେଉଁ ପଶୁ ପକ୍ଷୀ ତିଆରି କରିନାହାନ୍ତି । କେଉଁ ଅସଭ୍ୟ ଅଶିକ୍ଷିତ ଜଙ୍ଗଲର ଆଦିମ ଅଧିବାସୀ କରିନାହାନ୍ତି । ଏସବୁ ଆମେ ଶିକ୍ଷିତ ମଣିଷମାନେ ହିଁ କରିଚାଲିଛନ୍ତି ଓ କରି ଚାଲୁଛନ୍ତି ବି । ତଥାକଥିତ ବିକଶିତ ମଣିଷମାନେ ଯୁଦ୍ଧ କରି ଗଣହତ୍ୟା କରୁଛନ୍ତି, ଶିଶୁ ଓ ମହିଳାମାନଙ୍କୁ ମୃତ୍ୟୁପଥରେ ଶୁଆଇ ଦେଉଛନ୍ତି, ଶହ ଶହ ବର୍ଷର ଭିତ୍ତିଭୂମିକୁ ପାଗଳ ପରି ଧ୍ୱଂସ କରୁଛନ୍ତି ଓ ବିକାଶ ନାଁରେ ପରିବେଶ ପ୍ରକୃତିକୁ ନଷ୍ଟ କରୁଛନ୍ତି । ଏପରି କ୍ଷେତ୍ରରେ ଅନ୍ତତଃପକ୍ଷେ ଏତିକି ବୁଝି ହେଉଛି ଯେ, ମଣିଷ ବ୍ୟତୀତ ଆଉ ସମସ୍ତେ ଅଧିକ ବୁଦ୍ଧିମାନ, ବିକଶିତ ଓ ଭବିଷ୍ୟତମୁଖୀ । ●

ଭିରଙ୍ଗ, ତିରଣ, ଜଗତସିଂହପୁର, ୭୫୪୧୩୮
ମୋ- ୯୪୩୮୪୬୮୪୭୪

# ଓଡ଼ିଆ ପକ୍ଷ - ଦୁଇହଜାର ଛବିଶ !

ଗଜାନନ ମିଶ୍ର

ବ୍ୟଙ୍ଗ ଧାଡ଼ି ନୁହଁ ଏଇଟା! ଏଇଟା ସତ୍ୟ ବଚନ ଓଡିଶା ସରକାରଙ୍କର! ଅପ୍ରିଲ ପହିଲାରୁ ଅପ୍ରିଲ ଚଉଦ ତାରିଖ ପର୍ଯ୍ୟନ୍ତ । ତା' ପରେ? ତା' ପରେ ଆଉ କିଛି ନାହିଁ । ତା'ପରେ 'ଉଡିଆ ଏକ୍‌ଟା ଭାଷା ନଏ'! ଓଡିଆରେ କହିଲେ, ଲେଖିଲେ ତୁମେ ପାଲଟିଯିବ ଚିଡିଆଖାନାର ଏକ ଜନ୍ତୁ । ସତେ ଯେମିତି ତୁମକୁ ଚଳି ଆସେ ନାହିଁ । ନିଜ ଅହଂକୁ ସନ୍ତୁଷ୍ଟି ଦେବାକୁ ବକି ଚାଲିଛ ! କାଲି ଗାଈର ଭିନେ ଗୋଠ ଭଳି ଦେଖେଇ ହେଉଛ! ଗୋଠ ଖଣ୍ଡିଆ ତୁମେ! ନିଜଆଡ଼କୁ ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଏଇ ତୁମର ଏକ ନୂଆ ଫନ୍ଦି । ଓଡିଆ ଅସ୍ମିତା, ଓଡିଆ ଅସ୍ମିତା କହି କହି ଯୋଉ ସରକାର ଶାସନ ଗାଦି ମାଡି ବସିଛନ୍ତି, ଲୋକଙ୍କର ସରକାର, ଏଡ଼େ ବହପ ତୁମର କହିଦେବ ଯାହା ତାହା! ନା, ହୋଇ ପାରେ ନା କେବେ ଏମିତି!

କଣ ସତ୍ୟ ନୁହଁ, ଅଠରଶହ ଫଚାନବେ ଆଡ଼େ ହୋଇ ନ ଥିଲା ଓଡିଆ ପରିବର୍ତ୍ତେ ହିନ୍ଦୀ ସେତେବେଳର ସରକାରୀ କାର୍ଯ୍ୟାଳୟରେ ! ବିରୋଧରେ ହୋଇ ନ ଥିଲା ଭାଷା ଆନ୍ଦୋଳନ ! 'ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ, ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ,' କହି ନ ଥିଲେ ସ୍ୱଭାବ କବି ଗଙ୍ଗାଧର! ସଫଳ ହୋଇ ନ ଥିଲା କି ସେତେବେଳର ଭାଷା ଆନ୍ଦୋଳନ! ଉତ୍କଳ ସମ୍ମିଳନୀ ଗଢ଼ା ହୋଇ ନ ଥିଲା! ' ଉଠରେ ଉଠରେ ଉତ୍କଳ ସନ୍ତାନ' କୁହା ହୋଇ ନ ଥିଲା! ସ୍ୱତନ୍ତ୍ର ଓଡିଶାର ଜନ୍ମ ହୋଇ ନ ଥିଲା ଉଣେଇଶି ଶହ ଛତିଶରେ ! ଭାଷା ଭିତ୍ତିରେ ପ୍ରଥମ ରାଜ୍ୟ ସମଗ୍ର ଏସିଆ ମହାଦେଶରେ ଇରେଜ ଶାସନାଧୀନ ଭାରତ ବର୍ଷରେ! ଆଉ କ'ଣ ହୋଇ ଥା'ନ୍ତା ?

**ଭାଷା-ପରିଭାଷା**

ଭାରତ ସ୍ୱାଧୀନ ହେଲା ପରେ, ଭାରତର ସମ୍ବିଧାନ ତିଆରି ହେଲା । ସମ୍ବିଧାନରେ ଅଷ୍ଟମ ସୂଚୀରେ କିଆଁ ସ୍ଥାନ ପାଇଲା ନାହିଁ ଇଂରେଜୀ ସମେତ ଅନ୍ୟ କୌଣସି ବିଦେଶୀ ଭାଷା! ଭାରତୀୟ ସମ୍ବିଧାନ ଅନୁସାରେ ଭାଷା ଆଇନ ହେଲା ଆମ ରାଜ୍ୟ ଓଡିଶାରେ ଉଣେଇଶ ଚଉବନ ମସିହାରେ ଲୋକଙ୍କ ପାଇଁ ଲୋକଙ୍କର ସରକାର ଦ୍ୱାରା । ସେଥିରେ ରହିଲା 'ସବୁ କିମ୍ବା ଯେ କୌଣସି ଉଦ୍ଦେଶ୍ୟରେ ଓଡିଆ ଭାଷା ବ୍ୟବହାର କରାଯିବ ।' ପ୍ରତି ବର୍ଷ ଅପ୍ରିଲ ପହିଲାରେ ଓଡିଶା ଦିବସ ପାଳନ କଲେ, ଲିଖନ ପଠନ ପ୍ରତିଯୋଗିତା ଚାଲିଲା, କବି ଲେଖକ ବହୁତ କିଛି ଯେଣ ତେଣ ପ୍ରକାରେଣ ସାଉଁଟିଲେ ପୁରସ୍କାରାଦି । ଅପ୍ରିଲ ଚଉଦ ତାରିଖରେ ଓଡିଆ ନବ ବର୍ଷ ପଣା ଓ ବିଷୁବ ସଂକ୍ରାନ୍ତି ପାଳନ କରାଗଲା, ଭାଙ୍ଗପଣା ପିଆଗଲା । ଭାଷଣବାଜିରେ ମାଟି କମ୍ପିଲା । ପ୍ରଶସ୍ତି, ପ୍ରଶଂସାପତ୍ରରେ ଲେଖକଙ୍କ ବୈଠକଘର ଶୋଭା ମଣ୍ଡିତ ହେଲା । କିନ୍ତୁ ହେଲା ନାହିଁ, ହୋଇ ପାରିଲା ନାହିଁ ଓଡିଆ ଭାଷାର ପ୍ରୟୋଗ 'ସବୁ ବା ଯେ କୌଣସି କାର୍ଯ୍ୟରେ' । ଚିଠିପତ୍ର ଆଦେଶ ରାୟ ଓଡିଆ ଲୋକେ ପାଇ ପାରିଲେ ନାହିଁ ଏ ଯାଏ!

ଭାଷା ପାଖରେ ଅଛି ଦୋଷ ନିଶ୍ଚୟ! ଦୋଷ ନ ଥିଲେ, ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇ ବି, ସାରଳା, ସାହିତ୍ୟ ଏକାଡେମୀ, ଜ୍ଞାନପୀଠ ଆଦି ଆଦି ସବୁ ପୁରସ୍କାର ଓଡିଆ କବି ଲେଖକଗଣ ପାଉଥିଲେ ବି, ଲୋକଙ୍କ ଟିକସରୁ କୋଟି କୋଟି ଟଙ୍କା ଭାଷା ଉନ୍ନତିରେ ଖର୍ଚ୍ଚ ହେଉଥିଲେ ବି ଦୈନନ୍ଦିନ ନ୍ୟାୟାଳୟରେ, କାର୍ଯ୍ୟାଳୟରେ, ବିଦ୍ୟାଳୟରେ ଓଡିଆ ଭାଷା ବ୍ୟବହାର ହେଉ ନ ଥାନ୍ତା! ଅମଲା ଅଫିସର ନ୍ୟାୟାଧୀଶ ସବୁ ବର୍ଗର କର୍ମଚାରୀ ଓଡିଆ ଭାଷା ବ୍ୟବହାର କରୁ ନ ଥାନ୍ତେ! ଦୋଷ ଖୋଜି ବାହାର କରିବା କାମ କାହାର! ଏ ବିଷୟରେ କେହି କେବେ ଭାବିଛି କି? ଏ ବିଷୟ ବୁଝିବାକୁ, ତନଖି ତଦାରଖ କରିବାକୁ ଏ ଯାଏ କୋଉ ବିଭାଗ ଅଛି କି? ଆଇନ ସବୁ କାର୍ଯ୍ୟକାରୀ ହେଲା କି ନ ହେଲା କିଏ ଅଛି ? କ୍ଷମା କରିବା ହେବେ, ଏ ମୂର୍ଖ ଲେଖକକୁ ଆଦୁ ଜଣା ନାହିଁ । ରାତି ପାହିଲେ ଚଳନ୍ତି ଟଙ୍କା ନୋଟ ଅଚଳ ହେଉଛି, ଆଉ ପରଭାଷା, ମାରକଭାଷା, ଆଇନ ଅଦାଲତ ସବୁ ଥାଇ ବି ଆମକୁ ଜିଅନ୍ତା ମାରି ମାରି ଚାଲିଛି ଏ ଯାଏ!

ସଭିଏଁ କ୍ଷୀର ପିଇବାକୁ ପ୍ରସ୍ତୁତ; ଗାଈକୁ ଘାସ କେରାଏ କି ପାଣି ଟୋପାଏ ଦେବାକୁ କେହି ଦିଶୁ ନାହାନ୍ତି । ଯେ ଯାହାର ଗୋଷ୍ଠୀ କରି ପୁରସ୍କାର, ଉପାଧି, ପକ୍ଷ ନାମରେ କୋଟି କୋଟି ଲକ୍ଷ ଲକ୍ଷ ମାରିନେବାରେ ବ୍ୟସ୍ତ ପକେଟରେ ପୂରାଇ । ହାୟ, ହାୟ, ତୋଷାମଦିଆର କୁକୁର ପ୍ରକୃତି ଅଇଁଠା ପତରେ ସ୍ଥାନ, ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ! ନିଅ, ନିଅ, ଯାହା ପାରୁଛ ଯେମିତି ନେଇଯାଅ! ମଲେ, ମରିଗଲେ ଥରେ ଆଉ କି ପାରିବ ନେଇ! କାହିଁ କେହି ବଂଚିଛି ମତେ ତ ଦିଶୁ ନାହିଁ ! ନୂଆ ବର୍ଷ, ଆଗକୁ ଆମର ଶୁଭ ସଂକ୍ରାନ୍ତି! ଥାଉ ଏଇଠି ଏତିକି । ●

ତପୋବନ, ଟିଟିଲାଗଡ଼, ବଲାଙ୍ଗିର
ମୋ - ୯୪୩୭୩୬୬୭୪୪

# ଅନ୍ଧବିଶ୍ୱାସର ଅନ୍ଧଗଳିରେ ନରବଳି

ବୈଷ୍ଣବ ମେହେର

'ଅସୁସ୍ଥ ପୁଅକୁ ଭଲ କରିବା ପାଇଁ ନରବଳି' ଗତ ପବିତ୍ର ରାମନବମୀ ତିଥିରେ ଝାଡ଼ଖଣ୍ଡର ହଜାରିବାଗ ଜିଲ୍ଲାରେ ଘଟିଥିବା ଏ ଘଟଣା ଯେତିକି ମର୍ମନ୍ତୁଦ ତାଠାରୁ ଅଧିକ କ୍ରୁର ଓ ଅମାନବୀୟ ବୋଲି କୁହାଯିବ । ଏକବିଂଶ ଶତାବ୍ଦୀର ଜଣେ ମଣିଷ ସେ ପୁଣି ଜଣେ ମମତାମୟୀ ମାଆ ହୋଇ ନିଜର ଅସୁସ୍ଥ ପୁଅର ସୁସ୍ଥତା ନିମନ୍ତେ ଅନ୍ୟ ଜଣେ ମାଆର ତେର ବର୍ଷୀୟା ନାବାଳିକା ଝିଅକୁ ବଳି ପକାଇବା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି । ଏଭଳି ନିନ୍ଦନୀୟ ଘଟଣା ବର୍ତମାନର ସଭ୍ୟ ସମାଜ ପାଇଁ ଯେତିକି ଲଜ୍ୟାକର ଓ କଳଙ୍କିତ ସେତିକି ସାଙ୍ଘାତିକ ଭାବେ ଚିନ୍ତା ଉଦ୍ରେକଜନକ ମଧ୍ୟ । ପରିତାପର ବିଷୟ ଯେ କେବଳ ଏହି ଗୋଟିଏ ଘଟଣା ନୁହେଁ, ଜ୍ଞାନବିଜ୍ଞାନର ଚରମ ସୀମାକୁ ପହଂଚି ସାରିଥିବା କହୁଥିବା ବର୍ତମାନର ଉଚ୍ଚଶିକ୍ଷିତ ମଣିଷ ସମାଜରେ ଲଗାତାର ଭାବରେ ଏପରି ଘଟଣାର ପୁନରାବୃତ୍ତି ହୋଇଚାଲିଛି । ତନ୍ତ୍ର ସାଧନ ପାଇଁ ଜନ୍ମ କଲା ମାଆକୁ ଖଣ୍ଡଖଣ୍ଡ କରି କାଟିଦେବା, ସେଇ ତନ୍ତ୍ରମନ୍ତ୍ର ପାଇଁ ନଅ ବର୍ଷର ପୁତୁରାକୁ ପୋଲିସବାଲା କାକା ବଳି ଦେବା, କ୍ଷେତରେ ଭଲ ଫସଲ ଅମଳ ନ ହେବାରୁ ନିଜ ବାର ବର୍ଷୀୟା ନାତିର ତଣ୍ଟିକାଟି ଏକ ଡାଲରେ ରକ୍ତ ସଂଗ୍ରହ କରିବା ଓ ପରବର୍ତ୍ତୀ ସମୟରେ ଏଭଳି ବିବସ୍ତ୍ର ହତ୍ୟାକାଣ୍ଡକୁ ନେଇ ଅଜା ମନରେ ସାମାନ୍ୟ ଅନୁଶୋଚନା ନ ହେବା ଭଳି ଘଟଣା ଅନ୍ୟ କେଉଁ ଯୁଗର ନୁହେଁ ବରଂ ଆମେ ବଂଚୁଥିବା ବର୍ତ୍ତମାନ ସମୟର ବୋଲି ଜାଣିବା ପରେ ଆମ ଜ୍ଞାନବିଜ୍ଞାନର ପରଦର୍ଶିତାକୁ ନେଇ ସନ୍ଦେହ ହେବା ସ୍ୱାଭାବିକ କଥା ।

ନରବଳି ଏକ ଅମାନବୀୟ ଓ ଅନ୍ଧବିଶ୍ୱାସ ଜନିତ କୁପ୍ରଥା, ଯାହାକୁ ଭଦ୍ର ସମାଜରେ ଯେତେ ନିନ୍ଦା କଲେ ମଧ୍ୟ କମ ହେବ । ନିଜର କୁତ୍ସିତ ସ୍ୱାର୍ଥ ସାଧନ ନିମନ୍ତେ ଅନ୍ୟର ଜୀବନ ନେବା କିମ୍ବା ଅନ୍ୟର ସୁଖକୁ ଉଜାଡି ଦେବା ସମ୍ପୂର୍ଣ୍ଣ ଏପରିପକ୍ୱତା ଛଡ଼ା ଅନ୍ୟ କିଛି ନୁହେଁ । ଏଭଳି ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ ଦେଉ ଥିବା ବ୍ୟକ୍ତି ସମାଜରେ ଭୟ ଓ ଚଞ୍ଚଳ୍ୟ ସୃଷ୍ଟି କରନ୍ତି, ଯାହାର ଶିକାର ଅନେକ ସମୟରେ ନିରୀହ ଲୋକଙ୍କୁ ହିଁ ଭୋଗିବାକୁ ପଡେ । ପୂର୍ବ ଅପେକ୍ଷା ବର୍ତମାନର ଶିକ୍ଷା ବ୍ୟବସ୍ଥାରେ ଅନେକ ଉନ୍ନତି ଘଟିସାରିଛି । ଲୋକେ ମଧ୍ୟ ଅନେକ କ୍ଷେତ୍ରରେ ସଚେତନ ହୋଇଛନ୍ତି । କିନ୍ତୁ ନିଜ ଅଜ୍ଞାତ ଯୋଗୁଁ ବହୁ ଆଗରୁ ଚାଲିଆସୁଥିବା କିଛି ପ୍ରଥା ଯାହା ଆମ ସମାଜକୁ କଳଙ୍କିତ ଏବଂ ବିପଥଗାମୀ କରୁଛି, ତାଠାରୁ ଦୁରେଇ ରହିବାରେ ଆଜିର ମଣିଷ ଏଯାଏଁ ସକ୍ଷମ ନହେବା ଆମ ମାନସିକ ପରିପକ୍ୱତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସଂପ୍ରତି କେବଳ ଗାଁ ଗହଳିରେ ବସବାସ କରୁଥିବା ଅସହାୟ, ଅଶିକ୍ଷିତ ମଣିଷମାନେ ଯେତିକି ନୁହନ୍ତି, ତାଠାରୁ ଅଧିକ ସହରରେ ସହରୀ ଜୀବନ ବଂଚୁଥିବା ଉଚ୍ଚଶିକ୍ଷିତ ଓ ସ୍ୱଚ୍ଛନ୍ଦ ମଣିଷମାନେ ଏଭଳି ଦାରୁଣ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେବା ଅତିବ ପରିତାପର ବିଷୟ । ଚଳିତ ମାସ ଅର୍ଥାତ ଏପ୍ରିଲ ଚାରି ତାରିଖରେ ଆମ ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳନ କରାଯାଇଥିଲା । ଏହି ଦିନ ନୂତନ ଭାବରେ ବିଦ୍ୟାରମ୍ଭ କରିବାକୁ ଥିବା କୋମଳମତି ଶିଶୁମାନଙ୍କୁ ବ୍ୟବସ୍ଥା ଅନୁଯାୟୀ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏକ ଆନନ୍ଦମୟ, ଆକର୍ଷଣୀୟ ପରିବେଶ ମଧ୍ୟରେ ବିଦ୍ୟାଳୟକୁ ପ୍ରବେଶ କରାଇବାର ବନ୍ଦୋବସ୍ତ କରିଥିଲେ । କିନ୍ତୁ କିଛି ସ୍ଥଳରେ ଅବିଭାବକ ମାନେ ସେଦିନ ଶନିବାର ହୋଇଥିବା କହି ପ୍ରଥମ କରି ନିଜ ପିଲାଙ୍କୁ ବିଦ୍ୟାଳୟ ଛାଡିବାକୁ ଅମଙ୍ଗ ହୋଇଥିଲେ । ଫଳରେ ଅନେକ ବିଦ୍ୟାଳୟରେ ସେଦିନ ପ୍ରବେଶ ଉତ୍ସବ ହୋଇପାରିନଥିଲା । ଅଜ୍ଞାନ ରୂପକ ଅନ୍ଧକାରକୁ ଦୁରେଇବାର ସଂକଳ୍ପ ନେଇ ଜ୍ଞାନରମ୍ଭ କରିବାର ପ୍ରଥମ ଦିବସରେ ହିଁ ଅନ୍ଧବିଶ୍ୱାସ ଆରମ୍ଭ ହେବାର ପ୍ରଭାବ ଯେ ପିଲାଙ୍କ ଉପରେ ପଡୁଛି ଏହା ନିଃସନ୍ଦେହ ।

**ଅନ୍ଧ-ବିଶ୍ୱାସ**

ଗୁଣିଗାରେଡ଼ି ସନ୍ଦେହରେ ମାଡ଼ପିଟ ଓ ହତ୍ୟାକାଣ୍ଡ ଭଳି ଘଟଣା ପ୍ରାୟତଃ ଦେହସୁହା ହୋଇଗଲାଣି । ଆମ ରାଜ୍ୟ କଥା ଯଦି କହିବା ତେବେ ଗତ ୨୦୧୯ ରେ ଗୁଣିଗାରେଡି ସନ୍ଦେହରେ ୮୨ଟି ମାମଲା ଥାନାରେ ରୁଜୁ ହୋଇଥିବା ବେଳେ ସେଥି ମଧ୍ୟରୁ ୧୩ଟି ହତ୍ୟାକାଣ୍ଡ ଘଟଣା ରହିଛି । ସେହିପରି ୨୦୨୦ରେ ୧୪ଟି ହତ୍ୟାକାଣ୍ଡ ସହ ୯୪ ମାମଲା, ୨୦୨୧ରେ ୧୨ଟି ହତ୍ୟାକାଣ୍ଡ ସହ ୭୯ ମାମଲା, ୨୦୨୨ରେ ୮ଟି ହତ୍ୟାକାଣ୍ଡ ସହ ୧୦୩ ମାମଲା, ୨୦୨୩ରେ ୧୦ଟି ହତ୍ୟାକାଣ୍ଡ ସହ ୭୦ ମାମଲା, ୨୦୨୪ରେ ୭ଟି ହତ୍ୟାକାଣ୍ଡ ସହ ୬୨ଟି ମାମଲା ଓ ତଥ୍ୟ ଅନୁଯାୟୀ ଗତ ୨୦୨୫ ଜାନୁଆରୀ ରୁ ଅକ୍ଟୋବର ସୁଦ୍ଧା ଗୁଣିଗାରେଡିକୁ ନେଇ ୬ଟି ହତ୍ୟା ମାମଲା ସହ ମୋଟ ୪୫ଟି ମାମଲା ରୁଜୁ ହୋଇଥିଲା । ଏଥିରୁ ସ୍ପଷ୍ଟ ହେଉଛି ଯେ ବ୍ୟାପକ ସଚେତନତା ସତ୍ୱେ ବର୍ତ୍ତମାନ ମଧ୍ୟ ମଣିଷ ଅନ୍ଧବିଶ୍ୱାସର ଅନ୍ଧଗଳିରେ ଉବୁଡୁବୁ ହେଉଛି ଏବଂ ଏହି ଅନ୍ଧବିଶ୍ୱାସ ଆଜିବି ଅନେକଙ୍କୁ ଆଗକୁ ବଢିବାକୁ ଦେଉନାହିଁ ।

ଆଜିକାର ମଣିଷ ଏକବିଂଶ ଶତାବ୍ଦୀରେ ବିଚରଣ କରୁଛି । ବିଜ୍ଞାନର ଉତ୍କର୍ଷତା ଯୋଗୁଁ ଜହ୍ନ ରାଇଜର ଠିକଣା ପାଇ ସାରିଛି । ମଙ୍ଗଳ ଅଭିଯାନର ସଫଳତା ମଧ୍ୟ ତାର ହାତ ପାଆନ୍ତାରେ । ତଥାପି ଆଜିକାର ମଣିଷ ଅନ୍ଧବିଶ୍ୱାସର ଅନ୍ଧଗଳିରେ ବୁଡିରହି ଛଟପଟ ହେଉଛି । ଦେବଦେବୀଙ୍କୁ ପ୍ରସନ୍ନ କରି ଅଲୌକିକ ଶକ୍ତିର ଅଧିକାରୀ ହେବା ନିମନ୍ତେ ପଶୁ କିମ୍ବା ମଣିଷର ନୁହେଁ ବରଂ ନିଜର ବୁଦ୍ଧି, ବିବେକ, ଜ୍ଞାନ ସର୍ବୋପରି ମଣିଷ ନିଜ ମଣିଷତ୍ୱର ଯେ ବଳି ଚଢାଇ ଚାଲିଛି, ଏକଥା ସେ ନିଜେ ନବୁଝିବା ଯାଏଁ ଅନ୍ୟ କେହି ବୁଝାଇବା ନିହାତି କଷ୍ଟକର । ●

ଶିକ୍ଷକ, ସିନାପାଲି, ନୂଆପଡ଼ା
ମୋ -୯୭୭୭୭୫୩୯୩୫



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

### ଜିଲ୍ଲାରେ ଲୋକସଭା ଓ ବିଧାନସଭା ଆସନ ବୃଦ୍ଧି ଦାବି

# ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ନିର୍ବାଚନ କମିସନରଙ୍କୁ ଦାବିପତ୍ର



ବାରିପଦା, ୧୦।୪(ସମିସ): ଓଡ଼ିଶାର ସର୍ବବୃହତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ମୟୂରଭଞ୍ଜକୁ ୨୦୦୯ରେ ହୋଇଥିବା ଡି-ଲିମିଟେସନରେ ଉପେକ୍ଷା କରାଯାଇଥିବା ଅଭିଯୋଗ ଆଣି ବିଗତ ୫ ବର୍ଷ ଧରି ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଇ ଆସୁଥିବାବେଳେ ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ପୁନଃ ଡିଲିମିଟେସନରେ ମୟୂରଭଞ୍ଜ ଜିଲ୍ଲାରେ ବିଧାନସଭା ଓ ଲୋକସଭା ନିର୍ବାଚନମଣ୍ଡଳୀ ବୃଦ୍ଧି କରାଯିବାକୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ନିର୍ବାଚନ କମିସନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବିଧାନସଭା ନିର୍ବାଚନମଣ୍ଡଳୀକୁ କେନ୍ଦୁଝର ଲୋକସଭା କ୍ଷେତ୍ର ଓ ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀକୁ ବାଲେଶ୍ୱର ଲୋକସଭା କ୍ଷେତ୍ରରେ ରଖାଯାଇଛି। ସେହିପରି ଜିଲ୍ଲାର ପୂର୍ବରୁ ଥିବା ୧୦ଟି ବିଧାନସଭା ନିର୍ବାଚନମଣ୍ଡଳୀକୁ କମାଇ ୯ଟି ଆସନରେ ସୀମିତ ରଖାଯାଇଛି। ଜିଲ୍ଲାରେ ଥିବା ଏକମାତ୍ର ପୂର୍ଣ୍ଣାଙ୍ଗ ଲୋକସଭା କ୍ଷେତ୍ର ଆଦିବାସୀ ବର୍ଗ ପାଇଁ ସଂରକ୍ଷିତ ରହିଥିବାବେଳେ ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ କେବଳ ମୋରଡା ଆସନକୁ ଛାଡ଼ିଦେଲେ ଅନ୍ୟ ୮ଟି ଯାକ ଆସନ ସଂରକ୍ଷିତ ରହିଥିବାରୁ ମୟୂରଭଞ୍ଜର ସାଧାରଣ ଜନତା ନିଜର ରାଜନୈତିକ ଅଧିକାରରୁ ବିଶେଷ ଭାବେ ବଞ୍ଚିତ ହେଉଛନ୍ତି। ଏଣୁ ଜିଲ୍ଲାରେ ପୁନଃ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ କରାଯାଇ ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ଜିଲ୍ଲାରେ ୧୨ଟି ବିଧାନସଭା ଆସନ ସହ ଅନ୍ୟୁନ ୨ଟି ଲୋକସଭା ଆସନ ଗଠନ କରିବା ସହ ଗୋଟିଏ ଲୋକସଭା ଆସନ ଓ ଅନ୍ୟୁନ ୩ଟି ବିଧାନସଭା ଆସନକୁ ସଂରକ୍ଷଣ ମୁକ୍ତ ରଖାଯିବାକୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନରେ ଓଡିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ମଞ୍ଚର କର୍ମକର୍ତ୍ତା ପୀତାମ୍ବର ମଲ୍ଲିକ, ଆଇନଜୀବୀ ଲିଙ୍ଗରାଜ ମିଶ୍ର ଓ ସତ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମନରେଗା କାମରେ ଦୁର୍ନୀତି ଅଭିଯୋଗ



ରାସଗୋବିନ୍ଦପୁର, ୧୦।୪(ସମିସ): ସରକାର କୁଶଳୀ, ଅଣକୁଶଳୀ ଶ୍ରମିକଙ୍କ ପାଇଁ ମନରେଗା ଯୋଜନା କରିଛନ୍ତି। ମାଟି କାମ କରୁଥିବା ଶ୍ରମିକଙ୍କୁ ୧୫ ଦିନ କାମ ଯୋଗାଇଦେବା ନିୟମ ରହିଛି। କାମର ବିଲ୍ ୧୫ ଦିନ ମଧ୍ୟରେ ଶ୍ରମିକ ମାନଙ୍କୁ ପ୍ରଦାନ କରାଯାଇଥାଏ। ଯଦି ପାରିଶ୍ରମିକ ପାଉଣା ପାଇବାର ବିଳମ୍ବ ହୁଏ, ତେବେ ସୁଧ ସହ ଶ୍ରମିକମାନେ ପାରିଶ୍ରମିକ ପାଇବା ପାଇଁ ହକଦାର ଅଟନ୍ତି। କିନ୍ତୁ କାମ ନ କରି କେବଳ ସୂଚନା ଫଳକ ଲଗାଇ ଅଗ୍ରିମ ଟଙ୍କା ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତର ପାରୁଳିଆ ଗାଁରେ ଏଭଳି ଘଟିଛି। ଗୋଟିଏ ଗାଁରେ ୩ଟି ମନରେଗା ସୂଚନା ଫଳକ ଲଗାଇ ଅଗ୍ରିମ ବିଲ୍ ଉଠାଯାଇଛି। ଅମୃତ ସରୋବର ଯୋଜନାରେ ପାରୁଳିଆ ଘୁଷୁରିଆ ପୋଖରୀ, ଘୋଳାଗଡ଼ିଆ ପୋଖରୀ ଓ ଏକ ମେଟାଲ ରାସ୍ତା କାମ ପାଇଁ ସୂଚନା ଫଳକ ଲଗାଇ ୩୬ ହଜାର ୩୬ ଟଙ୍କା ଅଗ୍ରିମ ବିଲ୍ କରାଯାଇଛି। ତେବେ ପୋଖରୀଗୁଡ଼ିକ ୨୦୨୮ ପର୍ଯ୍ୟନ୍ତ ନିଲାମ ଥିବାବେଳେ ବେଆଇନ ଭାବେ (ୱାର୍କ କଡିଂ) କରି ଟଙ୍କା ଉଠାଯାଇଛି। ଏ ବାବଦରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଭଳି ଦୁର୍ନୀତି ରାସଗୋବିନ୍ଦପୁର ବ୍ଲକର ୧୬ଟି ପଞ୍ଚାୟତରେ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

## କୈଳାସ ଚନ୍ଦ୍ର ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା



ବୈଶିଙ୍ଗା, ୧୦।୪(ସମିସ): ହେମପୁରସ୍ଥ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଗବନ୍ଧୁ ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ଜଗବନ୍ଧୁ ଜେନାଙ୍କ ଅନୁଷ୍ଠାନ ପ୍ରତି ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ତୁଷାରକାନ୍ତ ପାତ୍ର, ପ୍ରଭାତୀ ପ୍ରଧାନ ଓ ଜୟଶ୍ରୀ ପାଢ଼ୀ ପ୍ରମୁଖ ତାଙ୍କର ଅନୁଷ୍ଠାନ ପ୍ରତି ଥିବା ନିଷ୍ଠା ସମ୍ପର୍କରେ କହିଥିଲେ। ଜଗବନ୍ଧୁ ଜେନାଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଚନ୍ଦନ କୁମାର ଦାସ, ବିନ୍ନି ସଞ୍ଜୀବନ ବାରିକ, ରାଜନନ୍ଦିନୀ ପାତ୍ର, ସବିତା ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରକ୍ତଦାନ ଶିବିର, ୬୫ ୟୁନିଟ୍ ସଂଗୃହୀତ

ଶୁକ୍ରୁଳି, ୧୦।୪(ସମିସ): ରରୁଆଁ ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟରେ ଗୁରୁବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଓ ଓଡ଼ିଆ ପକ୍ଷ ପାଳନ କରାଯାଇଥିଲା। ଏହି ଶିବିରକୁ ମନ୍ତ୍ରୀ ଉଦଘାଟନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରେମାନନ୍ଦ ବେହେରା, ସମାଜସେବୀ ତଥା ଆଇସିସି କମିଟି ସଦସ୍ୟ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ, ସରପଞ୍ଚ ଝୁନାରାଣୀ ପିଙ୍ଗୁଆ, ସମିତିସଭ୍ୟ ଜୟସିଂ ପୂର୍ତ୍ତି, ରଶ୍ମିରେଖା ମହାନ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ, ସ୍ୱେଚ୍ଛାସେବୀ, ଏନସିସି, ଏନଏସଏସ ଓ ଛାତ୍ରଛାତ୍ରୀ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାର କର୍ମକର୍ତ୍ତା, ରରୁଆଁ ସିଏଚସିର ଡାକ୍ତର ଦକ୍ଷିଣା ରଞ୍ଜନ ଟୁଡୁ ଶିବିରକୁ ପରିଚାଳନା କରିଥିଲେ। ଶିବିରରୁ ୬୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରରୁଆଁ ଆଇଆଇସି ଅନାଦି ପଟ୍ଟାୟତ ଓ ତାଙ୍କ କର୍ମଚାରୀ ଯୋଗ ଦେଇଥିଲେ। ଅଧ୍ୟକ୍ଷ ମନ୍ମଥ କୁମାର ମହାନ୍ତ ଯୋଜନା ସମ୍ପର୍କରେ ଅବଗତ କରାଇଥିବାବେଳେ ମନ୍ତ୍ରୀ ପିଲାମାନଙ୍କୁ ଭଦ୍ର ମାର୍ଜିତ ହୋଇ ଗୁରୁଜନଙ୍କୁ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ ସଂଯୁକ୍ତା ଘଡେଇ, ଶକୁନ୍ତଳା ମହାନ୍ତ, ସୁରେଶ ମିଶ୍ର, ଅଜୟ ରାଉତ, ସରୋଜ ସାହୁ, ଅକ୍ଷୟ ସାହୁ, ଜ୍ୟୋତି କିଶୋର ମହାନ୍ତ, ରଞ୍ଜନ କୁମାର ଦାଶ, ଡେମନଷ୍ଟ୍ରେଟର ପ୍ରଭାତ ରଞ୍ଜନ ଦାଶ, ଖେଳ ଶିକ୍ଷକ ସୁଦାମ ଚରଣ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜନୀତି ବିଜ୍ଞାନ ବିଭାଗରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ



ନୂଆସାହି, ୧୦।୪ (ସମିସ): କପ୍ତିପଦା ଡିଗ୍ରୀ କଲେଜ, ନୂଆସାହି କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ +୩ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ଲମ୍ବୋଦର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ଡଃ ଶାନ୍ତସୁନ୍ଦର ଆଚାର୍ଯ୍ୟ ଅତିଥି ଭାବରେ ଯୋଗଦେଇ ବିଦାୟ ସମ୍ବର୍ଦ୍ଧନା ଉତ୍ସବର ପରମ୍ପରା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। +୩ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ସମ୍ମାନ ଶ୍ରେଣୀ ଛାତ୍ରଛାତ୍ରୀ ତୃତୀୟ ତଥା ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ଥିଲେ। ଛାତ୍ରୀ ଦିବ୍ୟାଭାରତୀ ହାଁସଦା ଅତିଥି ପରିଚୟ ପ୍ରଦାନ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ବିଭୁରଞ୍ଜନ ବିଶ୍ୱାଳ, ଅଧ୍ୟାପକ ସଞ୍ଜୟ କୁମାର ସେନାପତି, ଦର୍ଶନ ବିଭାଗର ଅଧ୍ୟାପିକା ମଞ୍ଜନା ମହାପାତ୍ର, ଶିକ୍ଷା ବିଭାଗର ଅଧ୍ୟାପିକା ନମିତା ବେହେରା, ଶିକ୍ଷା ବିଭାଗର ଡେମୋନଷ୍ଟ୍ରେଟର ଭାନୁମତି ରାଉତ, ପଦାର୍ଥ ବିଜ୍ଞାନର ଡେମୋନଷ୍ଟ୍ରେଟର ରାକେଶ ପ୍ରଧାନ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ରଞ୍ଜିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ୍ ଦଣ୍ଡାଦେଶ

ଉଦଳା, ୧୦।୪(ସମିସ): ଏସଡିଜେଏମ ଅନୁରାଗ ଦେହୁରୀ ଏକ ଚେକ୍ ବାଉନ୍ସ ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ରାୟ ଦେଇଛନ୍ତି। କପ୍ତିପଦା ଫୁଲବାଡ଼ିଆ ଅଞ୍ଚଳର ଅଭିଯୁକ୍ତ ବିଶ୍ୱନାଥ ବେହେରାଙ୍କୁ ୨ ଲକ୍ଷ ୬୪ ହଜାର ୨୦୮ ଟଙ୍କା ସହ ୬ ମାସ ଜେଲ୍ ଦଣ୍ଡାଦେଶ ଓ ଜରିମାନା ଅନାଦେୟ ବାବଦକୁ ଅଧିକ ୩ ମାସ ଜେଲ୍ ଦଣ୍ଡାଦେଶ ନେଇ ରାୟ ଦେଇଛନ୍ତି। ଅଭିଯୁକ୍ତ ବିଶ୍ୱନାଥ ବେହେରା ମୟୂରଭଞ୍ଜ ସେଣ୍ଟ୍ରାଲ୍ କୋ-ଅପରେଟିଭ୍ ବ୍ୟାଙ୍କ ଉଦଳା ଶାଖାରୁ ୨୧।୮।୨୦୧୭ରେ ୧ ଲକ୍ଷ ୫୦ ହଜାର ଟଙ୍କା ଏମଟିଏନଏ ଋଣ ନେଇଥିଲେ। ମାତ୍ର ନିୟମିତ ଟଙ୍କା ପରିଶୋଧ ନ କରିବାରୁ ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ଟଙ୍କା ମାଗିବାରୁ ଅଭିଯୁକ୍ତ ୨୧।୮।୨୦୧୮ ରେ ୧ ଲକ୍ଷ ୬୨ ହଜାର ୯୧ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଉକ୍ତ ଚେକ୍ ବ୍ୟାଙ୍କରେ ଡିପୋଜିଟ୍ ହେବା ପରେ ତାହା ବାଉନ୍ସ ହୋଇଥିଲା। ଯାହାକୁ ନେଇ ବ୍ୟାଙ୍କର ମ୍ୟାନେଜର ଉଦଳା ଏସଡିଜେଏମଙ୍କ କୋର୍ଟରେ ଏକ ମୋକଦ୍ଦମା ଆଗତ କରିଥିଲେ। ଯାହାର ବିଚାର ପରେ ରାୟ ପ୍ରକାଶ ପାଇଛି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ରଜତ କୁମାର ମହାପାତ୍ର ଲଢୁଥିବାବେଳ ପ୍ରତିପକ୍ଷରୁ ଡି. ପରିଡ଼ା ମାମଲା ଲଢୁଥିଲେ।

## ଅସଦାଚରଣ ଅଭିଯୋଗରେ ଅଜା ଗିରଫ

କରଞ୍ଜିଆ, ୧୦।୪ (ସମିସ): କରଞ୍ଜିଆ ଥାନା ଅଞ୍ଚଳରେ ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ୫୮ ବର୍ଷୀୟ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ନାବାଳିକା ଜଣକ ଆବାସିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ। ସ୍କୁଲ ଛୁଟି ପରେ ନାବାଳିକା ଛାତ୍ରୀଙ୍କୁ ତାଙ୍କ ଅଜା ବିଭିନ୍ନ ପ୍ରଲୋଭନ ଦେଖାଇ ଅନୈତିକ ବ୍ୟବହାର କରୁଥିଲେ। ଏହି ଘଟଣା ସମ୍ପର୍କରେ ଗ୍ରାମବାସୀ ଜାଣି ପରେ ନାବାଳିକାଙ୍କ ବାପାଙ୍କୁ ସୂଚନା ଦେଇଥିଲେ। ପରେ ପୀଡିତାଙ୍କ ବାପା ଗତ ୫ ତାରିଖରେ କରଞ୍ଜିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ଖୁଣ୍ଟା ଡିଗ୍ରୀ କଲେଜରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ



କୁଆମରା, ୧୦।୪(ସମିସ): ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏ ଅବସରରେ ପୁସ୍ତକ ମେଳା କଲେଜ ପରିସରରେ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ, ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ମିଶ୍ର, ଓଡ଼ିଆ ବିଭାଗୀୟ ଅଧ୍ୟାପିକା ଡଃ ହିରଣ୍ମୟୀ ଶତପଥୀ, ଅଧ୍ୟାପକ ଶୁଭମ ସାସମଲ, ତପନ କୁମାର ବାରିକ, ପ୍ରଦୀପ କୁମାର ବେହେରା, ସୁଧାଂଶୁ କୁମାର ଗିରି, ଅଶ୍ୱିନୀ ରଞ୍ଜନ ମିଶ୍ର, ହେମନ୍ତ ଲୋହାର, ଅଧ୍ୟାପିକା ଗୋପା ସିଂହ ଓ ଖେଳ ପ୍ରଶିକ୍ଷକ କିଶୋର ଦାଶ ଆୟୋଜିତ ସଭାରେ ଯୋଗଦେଇ ପୁସ୍ତକ କ୍ରୟର ଉପକାରିତା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଛାତ୍ରଛାତ୍ରୀ ନିଜର ମନ ମୁତାବକ ପୁସ୍ତକ କ୍ରୟ କରି ଆୟୋଜିତ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## କୁସୁନପୁରରେ ଚବିଶ ପ୍ରହର ନାମଯଜ୍ଞ



ଖୁଣ୍ଟ, ୧୦।୪(ସମିସ): ଶୁକ୍ରୁଳି ବ୍ଲକ ଅନ୍ତର୍ଗତ କୁସୁନପୁର (ଗୋଡାସାହି) ଗ୍ରାମରେ ଜଗତର ମଙ୍ଗଳ ନିମିତ୍ତ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ନାମଯଜ୍ଞରେ ବାଉଁଶଡିହା (ଠାକୁରମୁଣ୍ଡା), ଆଖୁପାଳ (ହରିଚନ୍ଦନପୁର), କେମୁଣ୍ଡିଆ (କେନ୍ଦୁଝର), ବାଲିଶୁଆଁ (ପଦ୍ମପୁର), ହାଣ୍ଡିଫୁଟା (ଠାକୁରମୁଣ୍ଡା) ଓ କୁସୁନପୁର (ଗୋଡା ସାହି) ପ୍ରଭୃତି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଏହି ନାମଯଜ୍ଞରେ ସମ୍ମାନାସ୍ପଦ ବ୍ୟକ୍ତି ପ୍ରହ୍ଲାଦ ନାଏକ, ପରମେଶ୍ୱର ନାଏକ ଓ ମାଗୁଣି ନାଏକଙ୍କ ସମେତ ଭଗବତପ୍ରେମୀ ସମସ୍ତ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

### ରାଇରଙ୍ଗପୁରରେ କଳା ପଲସର ଆତଙ୍କ

## ଦିନ ଦ୍ୱିପ୍ରହରରେ ମହିଳାଙ୍କଠାରୁ ଚୋରି ଉଦ୍ୟମ



ରାଇରଙ୍ଗପୁର, ୧୦।୪(ସମିସ): ରାଇରଙ୍ଗପୁର ସହରରେ କଳା ପଲସର ଆତଙ୍କ ସୃଷ୍ଟି ହୋଇଛି। ଦିନ ଦ୍ୱିପ୍ରହରରେ ସହରରେ ଚୋରି ଉଦ୍ୟମ ହୋଇଛି। ଯାହାକି ପୁଲିସର ମୁଣ୍ଡବିନ୍ଧାର କାରଣ ସାଜିଥିବାବେଳେ ଚୋର ଗ୍ୟାଙ୍ଗ ପୁଲିସ ପ୍ରଶାସନକୁ ଖୁଲମଖୁଲା ଚ୍ୟାଲେଞ୍ଜ ଦେଉଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଅଁଳାଡୁବା ଅଞ୍ଚଳରେ ଦୋକାନ ମଧ୍ୟରୁ ମହିଳାଙ୍କ ପାଖରୁ ଚୋରି ଉଦ୍ୟମ କରିଛନ୍ତି। ଭେଙ୍କଟେଶ୍ୱର ବିଦ୍ୟାଳୟ ନିକଟରେ ତେଜରାତି ଦୋକାନରେ କରୁଣା ରାମ ନାମକ ମହିଳା ବସିଥିଲେ। ଜଣେ ଦୁର୍ବୃତ୍ତ ଏକ କଳା ପଲସରରେ ତେଜରାତି ଦୋକାନରେ ପ୍ରବେଶ କରିଥିଲେ। ମହିଳା ଜଣକ ଏକୁଟିଆ ଥିବାବେଳେ ସାମଗ୍ରୀ କ୍ରୟ କରିବା ବାହାନାରେ ଛିନତାଇ ଉଦ୍ୟମ କରିଥିଲେ। ମହିଳାଙ୍କ ବେକରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଚେନ ଝାମ୍ପି ନେବାକୁ ଚେଷ୍ଟା କରିଥିଲେ। ମହିଳା ଅଟକାଇବାରୁ ଛିନତାଇ ଉଦ୍ୟମରେ ବିଫଳ ହୋଇଥିଲେ। ଏହାପରେ ଦୁର୍ବୃତ୍ତ ଜଣକ ପଲସରରେ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲା।। ପୁଲିସର ଢିଲା ପାଟ୍ରୋଲିଂ ପାଇଁ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି।

## ସାଇବର ସୁରକ୍ଷା ସମ୍ପର୍କିତ କର୍ମଶାଳା




କପ୍ତିପଦା, ୧୦।୪ (ସମିସ): କପ୍ତିପଦା ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ଭାରତ ସରକାରଙ୍କ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମରେ ସାଇବାର ସୁରକ୍ଷା କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିନିମନ୍ତେ ଏକ ସଚେନତା ସଭା ଅନୁଷ୍ଠିତ ହେଇଥିଲା। ଶିଶୁ ବିକାଶ ଯୋଜନା ଅଧିକାରିଣୀ କିତିନୀ ଲିୟାଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡକ୍ଟର ମନୋଜ ବାରିକ, ଆଡଭୋକେଟ ପ୍ରତୀମା ସାହୁ, ପ୍ଲାନ ଇଣ୍ଡିଆର ଶିଶୁ ବିକାଶ କର୍ମୀ ଆଶିଷ କୁମାର ମଲ୍ଲିକ, ଚିନ୍ତାମଣି ମହାକୁଡ, କଲ୍ୟାଣୀ ରାଜ, ଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ସାଇବର ସୁରକ୍ଷା, ଇଣ୍ଟରନେଟ ସୁରକ୍ଷା, ସୋସିଆଲ ମିଡିଆର ବ୍ୟବହାର, ଆର୍ଥିକ କାରବାରର ସତର୍କତା, ଡିଜିଟାଲ ଆରେଷ୍ଟ, ନକଲି ଆପ୍ସ, ନକଲି ୱେବସାଇଟ, ହ୍ୱାଟସପ ଓ ଟେଲିଗ୍ରାମ ଟ୍ରେଡିଂରେ ସତର୍କତା ଓ ସୁରକ୍ଷା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିସହିତ ବାଲ୍ୟ ବିବାହ ରୋକିବା, ଶିଶୁ ଶ୍ରମିକ, ଶିଶୁ ଚାଲାଣ ନିମନ୍ତେ ଆଇନ ଓ ସରକାରୀ ଯୋଜାନା ସମ୍ପର୍କରେ ଆଲୋକପାତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ଆଇସିଡିଏସର ସୁପରଭାଇଜର, ସ୍ଥାନୀୟ ପୁଲିସ, ସରପଞ୍ଚ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ପ୍ଲାନ ଇଣ୍ଡିଆର ଶିଶୁ ବିକାଶ କର୍ମୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରୁ କିଶୋରୀ ବାଳିକା ପ୍ରମୁଖ ଉପସ୍ଥିତ ଥିଲେ। କିଶୋରୀ, କିଶୋର ଓ ୟୁନିଭରସିଟିରେ ଟପର ହେଇଥିବା ରାଜଶ୍ରୀ ଷେଣ୍ଡ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଶଶାଙ୍କ ବେହେରା, ବିଶ୍ୱଜିତ ବେହେରା, ଦୀପଶିତା ଜେନା, ଶର୍ମିଷ୍ଠା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରରୁଆଁ ବ୍ଲକରେ ଶିକ୍ଷା ସଚେତନ ରଥ ପରିକ୍ରମା ଉଦ୍‌ଯାପିତ



ଶୁକ୍ରୁଳି, ୧୦।୪(ସମିସ): ରରୁଆଁ ବ୍ଲକରେ ୪ ତାରିଖରେ ଆରମ୍ଭ ହୋଇଥିଲା ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ। ଏ ଅବସରରେ ପ୍ରଭାତ ଉଚ୍ଚବିଦ୍ୟାଳୟରେ ଆରମ୍ଭ ହୋଇ ଶିକ୍ଷା ସଚେତନତା ରଥ ପରିକ୍ରମା ଉଦ୍‌ଯାପିତ ହୋଇଛି। ଏହି ରଥ ସାତଦିନ ଧରି ୧୨ଟି କ୍ଲଷ୍ଟରର ବିଭିନ୍ନ ସ୍କୁଲ ଓ ଗାଁ ପରିଭ୍ରମଣ କରିଥିଲା। ପ୍ରତ୍ୟେକ ଜନସାଧାରଣ ସଚେତନ ହୁଅନ୍ତୁ, ନିଜ ପିଲାମାନଙ୍କୁ ଅଶିକ୍ଷିତ ରଖନ୍ତୁ ନାହିଁ ଶିକ୍ଷାର ଆଲୋକରେ ସାମିଲ କରନ୍ତୁ ବାର୍ତ୍ତା ଦିଆଯାଇଥିଲା। ସବୁ ସ୍କୁଲରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଆଜି ଶିକ୍ଷା ସଚେତନ ରଥ ପରିକ୍ରମାର ଶେଷ ଦିନରେ ଦୁଇଟି କ୍ଲଷ୍ଟର ପରିଭ୍ରମଣ କରି ଗଡ଼ାପଳସା ଉଚ୍ଚ ବିଦ୍ୟାଳୟରେ ଉଦ୍‌ଯାପିତ ହୋଇଥିଲା। ଗଡ଼ାପଳସା ବିଦ୍ୟାଳୟରେ ଏ ନେଇ ଏକ ଉଦଯାପନୀ ସଭା ଆୟୋଜିତ ହୋଇଥିଲା। କନକଲତା ସେଠୀ ସଭାପତିତ୍ୱ କରିଥିଲେ। ଏବିଓ ସୁରେନ୍ଦ୍ର ରାଉତ, ବରୁଣ କୁମାର ଗିରି ଅତିଥି ଭାବେ ଯୋଗ ଦେଇଥିଲେ। ସପନ କୁମାର ମହାନ୍ତ ସଭା ପରିଚାଳନା କରିଥିଲେ। ୧୨ଟି କ୍ଲଟର ସିଆରସିସି ମଧ୍ୟ ଉପସ୍ଥିତ ଥିଲେ। ୧୨ଟି କ୍ଲଷ୍ଟର ସିଆରସିସି ଓ ଶିକ୍ଷକଙ୍କ ସହଯୋଗରେ ସୁରୁଖୁରୁରେ ରଥ ପରିକ୍ରମା ସରିଥିବାରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏବିଓ ସୁରେନ୍ଦ୍ର ରାଉତ ଧନ୍ୟବାଦ ଜଣାଇଥିଲେ।

## କରଞ୍ଜିଆ ମହୋତ୍ସବ ଆରମ୍ଭ



କରଞ୍ଜିଆ, ୧୦।୪(ସମିସ): କରଞ୍ଜିଆର ଗର୍ବ ଓ ପରମ୍ପରାର ପ୍ରତୀକ କରଞ୍ଜିଆ ମହୋତ୍ସବ-୨୦୨୬ ଧୂମଧାମରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇ ଅମ୍ବିକା ମନ୍ଦିରରୁ ମଶାଲ ଯାତ୍ରା ଆରମ୍ଭ ହୋଇ ସହରର ପ୍ରମୁଖ ସ୍ଥାନ ପରିକ୍ରମା କରି ମିଳଣ ପଡ଼ିଆରେ ପହଞ୍ଚିଥିଲା। ଏହାପରେ ମୟୂରଭଞ୍ଜର ପାରମ୍ପରିକ ଲୋକକଳା, ନୃତ୍ୟ ଓ ବାଦ୍ୟ ସମାଗମ ମାଧ୍ୟମରେ ପ୍ରଥମ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ସମ୍ମାନିତ ଅତିଥି ଭାବେ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇଥିଲେ। ଚାରୁସ୍ ଏକାଡେମୀ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ 'ଶିବ ତାଣ୍ଡବ' ବିଶେଷ ଆକର୍ଷିତ ହୋଇଥିଲା। ଏହି ଅଭିନୟ ଓଲିଉଡ଼ ଅଭିନେତ୍ରୀ ଭୂମିକା ଦାଶଙ୍କ ସହ ଦର୍ଶକମାନଙ୍କ ମନକୁ ମୋହିଥିଲା। ଶେଷରେ ଅଭିନେତ୍ରୀ ଭୂମିକା ଦାଶ ନିଜର ନୃତ୍ୟ ଦ୍ୱାରା ଉପସ୍ଥିତ ଦର୍ଶକଙ୍କୁ ମନୋରଞ୍ଜନ କରାଇଥିଲେ। ଏହି ମହୋତ୍ସବ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଲୋଧା ଜନଜାତି ଭିନ୍ନକ୍ଷମ ମହିଳାଙ୍କ ଦୁଃଖ

## ୧୦ କିଗ୍ରା ଚାଉଳ ଓ ୧ ହଜାର ଟଙ୍କା ଭତ୍ତାରେ ଚଳୁଛି ସଂସାର



ଗୋପବନ୍ଧୁନଗର/ଉଦଳା, ୧୦।୪(ସମିସ): କପ୍ତିପଦା ବ୍ଲକର ଜଡ଼ିଦା ପଞ୍ଚାୟତ ଅନ୍ତର୍ଗତ ନେଦାମ ଗ୍ରାମରେ ଲୋଧା ଜନଜାତିର ଲୋକେ ବସବାସ କରୁଥିବା ଏକ ଛୋଟ ବସ୍ତି ରହିଛି। ଏହି ବସ୍ତିର ବାସିନ୍ଦା ସୁବାସ କଟୁଆଳଙ୍କ ସହଧର୍ମିଣୀ ଦୀପିକା ଜଣେ ଭିନ୍ନକ୍ଷମ ମହିଳା। ପିଲାଟି ଦିନରୁ ତାଙ୍କର ଗୋଟିଏ ହାତ ସମ୍ପୂର୍ଣ୍ଣ ଅଚଳ ହୋଇଯିବା ଫଳରେ ସେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତର ତାଙ୍କୁ ୫୫ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ତାଙ୍କର ଚାରୋଟି ପିଲା ପିଲିଙ୍କୁ ମିଶାଇ ପରିବାରର ମୋଟ ୬ ଜଣ ସଦସ୍ୟ ଅଛନ୍ତି। ଏତିକିବେଳେ ଖାଦ୍ୟ ଯୋଜନାରେ ତାଙ୍କ ପରିବାରକୁ ମାସିକ ୧୦ କିଗ୍ରା ଚାଉଳ ଓ ଏକ ହଜାର ଟଙ୍କା ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଉଛି। ଯାହାକି ତାଙ୍କୁ ପରିବାର ଚଳାଇବାକୁ କଷ୍ଟକର ହୋଇପଡୁଛି ବୋଲି ଦୀପିକା ଜଣାଇଛନ୍ତି।

ଦୀପିକାଙ୍କୁ ମାସିକ ୩୫ କିଗ୍ରା ଚାଉଳ ପାଇବା ପାଇଁ ଅନ୍ତୋଦୟ କାର୍ଡ଼ କରାଇଦେବେ ବୋଲି କହି ସରକାରୀ ବାବୁ ୫ ଶହ ଟଙ୍କା ମାଗୁଥିଲେ। ସେ ଟଙ୍କା ଦେଇ ନ ପାରିବାରୁ ଅନ୍ତୋଦୟ କାର୍ଡ଼ରୁ ତାଙ୍କୁ ବାଦ କରିଦେଲେ ବୋଲି ଦୀପିକା ଅଭିଯୋଗ କରିଛନ୍ତି। ଦିନମଜୁରିଆ ଭାବେ କାମ କରି ନିଜର ଦୈନନ୍ଦିନର ଗୁଜରାଣ ମେଣ୍ଟାଉଥିବା ଏହି ଲୋଧା ଜନଜାତି ପରିବାରର ଦୁଃଖ ବୁଝି ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କୁ ସହଯୋଗ କରିବାକୁ ବହୁ ସ୍ୱେଚ୍ଛାସେବୀ ସଂଗଠନ ଦାବି ଜଣାଇଛନ୍ତି।

**କାଳବୈଶାଖୀ କ୍ଷୟକ୍ଷତି ଆଂଶିକ ରିପୋର୍ଟ**

# ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା ଦାବି ଉଠୁଛି

ତୁରୁମୁଙ୍ଗା, ୧୦।୪(ସମିସ)





- ୩୦ ହଜାର ଲୋକ ପ୍ରଭାବିତ, ୪୨୨୫ ଘର କ୍ଷତିଗ୍ରସ୍ତ
- ୬ଟି ସ୍କୁଲରେ ବ୍ୟାପକ କ୍ଷତି, ଭଙ୍ଗା ଛାତ ତଳେ ପାଠପଢ଼ା

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳରେ ଗତ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ କୁଆପଥର ମାଡ଼ ସହ ପ୍ରବଳ ପବନ ଏବଂ ବର୍ଷା ଯୋଗୁଁ ବ୍ୟାପକ କ୍ଷତି ହୋଇଛି। ପାଟଣା ବ୍ଲକର ୮ଟି ପଞ୍ଚାୟତର ୫୪ଟି ଗ୍ରାମର ୬୦ଟି ୱାର୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୧୪ ହଜାର ୨୪୧ ହେକ୍ଟର ପରିମିତ ଅଞ୍ଚଳ କ୍ଷୟକ୍ଷତି ହୋଇଛି। ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୪ ହଜାର ୨୨୫ଟି ଘର ସହ ୬ଟି ସ୍କୁଲ ବ୍ୟାପକ ଭାବରେ କ୍ଷୟକ୍ଷତି ହୋଇଥିବା ତହସିଲ ପକ୍ଷରୁ ଏକ ଆଂଶିକ ରିପୋର୍ଟରୁ ଜଣାପଡ଼ିଛି।

ପାଟଣା ମୁଖ୍ୟାଳୟ ଜିଏନ ହାଇସ୍କୁଲ, ପାଟଣା ପ୍ରାଥମିକ ବିଦ୍ୟାଳୟ, ସାଧୁପଡା ପ୍ରାଥମିକ ବିଦ୍ୟାଳୟ, ଭାଲୁଘର ଓ ମଲ୍ଲିପଶି ପ୍ରାଥମିକ ବିଦ୍ୟାଳୟର ଟାଇଲ ଓ ଆଜବେଷ୍ଟସ ଛପର ଭାଙ୍ଗି ନଷ୍ଟ ହୋଇଛି। ଜିଏନ ହାଇସ୍କୁଲରେ ଗତ ଦୁଇଦିନ ଧରି ଶିକ୍ଷାଦାନ ବନ୍ଦ ରହିଥିବା ବେଳେ ଶୁକ୍ରବାର ଭଙ୍ଗା ଆଜବେଷ୍ଟସ ତଳେ ପାଠପଢ଼ା ଚାଲିଥିଲା। କ୍ଷୟକ୍ଷତି ଆକଳନ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଥିବା ବେଳେ ଆଗକୁ ସର୍ଭେ କାର୍ଯ୍ୟ ଜାରି ରହିବ। କ୍ଷୟକ୍ଷତି ଆକଳନ ୨ରୁ ୩ ଦିନ ଭିତରେ ସାରିବା ସହ ସରକାରଙ୍କୁ କ୍ଷୟକ୍ଷତି ରିପୋର୍ଟ ଦିଆଯିବ ବୋଲି ତହସିଲଦାର ଅଶ୍ୱିନୀ କୁମାର ନାଏକ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୪୯୨୫ ପଲିଥିନ କ୍ଷତିଗ୍ରସ୍ତଙ୍କୁ ବଣ୍ଟନ କରାଯାଇଥିବା ତହସିଲଦାର କହିଛନ୍ତି। ଅନ୍ୟପଟେ ପ୍ରତ୍ୟେକ ଘରର ଅଜବେଷ୍ଟସ ଛପର ସହ କୁକୁଡ଼ା ଫାର୍ମ, ଦୋକାନ ଘରର ଆଜବେଷ୍ଟସ ଛପର କଣା ହୋଇ କୋଟିକୋଟି ଟଙ୍କା କ୍ଷତିଗ୍ରସ୍ତ ହୋଇଛି। ପ୍ରତ୍ୟେକ ପରିବାର ନିଜ ନିଜ ଘର ମରାମତି କଲେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ। ଏଭଳି ସ୍ଥିତିରେ ଏସଆରସି ଗାଇଡ଼ଲାଇନ ଅନୁସାରେ, କଚ୍ଚା ଘର କ୍ଷୟକ୍ଷତି ପାଇଁ ସରକାରୀ ସ୍ତରରେ ମାତ୍ର ୪ ହଜାର ଟଙ୍କା ସହାୟତା ରହିଥିବା ତହସିଲଦାର ଅଶ୍ୱିନୀ ନାଏକ କହିଛନ୍ତି। ଗରିବ ଲୋକେ ଏବେ କିପରି ନିଜ ନିଜ ଘର ମରାମତି କରିବେ ସେ ଚିନ୍ତାରେ ରହିଛନ୍ତି। ଏପରି ବିପର୍ଯ୍ୟୟ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବା ପାଇଁ ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ ଦାବି କରିଛନ୍ତି। ପ୍ରକୃତିର କରାଳ ରୂପରେ ପାଟଣା ଅଞ୍ଚଳ କ୍ଷତିଗ୍ରସ୍ତ ଏବେ ବେଘରହୋଇପଡିଛନ୍ତି। ପ୍ରତ୍ୟେକ ପରିବାର ଏବେ ଖୋଲା ଆକାଶ ତଳେ ଜୀବନ କାଳତିପାତ କରୁଛନ୍ତି। ପାଟଣା ବିଧାୟକ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷୟକ୍ଷତି ଆକଳନ କରି ଯଥାଶୀଘ୍ର କ୍ଷତିପୂରଣ ଯୋଗାଇଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ କ୍ଷତିଗ୍ରସ୍ତ ଆକୁଳ ନିବେଦନ କରିଛନ୍ତି।

## ଘର ଭାଙ୍ଗି ଧାନ ଖାଇଲା ଦନ୍ତା

ଚମ୍ପୁଆ,୧୦।୪(ସମିସ): ଚମ୍ପୁଆ ବନାଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ପୁଣି ଦେଖିବାକୁ ମିଳିଛି। ହାତୀ ବର୍ତ୍ତମାନ ସହରମୁହାଁ ହୋଇ ଘର ପରେ ଘର ଉଜାଡିବା ସହିତ ଘରେ ଥିବା ଅମଳ ଧାନ ନଷ୍ଟ କରିଚାଲିଛନ୍ତି। ଗତ ପ୍ରାୟ ରାତି ୨ଟା ସମୟରେ ଗୋଠଖଣ୍ଡିଆ ଦନ୍ତାହାତୀ ଚମ୍ପୁଆ ଏନଏସିର ୨ ନଂ ୱାର୍ଡ ପାଞ୍ଚପୋଖରିଆ ବନ୍ଧ ସାହିରେ ପଶି ଶ୍ରୀକାନ୍ତ ମହାନ୍ତଙ୍କ ଝରକା ଭାଙ୍ଗିବା ସହ ଘରର ମୁଖ୍ୟଦ୍ୱାରକୁ ଭାଙ୍ଗି ପ୍ରାୟ ୨ଟି ଧାନ ବସ୍ତା ଖାଇ ନଷ୍ଟ କରିଦେଇଛି। ଗ୍ରାମବାସୀ ହାତୀଟିକୁ ଯେତେ ଘଉଡାଇବାକୁ ଚେଷ୍ଟା କରିଥିଲେ ବି ହାତୀଟି ଧାନବସ୍ତାଗୁଡିକୁ ଘରଭିତରୁ ଟାଣିଆଣି ଖାଇବା ସହ ନଷ୍ଟ କରିଥିଲା। ଏହି ଗୋଠଖଣ୍ଡିଆ ଦନ୍ତାହାତୀ ପାଇଁ ଗ୍ରାମବାସୀ ଭୟଭୀତ ରହିଥିବା ଜଣାଯାଇଛି।

## ବିଧବାଙ୍କୁ ପ୍ରତାରଣା; ଅଭିଯୁକ୍ତ ଗିରଫ



ତୁରୁମୁଙ୍ଗା, ୧୦।୪(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ଶୁକ୍ରବାର ସମ୍ପର୍କୀୟ ଭାଉଜଙ୍କୁ ଜଣେ ଦିଅର ବିବାହର ପ୍ରତିଶ୍ରୁତି ଦେଇ ଗର୍ଭବତୀ କରିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଉଛନ୍ତି ସାହାରପଡା ବ୍ଲକ ଜୁମେଇ ଗ୍ରାମର ଅଜୟ ନାଏକ (୨୨)। ଅଭିଯୋଗ ଅନୁଯାୟୀ, ତୁରୁମୁଙ୍ଗା ଥାନାଞ୍ଚଳର ଜଣେ ବିଧବା ମହିଳାଙ୍କୁ ଅଜୟ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସଂପର୍କ ରଖିଥିଲା। ମହିଳା ଜଣଙ୍କ ଗର୍ଭବତୀ ହେବା ପରେ ଅଜୟ ବିବାହ କରାଇବାକୁ ରାଜି ହୋଇ ନଥିଲା। ଏହାପରେ ମହିଳା ତୁରୁମୁଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ଉଭୟଙ୍କ ଡାକ୍ତରୀ ପରୀକ୍ଷା କେନ୍ଦୁଝର ଚିକିତ୍ସାଳୟରେ କରିବା ପରେ ତୁରୁମୁଙ୍ଗା ଥାନାରେ ୯୫/୨୬ରେ ମାମଲା ରୁଜୁ ହୋଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ବନ୍ଦ ଥିବା ସରକାରୀ ବସ୍ ଚଳାଚଳ ଦାବି

ଚମ୍ପୁଆ, ୧୦।୪(ସମିସ): ଉପାନ୍ତ ଚମ୍ପୁଆ ଅଞ୍ଚଳବାସୀ ଦ୍ରୁତଗାମୀ ସରକାରୀ ବସ ସେବାରୁ ବଞ୍ଚିତ ହୋଇ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଗଣଶିକ୍ଷା ମନ୍ତ୍ରୀଙ୍କ ଚମ୍ପୁଆ ଗସ୍ତ ସମୟରେ ବସ ସେବା ତୁରନ୍ତ ଯୋଗାଇ ଦେବା ସହ ବଡ଼ବିଲ-ପୁରୀ ଭଲବୋ ବସ ଚମ୍ପୁଆ ଦେଇ ଚଳାଚଳ ପାଇଁ ଦାବି କରାଯାଇଛି। ଚମ୍ପୁଆ ଗଣମାଧ୍ୟମ ପ୍ରତିନିଧିମାନେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କଠାରେ ଏହି ଦାବି ଉପସ୍ଥାପନା କରିଛନ୍ତି। ପ୍ରାୟ ୨ ମାସ ହେବ ଏହି ସେବା ବନ୍ଦ ରହିଛି। ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟକୁ ଦୀର୍ଘଦିନ ହେବ ସରକାରଙ୍କ ପକ୍ଷରୁ ୩ଟି ଦ୍ରୁତଗାମୀ ବସ ଯୋଗାଇ ଦିଆଯାଇଥିଲା। ଏହି ବସ ଯୋଗେ କଟକ, ଭୁବନେଶ୍ୱର ଓ ରାଉରକେଲାକୁ ଯିବାକୁ ଯାତ୍ରୀ ସରକାରଙ୍କ ନିର୍ଦ୍ଧାରିତ ଭଡ଼ା ଦେଇ ଯାତାୟାତର ସୁବିଧା ଓ ସୁଯୋଗ ଉଠାଇ ପାରୁଥିଲେ। ଏହି ୩ଟି ବସ ମଧ୍ୟରୁ ଗୋଟାଏ ସକାଳ ୪.୩୦ରେ ଚମ୍ପୁଆରୁ ବାହାରି ଦିନ ୧୧ଟାରେ କଟକ ପହଞ୍ଚି ଦିନ ୧୨.୪୦ମିନିଟରେ କଟକରୁ ଚମ୍ପୁଆ ଅଭିମୁଖେ ଯାତ୍ରା କରି ରାତି ୮.୪୦ରେ ଚମ୍ପୁଆ ପହଞ୍ଚୁଥିଲା। ଏହି ବସ ଯୋଗେ ପାଠପଢାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ଆଇନ ସେବା, ବେପାର ବଣିଜ ପାଇଁ ଲୋକେ ନିର୍ଭର କରୁଥିଲେ। ପ୍ରାୟତଃ ଯାତ୍ରୀମାନେ ଗୋଟାଏ ଦିନରେ ନିଜକାର୍ଯ୍ୟ ଏହି ବସସେବା ମାଧ୍ୟମରେ ପାଇପାରୁଥିଲେ। ସେହିପରି ସକାଳ ୮ଟରେ ଜିଲ୍ଲା ମୁଖ୍ୟାଳୟରୁ ଚମ୍ପୁଆ ମୁଖ୍ୟାଳୟ ଦେଇ ରାଉରକେଲା ଯାତାୟତ କରୁଥିବା ବସ ବନ୍ଦ ରହିଥିବା ବେଳେ ଦିନ ୩ଟାରେ ଚମ୍ପୁଆରୁ ଭୁବନେଶ୍ୱର ଯାଉଥିବା ସରକାରୀ ବନ୍ଦ ରହିଛି। ତୁରନ୍ତ ସରକାରୀ ବସସେବା ଯୋଗାଇ ଦେବାକୁ ସ୍ଥାନିୟବାସିନ୍ଦା ଦାବି କରିଛନ୍ତି।

## ଓଡ଼ିଆ ପକ୍ଷରେ 'ଲୋକକଳା ପାଇଁ ଦିନଟିଏ'



ଚମ୍ପୁଆ, ୧୦।୪(ସମିସ): ଚମ୍ପୁଆ ପଞ୍ଚାୟତସମିତିରେ ଓଡ଼ିଆ ପକ୍ଷ ପାଳନ ଅବସରରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବିଡିଓ ସ୍ମୃତିରଂଜନ ସାହୁ, ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ପୂର୍ବତନ ପାଲାଗାୟକ ଉପେନ୍ଦ୍ରନାଥ ନାଏକ ପ୍ରମୁଖ ଏହାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସାହିତ୍ୟର ପରିସର ବୃଦ୍ଧି ଉପରେ ପ୍ରସିଦ୍ଧ ମହିଳା ପାଲାଗାୟିକା ବିଣାପାଣି ମହାରଣାଙ୍କ ଦଳ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ପାଞ୍ଚପୋଖରିଆ ଉନ୍ନିତ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇ ପୁରସ୍କୃତ କରାଯାଇଥିବା ବେଳେ ୮ ଜଣ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରାବଣୀ ଜେନା ପରିଚାଳନା କରିଥିଲେ।

## ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଉଦ୍‌ଯାପିତ



କପ୍ତିପଦା,୧୦।୪(ସମିସ): ୮ ତାରିଖରେ ଆରମ୍ଭ ହୋଇଥିବା କପ୍ତିପଦା ମଇ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଉଦଯାପିତ ହୋଇଛି। ଏହି ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ସଂଖ୍ୟାଲଘୁ, ପଛୁଆବର୍ଗ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ନୂତନ ଭାବେ ଏନଏସି ମାନ୍ୟତା ପାଇଥିବା କପ୍ତିପଦା ଏନଏସି କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ବିଦ୍ୟାଳୟର ପ୍ରତିଷ୍ଠାତା ରାଜାସାହେବ ଗୌରଚନ୍ଦ୍ର ମାନ୍ଧାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେବାସହ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ତଥା ମୟୂରଭଞ୍ଜ ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଢେଇ, ପୁରାତନ ଛାତ୍ର ସଂସଦ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସଂପାଦକ ଚତୁର୍ଭୁଜ ନାଏକ ଓ ସଂଗଠନ ସଂପାଦିକା ତଥା ପ୍ରଧାନ ଶିକ୍ଷୟିତ୍ରୀ ଜସ୍ମିତା ଭୂୟାଁ ଯୋଗଦେଇ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦ୍ୱିତୀୟ ଦିନରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ତହସିଲଦାର ଆଶିଷ କୁମାର ମହାପାତ୍ର ଓ ସ୍ୱତନ୍ତ୍ର ଅତିଥି ଭାବେ କପ୍ତିପଦା ବିଡିଓ ରେଶମା ଟେଟେ ଯୋଗ ଦେଇଥିବାବେଳେ ରାତ୍ରିରେ ସିନେ ତାରକା ସ୍ୱରାଜ ବାରିକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶୁକ୍ରବାର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ କୁଳପତି ପ୍ରମୋଦ କୁମାର ଶତପଥୀ ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଦମୟନ୍ତୀ ବେଶ୍ରା, ମୁଖ୍ୟବକ୍ତା ଭାବେ ସାରସ୍ୱତ ସାଧକ ଶରତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ଓ ଚନ୍ଦ୍ରମଣି ଖଣ୍ଡା ଯୋଗଦେଇଥିଲେ। ସଭାପତି କରୁଣାକର ବିଶ୍ୱାଳ ପରିଚାଳନା କରିଥିଲେ। ସନ୍ଧ୍ୟାରେ କମେଡି କିଙ୍ଗ ପପୁ ପମପମ୍‌ଙ୍କ ଗୀତରେ ଝୁମିଥିଲେ ଦର୍ଶକ। ପପୁଙ୍କ କମେଡି ଦର୍ଶକଙ୍କୁ ଆକର୍ଷିତ କରିଥିଲା।

## ଭାରତୀୟ ରେଡ୍‌କ୍ରସ ସଂସ୍ଥା ପକ୍ଷରୁ ଚକ୍ଷୁ ପରୀକ୍ଷଣ ଯନ୍ତ୍ର ବଣ୍ଟନ ଆରମ୍ଭ

ବାରିପଦା, ୧୦।୪(ସମିସ): ଭାରତୀୟ ରେଡକ୍ରସ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖା, ଭୁବନେଶ୍ୱର ଓ ଉତ୍କଳ ଚାମ୍ବର୍ସ ଅଫ କମର୍ସ ସହାୟତାରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୦୦ ବିଦ୍ୟାଳୟକୁ ଚକ୍ଷୁ ପରୀକ୍ଷଣ ଯନ୍ତ୍ର ବଣ୍ଟନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିବା ସହିତ କମ ବୟସରୁ ପିଲାମାନଙ୍କୁ ମୋବାଇଲ ଦେଖିବାଠାରୁ ଦୁରେଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରତୀୟ ରେଡକ୍ରସ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିବା ସହିତ କୋମଳମତି ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷଣ ଯନ୍ତ୍ର ସାହାଯ୍ୟରେ ବିଦ୍ୟାଳୟରେ ପରୀକ୍ଷା କରି ପାରିଲେ ଦୃଷ୍ଟି ହୀନତାରୁ ରକ୍ଷା ପାଇବା ସହିତ ଓଡିଶାର ରାଜ୍ୟପାଳଙ୍କ ସ୍ୱପ୍ନ ସାକାର ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ ଓ ମୁଖ୍ୟବକ୍ତା ଭାବେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବିଶ୍ୱନାଥ ବିଶ୍ୱାଳ ଯୋଗ ଦେଇ ପ୍ରତ୍ୟେକ ବିପର୍ଯ୍ୟୟ ସମୟରେ ରେଡକ୍ରସ୍‌ର ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟ ପ୍ରଶଂସନୀୟ ସହିତ ଗ୍ରୀଷ୍ମ ପ୍ରବାହ ସମୟରେ ଜଳଛତ୍ର ବଣ୍ଟନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ରେଡ଼କ୍ରସ୍‌ର ଯୁଗ୍ମ ସଚିବ ଅଶୋକ କୁମାର ମହାନ୍ତି କାର୍ଯ୍ୟକ୍ରମର ଉଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ ଓ ଜିଲ୍ଲା ବିପର୍ଯ୍ୟୟ ପ୍ରୋଗ୍ରାମ ଅଧିକାରୀ ଜଗବନ୍ଧୁ ମହାନ୍ତି, ରାଜ୍ୟ ରେଡ଼କ୍ରସର ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ପ୍ରାଧନ, ଜିଲ୍ଲା ଆଇ.ଡି କୋଅର୍ଡିନେଟର ନିରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ ରଖିଥିଲେ ଓମାଷ୍ଟର ଟ୍ରେନର ଭାବେ ଏଲ. ଭି.ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ଭୁବନେଶ୍ୱରର ରଶ୍ମି ରଞ୍ଜନ ଜେନା ଓ ଶଶିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେଓ ଏହି ସଭାକୁ ଜିଲ୍ଲା ଜୁନିୟର ରେ?କ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି ଅତିଥି ପରିଚୟ ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେଓଷ୍ଟାର ଜିଲ୍ଲା ସଭାପତି ଚିତ୍ତ ରଞ୍ଜନ ପଳତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲାବେଳେ ଜେଆରସି ବ୍ଲକ ସଂଯୋଜକ ଚନ୍ଦନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେଓଏଥିରେ ଜେଆରସି ବ୍ଲକ ସଂଯୋଜକ ଦେବବ୍ରତ କର, ସରୋଜ କୁମାର ମହାନ୍ତ, ଜେଆରସି କାଉନସେଲର ଦୀପକ କୁମାର ରାମ, ସଂଜୀବ କୁମାର ଦଳେଇ, ଅଭିନନ୍ଦନ ମହୁରୀ, ଶିକ୍ଷୟତ୍ରୀ ନିତୁ ବାଲା, ସସ୍ମିତା ସୋରେନ, ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେଓ ଏଥିରେ ଜିଲ୍ଲାର ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୨୦୦ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।



**ଉତ୍କଳ ଚାମ୍ବର ଅଫ କମର୍ସ ସହାୟତାରେ ୨୦୦ ସ୍କୁଲ ଉପକୃତ**

## ଦିବ୍ୟାଙ୍ଗ କନ୍ୟାଙ୍କୁ ସ୍ୱଇଚ୍ଛାରେ ଗ୍ରହଣ କଲେ ଯୁବକ

ତୁରୁମୁଙ୍ଗା, ୧୦।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳରେ ଏକ ଆଦର୍ଶ ଓ ମାନବୀୟ ବିବାହ ଆଜି ସମାଜ ପାଇଁ ନୂଆ ଦୃଷ୍ଟାନ୍ତ ସୃଷ୍ଟି କରିଛି। ପବିତ୍ର ବୈତରଣୀ ନଦୀ ତଟସ୍ଥିତ ପରମେଶ୍ୱର ମନ୍ଦିରରେ ରାଷ୍ଟ୍ରୀୟ ଗାଁ ସାଥୀ ମେଟ ଓ ଶ୍ରମିକ ସଂଘ ସେବା ଟ୍ରଷ୍ଟ ପକ୍ଷରୁ ଜଣେ ଶ୍ରମଜୀବୀ ପରିବାରର ଦିବ୍ୟାଙ୍ଗ କନ୍ୟାଙ୍କ ବିବାହ ସଫଳ ଭାବେ ସମ୍ପନ୍ନ କରାଯାଇଛି। ସୂଚନାଯୋଗ୍ୟ ଯେ ପାଟଣା ବ୍ଲକର କଟାବେଡା ଗ୍ରାମର ମଙ୍ଗଳୁ ମହାନ୍ତଙ୍କ ଝିଅ ପିଙ୍କି ମହାନ୍ତ (୨୭) ଜନ୍ମରୁ ପୋଲିଓ ଆକ୍ରାନ୍ତ ହୋଇ ସରକାରୀ ଭତ୍ତାରେ ନିର୍ଭର କରୁଥିଲେ। ପିଙ୍କିଙ୍କ ସରଳତା ଓ ଭଲ ସ୍ୱଭାବକୁ ମନେ ପକାଇ ସାହାରପଡା ବ୍ଲକ ବାଇକଳା ଗ୍ରାମର ଶମ୍ଭୁ ମହାନ୍ତ ଓ ସୁମିତ୍ରା ମହାନ୍ତଙ୍କ ସାନପୁଅ କାଳୀଚରଣ ମହାନ୍ତ (୩୨) ସ୍ୱଇଚ୍ଛାରେ ତାଙ୍କୁ ବିବାହ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହି ଉଦ୍ୟମକୁ ସଫଳ କରିବା ପାଇଁ ଗାଁ ସାଥୀ ମେଟ ଓ ଶ୍ରମିକ ସଂଘ ସେବା ଟ୍ରଷ୍ଟ ପକ୍ଷରୁ ପରମେଶ୍ୱର ମନ୍ଦିରରେ ସରଳ ଏବଂ ସାମାଜିକ ମୂଲ୍ୟବୋଧରେ ଆଧାରିତ ବିବାହ ଆୟୋଜନ କରାଯାଇଥିଲା। ଗାଁ ସାଥୀ ମେଟ ସଂଘର ପ୍ରଫୁଲ୍ଲ ମହାନ୍ତ କନ୍ୟାଦାନ କରିଥିବା ବେଳେ ସଭାପତି ଅଜିତ ମହାନ୍ତ, ସମ୍ପାଦକ ମାଟୁରାମ ମୁଣ୍ଡା, ମୋନସରୋଜ ପଣ୍ଡା, ରମେଶଚନ୍ଦ୍ର ମହାନ୍ତ, ମୋହନ ମହାନ୍ତ ଓ ରଷିନାଥ ମୁଣ୍ଡା ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଏହି ବିବାହ କେବଳ ଦୁଇ ପରିବାରକୁ ନୁହେଁ, ସମଗ୍ର ସମାଜକୁ ମାନବତା, ସମାନତା ଓ ସହଯୋଗର ଏକ ଉତ୍କୃଷ୍ଟ ସନ୍ଦେଶ ଦେଇଛି।



## ଫକୀରପୁରରେ ବୁଣାକାର ସଚେତନତା ଶିବିର



ଆନନ୍ଦପୁର, ୧୦।୪ (ସମିସ): ତାରିଣୀ ତନ୍ତବାୟ ସହଯୋଗ ସମିତି ଲିଃ ଫକୀରପୁର ପକ୍ଷରୁ ଏକ ବୁଣାକାର ସଚେତନତା ଶିବିର ଫକୀରପୁର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସମିତି ସମ୍ପାଦକ ଘନଶ୍ୟାମ ରଣାଙ୍କ ସଭାପତିତ୍ୱରେ ମଞ୍ଚରେ ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, କାଉନସିଲର ସୁରେନ୍ଦ୍ର କୁମାର ଦାଶ, ସନତ କୁମାର କର, ସାଂସଦ ପ୍ରତିନିଧି ବ୍ରଜକିଶୋର ଦାସ, ଶ୍ରୀକାନ୍ତ ନାୟକ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ବାରିପଦା, ସମରେନ୍ଦ୍ର କୁମାର ମାଝୀ ବୟନ ଶିଳ୍ପ ସହାୟକ ବାରିପଦା, ଗୀତାଞ୍ଜଳି ବେହେରା ବୁଣାକାର ପରିଚାଳକ, ବାରିପଦା ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିଲେ। ୩୦୦ରୁ ଅଧିକ ବୁଣାକାର ସଦସ୍ୟ ଯୋଗ ଦେଇଥିଲେ। ବାରିପଦାରୁ ଆସିଥିବା ଅପର୍ଣ୍ଣା ଜେନା, ଅରୁଣ ବେହେରା, ସୁମନ କୁମାର ବେହେରା, ଆକାଶ କୁମାର ପଲେଇ, ତାପସ କୁମାର ବେହେରା ଆଲୋଚନାରେ ଭାଗ ନେଇଥିଲେ। ସମିତିର ଉପସଭାପତି ଗୋଲାପ ସୁର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଳତି ପ୍ରିମିୟମ ଲିଗ୍: ସୁପର୍ ଚାର୍ଜର୍ସ ଚାମ୍ପିଅନ



ଆନନ୍ଦପୁର, ୧୦।୪ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଗ୍ରାମରେ ଅଳତି ପ୍ରିମିୟମ ଲିଗ୍ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୪ଟି ଦଳ ମଧ୍ୟରେ ଟି-୧୦ କ୍ରିକେଟ୍ ଖେଳର ମଜା ନେଇଥିଲେ ଦର୍ଶକ। ଫାଇନାଲରେ ଓନର୍ ବି ସତ୍ୟନାରାୟଣ ଏବଂ ଅଧିନାୟକ ଏମ୍. ହାପିଙ୍କ ସୁପର୍ ଚାର୍ଜର୍ସ ଚାମ୍ପିଅନ ହୋଇ ଟ୍ରଫି ଏବଂ ପୁରସ୍କାର ରାଶି ଗ୍ରହଣ କରିଥିଲେ। ପାୱାର ପାନ୍ଥର୍ ପରାଜିତ ହୋଇ ରନର୍ସ ଅପ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଅଳତି ସ୍ପୋର୍ଟର୍ସ କ୍ଲବ ସଦସ୍ୟ ସହଯୋଗ କରିଥିଲେ।

## ଘରୁ ୧୪ ଫୁଟ୍ ଲମ୍ବର ଅହିରାଜ ଉଦ୍ଧାର



ବିଶୋଇ,୧୦।୪ (ସମିସ): କଟାସ ଗ୍ରାମର ଏକ ବାସଗୃହରୁ ୧୪ ଫୁଟ ଲମ୍ବର ଏକ ଅହିରାଜ ସାପ ଉଦ୍ଧାର ହୋଇଛି। ଗତକାଲି ରାତିରେ କଟାସ ଗ୍ରାମର ସୁରେନ୍ଦ୍ର ନାଏକଙ୍କ ବାସଭବନରେ ଏକ ଅହିରାଜ ସାପ ଥିବା ଜାଣି ସୁରେନ୍ଦ୍ର ବନ ବିଭାଗକୁ ଖବର ଦେଇଥିଲେ। ବନପାଳ ପଙ୍କଜ ବେହେରା ଓ ରଞ୍ଜିତା ମହାନ୍ତଙ୍କ ତତ୍ତ୍ୱାବଧାନରେ ପାରାଷ୍ଟାଫ ଓ ସ୍ନେକ ରେସକ୍ୟୁ ଟିମ ପହଞ୍ଚିଥିଲେ। ସାପଟି ବିଷଧର ସହିତ ଏତେ ବିଶାଳକାୟ ଥିଲା ଯେ କାବୁ କରିବା ପାଇଁ ବନବିଭାଗ ଟିମକୁ ନାକେଦମ ହେବାକୁ ପଡ଼ିଥିଲା। ବହୁ କଷ୍ଟ ବନ ବିଭାଗ ଟିମ ସାପକୁ ଧରି ବିଦୁଭଣ୍ଡାର ସଂରକ୍ଷିତ ଜଙ୍ଗଲରେ ଛଡ଼ିଥିବା ଜଣାପଡ଼ିଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ବିଶୋଇ,୧୦।୪ (ସମିସ): ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ମଣଦା ବନାଞ୍ଚଳରେ ଭାଲୁ ଆକ୍ରମଣରୁ ଜଣେ ବ୍ୟକ୍ତି ଅଳ୍ପକେ ବର୍ତ୍ତିଯାଇଥିବାବେଳେ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ବିଶୋଇ ଥାନା ଅନ୍ତର୍ଗତ ଖଡ଼ମବେଡ଼ା ଗ୍ରାମର ଦଶରଥ ପାତ୍ର(୫୫)। ଆଜି ସକାଳ ପ୍ରାୟ ୬ଟା ସମୟରେ ଦଶରଥ ଜାଳେଣି କାଠ ଆଣିବା ପାଇଁ ସାନବାଲିଚୁଆ ଗ୍ରାମ ସନ୍ନିକଟ ବିଦୁଭଣ୍ଡାର ସଂରକ୍ଷିତ ଜଙ୍ଗଲର ହେସେଲଡୁଙ୍ଗୁରି ଅଞ୍ଚଳକୁ ଯାଇଥିଲେ। ସେଠାରେ ଦଶରଥ ଭାଲୁ ହାବୁଡ଼ରେ ପଡିଯାଇଥିଲେ। ଭାଲୁଟି ଦଶରଥଙ୍କ ଛାତି, ହାତ, ବେକରେ ଆକ୍ରମଣ କରିଥିଲା। ତେବେ ଦଶରଥ ଭାଲୁ କବଳରୁ ଖସି ଆସି ନିଜର ଜୀବନ ରକ୍ଷା ଘରୁ ଆସିଥିଲେ। ପରିବାର ଲୋକ ତାଙ୍କୁ ବିଶୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଙ୍କୁ ନିଆଯିବା ସହିତ ଏନେଇ ବନ ବିଭାଗକୁ ଖବର ଦିଆଯାଇଥିଲା। ଏସିଏଫ ତଥା ମଣଦା ବନାଞ୍ଚଳର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରିଣୀ ସୁଶ୍ରୀ ଧରିତ୍ରୀ ମୁର୍ମୁଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ ଟିମ ଗୁରୁତର ଦଶରଥ ନିକଟକୁ ପହଞ୍ଚି ଘଟଣାର ସବିଶେଷ ତଥ୍ୟ ନେଇ ତଦନ୍ତ ଆରମ୍ଭ କରିଛି।



**ଆନିମିଆ ମୁକ୍ତ ମୟୂରଭଞ୍ଜ ଅଭିଯାନର ଶୁଭାରମ୍ଭ**

# ୧୬ ହଜାର ଟେଷ୍ଟିଂ କିଟ୍ ସହ ୧୬ଟି ଟେଷ୍ଟିଂ ମେସିନ୍ ବଣ୍ଟନ

ବାରିପଦା,୧୦।୪(ସମିସ)




ମୟୂରଭଞ୍ଜ ଜିଲ୍ଲାରେ ମହିଳା ଓ ଶିଶୁଙ୍କଠାରେ ଦେଖାଯାଉଥିବା ବ୍ୟାପକ ଆନିମିଆ ବା ରକ୍ତହୀନତାକୁ ରୋକିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ସହିଦ ସ୍ମୃତି ଭବନରେ "ଆନିମିଆ ମୁକ୍ତ ମୟୂରଭଞ୍ଜ' ଅଭିଯାନର ଶୁଭାରମ୍ଭ ହୋଇଛି। ଉଚିତ୍ ସମୟରେ ଯାଞ୍ଚ ଓ ନିବାରଣ ଅଭ୍ୟାସ ସମ୍ବନ୍ଧରେ ସଚେତନତା ସୃଷ୍ଟି କରି ଆନିମିଆକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଥିବା ଏହି ଅଭିଯାନ ହେଉଛି ଏକ ଜିଲ୍ଲାସ୍ତରୀୟ ଜନସ୍ୱାସ୍ଥ୍ୟ ସୁରକ୍ଷା ପଦକ୍ଷେପ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ସମ୍ମାନିତ ଅତିଥ ଭାବେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଲୋକାର୍ପଣ କରିଥିଲେ। ଏନ୍ଏସ୍ଏମ୍ ଓଡ଼ିଶାର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଅନୀଲ କୁମାର ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ନିହାରିକା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ଦିଗରେ ମାର୍ଗଦର୍ଶନ କରିଥିଲେ। ଏ ଅବସରରେ ଆୟୋଜକ କମ୍ପାନୀ ଖିମଜୀ ଦୟାଭାଇ କୋ ଗ୍ରୁପର ସିଇଓ ନିଶିତ୍ ନନ୍ଦା ଜନକଲ୍ୟାଣ ଉଦ୍ଦେଶ୍ୟରେ କମ୍ପାନୀର ପ୍ରତିଶ୍ରୁତିବଦ୍ଧତା ବିଷୟରେ ଆଲୋକପାତ କରିଥିଲେ। ଏହି ଅଭିଯାନ ଜରିଆରେ କେବଳ ଯେ ଜିଲ୍ଲା ପ୍ରଶାସନକୁ ସହଯୋଗ କରୁଛୁ ତାହା ନୁହେଁ, ବରଂ ଏ କ୍ଷେତ୍ରରେ ସାମିଲ ଥିବା ସମସ୍ତ ଷ୍ଟେକ୍ ହୋଲ୍ଡରଙ୍କୁ ଏକତ୍ରିତ ହୋଇ ଲଢେଇ ଜାରି ରଖିବାର ଆହ୍ୱାନ ଦେଇ ସ୍ୱାସ୍ଥ୍ୟକର ଓ ବଳିଷ୍ଠ ସମାଜ ଗଠନ ଦିଗରେ ଦୀର୍ଘମିଆଦି ପ୍ରତିଶ୍ରୁତି ରଖିଥିଲେ। ଆନିମିଆ ବିଷୟରେ ସଚେତନତା ଆଣିବା ଓ ଲୋକଙ୍କ ଭାଗୀଦାରିତା ବଢାଇବା ପାଇଁ "ଆନିମିଆ ମୁକ୍ତ ମୟୂରଭଞ୍ଜ' ଅଭିଯାନର ଲୋକାର୍ପଣରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ୨୬ଟି ବ୍ଲକ୍‌ରେ ସଚେତନତା ପ୍ରଚାର ଗାଡିକୁ ଅତିରିକ୍ତ ଜିଲ୍ଲାପାଳ ଓ ଉପସ୍ଥିତ ଅନ୍ୟ ଅତିଥିଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏକ ଆନିମିଆ ପରୀକ୍ଷଣ ଶିବିର ଆୟୋଜିତ ହୋଇଥିଲା। କମ୍ପାନୀ ପକ୍ଷରୁ ୧୬ ହଜାର ଆନିମିଆ ଟେଷ୍ଟିଂ କିଟ୍ ସହ ୧୬ଟି ଟେଷ୍ଟିଂ ମେସିନ୍ ପ୍ରଦାନ କରାଯାଇଥିଲା। ସେହିପରି ମୟୂରଭଞ୍ଜରୁ ଆନେମିଆର ଦ୍ୱରିତ ହ୍ରାସ ଦିଗରେ ଆହ୍ୱାନ, ନୂତନତ୍ୱ ଓ ଭବିଷ୍ୟତ ଯୋଜନା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ରିପ୍ରଡକ୍ଟିଭ୍ ଆଣ୍ଡ ଚାଇଲ୍ଡ ହେଲ୍ଥ, ଓଡ଼ିଶାର ଉପପରିଚାଳକ ଏଲିନା ସାମଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି ଓ ସାମ୍ବାଦିକ ସତ୍ୟାନନ୍ଦ ସେଜପଡା ନିଜ ଅଭିଜ୍ଞତାକୁ ଭିତ୍ତିକରି ଏ ବିଷୟରେ ଥିବା ସମସ୍ୟା ବିଷୟରେ ଆଲୋଚନା କରିବା ସହ ଜିଲ୍ଲାକୁ ଆନିମିଆରୁ ରକ୍ଷା କରିବା ଦିଗରେ ଆଗକୁ କ'ଣ ସବୁ ପ୍ରସ୍ତୁତି ଦରକାର, ସେ ବିଷୟରେ ନିଜର ସୁଚିନ୍ତିତ ମତାମତ ଦେଇଥିଲେ।

## ଗ୍ରୀଷ୍ମକାଳୀନ ଜଳସେବା ଶିବିର



ବାଲେଶ୍ୱର,୧୦।୪ (ସମିସ): ଭାରତ ସ୍କାଉଟ୍ ଏଣ୍ଡ ଗାଇଡ ପକ୍ଷରୁ ଡ଼ା. ଯଦୁନାଥ କଲେଜ ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ ଜଗନ୍ନାଥ ଜି ରୋଭର କ୍ରୀଉ ଓ ତାଙ୍କ ଧର୍ମ ପତ୍ନୀ ଲକ୍ଷ୍ମୀପ୍ରିୟା ଜି ରେଞ୍ଜର ଟିମ୍ ପକ୍ଷରୁ ପାନୀୟ ଜଳ ସେବା ଶିବିର ପଥଚାରୀଙ୍କ ପାଇଁ ଉଦଘାଟିତ ହୋଇଯାଇଛି। ଏହି ଶିବିରକୁ ସ୍କାଉଟ ରୋଭାର ଲିଡର ସଞ୍ଜୟ କୁମାର ସାହୁ ଓ କଲେଜ୍ ଅଧକ୍ଷା ତୃପ୍ତି ଲତା ଦାସଙ୍କ ତତ୍ୱାବଧନାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜଗନ୍ନାଥ ଜି ଙ୍କ ପୁତ୍ର ଆଲୋକ କୁମାର ଜି, ଏକାଡେମୀକ ମୁଖ୍ୟ ମନିଷା ବର୍ଦ୍ଧନ ଓ ଅନନ୍ତପୁର ମହାବିଦ୍ୟାଳୟ ଅଧ୍ୟାପକ ଡ଼ା ଗୟାଧର ମଲ୍ଲିକ, ଜାତୀୟ ସେବା ଯୋଜନା ଅଧିକାରୀ ରସାନନ୍ଦ ବାଗ, ଅନୁଜ କୁମାର ପଣ୍ଡା ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ସୋରରେ ପଥର ଦ୍ରବ୍ୟ ସଙ୍କଟ; ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ

ସୋର, ୧୦।୪ (ସମିସ)



ଗତ କିଛି ବର୍ଷ ଧରି ସୋର ତହସିଲ ଅନ୍ତର୍ଗତ ଖଞ୍ଜାମାହାଲ ପଥର ଖାଦାନ ଗୁଡ଼ିକ ଲଘୁ ଖଣିଜ ପଦାର୍ଥ ଭାବରେ ଖଣି ବିଭାଗ ଅନ୍ତର୍ଭୁକ୍ତ ହେବା ପରେ ଏହାକୁ ସରକାରଙ୍କ ତରଫରୁ ବିଧିବଦ୍ଧ ଭାବେ ନିଲାମ କରାଯାଇପାରୁନାହିଁ। ଯାହା ଫଳରେ ଚୋରା ପଥର ମାଫିଆଙ୍କର ଦୌରା ବୃଦ୍ଧି ଘଟି କୋଟି କୋଟି ଟଙ୍କାର ପଥର ଚୋରା ଚାଲାଣ ହେଉଥିଲା ଏବଂ ସରକାରୀ ରାଜସ୍ୱ ହାନୀ ଘଟୁଥିଲା। ଏଥିରେ ସଂପୃକ୍ତ କ୍ରସରଗୁ?ିକ ମଧ୍ୟ ଚୋରା ପଥର ଭାଙ୍ଗି ଚାଲାଣ କରି ଚାଲିଥିଲେ। ଏହାକୁ ରୋକିବାକୁ ସରକାରୀ ଭାବେ ଏହି ଖାଦାନ ଅଞ୍ଚଳ ପ୍ରବେଶ ପଥରେ ଏକାଧିକ ଚେକ୍‌ପୋଷ୍ଟ ଅସ୍ଥାୟୀ ଭାବେ ସ୍ଥାପନ କରାଯାଇ ଚୋରା ଚାଲାଣକୁ ରୋକ୍ ଦେଉଥିଲେ। ତଥାପି ଚୋରା ପଥର ବେପାରୀ ଏବଂ ଟ୍ରକମାଲିକମାନେ ଗଳାବାଟରେ ପଥର ଦ୍ରବ୍ୟ ମେଟାଲ, ଚିପ୍ସ, ବୋଲଡର ପ୍ରଭୃତିକୁ ବାହାରକୁ ଚାଲାଣ କରି ମାଲେମାଲେ ହେଉଥିଲେ। ଏଥି ପାଇଁ ସରକାରୀ ଭାବେ ଧରପଗଡ଼ ଚାଲି କିଛି ଜରିମାନ ବାବଦରେ ରାଜସ୍ୱ ଆଦାୟ କରାଯାଉଥିଲା। ମାତ୍ର ୨ ମାସ ହେବ ପ୍ରଶାସନ ଖାଦାନରେ ସମ୍ପୂର୍ଣ୍ଣ ବେଆଇନ ପଥର ଉତ୍ତୋଳନ ଏବଂ ଚୋରା ଚାଲାଣ ରୋକିବାକୁ ଏକ ପ୍ରକାର ସଫଳ ହୋଇଛି। ତଥାପି ଗଳା ରାସ୍ତା ଦେଇ କିଛି କିଛି ରାତିଅଧିଆ ଜଙ୍ଗଲପାଖିଆ କ୍ରସରରେ ପଥର ଭଙ୍ଗା ଚାଲିଛି। ଏହି ପଥରକୁ

### ସରକାରୀ ଅବହେଳାରୁ ବିପୁଳ ରାଜସ୍ୱ ହାନୀ

ଯଥେଷ୍ଟ ଚଢ଼ା ଦାମରେ ବାହାରକୁ ଚାଲାଣ କରାଯାଉଛି। ତେବେ ସଂପ୍ରତି ନିର୍ମାଣ ଋତୁ ଚାଲିଥିବା ବେଳେ ସରକାରୀ ଓ ଘରୋଇ ଭାବେ ରାସ୍ତାଘାଟ, ଗୃହ ଏବଂ ପୋଲ ଆଦି ନିର୍ମାଣ ପାଇଁ ଯଥେଷ୍ଟ ପରିମାଣରୁ ଚିପ୍‌ସ ମେଟାଲ ଦରକାର ଥିବା ସ୍ଥଳେ ଏହା ମିଳିପାରୁ ନାହିଁ। ଯେଉଁ ଚୋରା ପଥର ମିଳୁଛି ଖୁବ କମ୍ ପରିମାଣ ଏବଂ ଚଢ଼ା ଦାମରେ ଲୋକମାନେ କିଣିବା ପାଇଁ ବାଧ ହେଉଛନ୍ତି। ଗରିବ ଲୋକମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରିବାକୁ ଅକ୍ଷମ ହେଉଛନ୍ତି। ଫଳରେ ବହୁ ଅଧିକ ଦାମରେ ଚଣ୍ଡିଖୋଲ ଏବଂ ଯାଜପୁର ଆଦିରୁ ପଥର ଆଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁ ନାହିଁ।ଏଇଥି କାରଣରୁ ଜିଲାର ଅଧିକାଂଶ ପ୍ରକଳ୍ପ ଏବେ ଅଧାପନ୍ତରିଆ ହୋଇ ପଡ଼ିଥିବା ଦେଖାଯାଇଛି। ସରକାର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତହସିଲ ଅନ୍ତର୍ଗତ ଖଣି ଖାଦାନଗୁଡ଼ିକୁ ତୁରନ୍ତ ନିଲାମ କରାଇଲେ ଲୋକମାନଙ୍କର ନିର୍ମାଣ କାର୍ଯ୍ୟରେ ପଥର ସମସ୍ୟା ଦୂର ହୋଇପାରିବ ବୋଲି ସାଧାରଣରେ ଦାବି ହୋଇଛି।

## ରବିଧାନକୁ ବିପଦ ଅଦିନିଆ ବର୍ଷା

**ଚାଷୀକୁଳ ଚିନ୍ତାରେ**

ଚନ୍ଦନେଶ୍ୱର,୧୦।୪ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକର ବିଭିନ୍ନ ଅଞ୍ଚଳରେ ଅଦିନିଆ ବର୍ଷା ଚାଷୀମାନଙ୍କ ଜୀବନ ଓ ଜୀବିକା ଉପରେ ପ୍ରଭାବ ପକାଇଛି। ପ୍ରାୟ ପ୍ରତ୍ୟେକ ଦିନ ବର୍ଷା ସହ ବଜ୍ରପାତ ହେଉଥିବାରୁ କ୍ଷେତବାଡ଼ିରେ କାମ କରିବାକୁ ଚାଷୀମାନେ ଭୟଭୀତ ହେଉଛନ୍ତି। ଫଳରେ ଦୈନିକ କୃଷି କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ବିଶେଷ କରି ରବି ଧାନରେ ଏବେ କେଣ୍ଡା ବାହାରୁ ଥିବା ବେଳେ ଅତ୍ୟଧିକ ବର୍ଷା, ବଜ୍ରପାତ ଓ କୁଆପଥର ମାଡ଼ ଫସଲକୁ କ୍ଷତିଗ୍ରସ୍ତ କରିପାରେ ବୋଲି ଆଶଙ୍କା ବଢ଼ିଛି। ଚାଷୀମାନଙ୍କ କହିବା ଅନୁସାରେ, ଏହି ପର୍ଯ୍ୟାୟରେ ଧାନ ଗଛ ଦୁର୍ବଳ ଥାଏ, ଯାହା ଫଳରେ ଅଧିକ ପାଣି ଓ ପବନରେ ଗଛ ପଡ଼ିଯିବା ଆଶଙ୍କା ରହିଛି। ଏପରି ସ୍ଥିତିରେ ଅନେକ ନିମ୍ନାଞ୍ଚଳ ଓ ଖାଲ ଜମିରେ ପାଣି ଜମି ରହିବା ଚାଷୀଙ୍କ ପାଇଁ ଆଉ ଗୋଟିଏ ବଡ଼ ସମସ୍ୟା ହୋଇପଡ଼ିଛି। ଜମିରେ ଦୀର୍ଘ ସମୟ ପାଣି ରହିଲେ ଧାନ ଫସଲର ମୂଳ ପଚିଯିବା ସହ ରୋଗପୋକ ବଢ଼ିବାର ଆଶଙ୍କା ରହିଛି। ଏହା ଫଳରେ ଉତ୍ପାଦନ କମିବା ସହ ଚାଷୀମାନଙ୍କୁ ଗଭୀର ଆର୍ଥିକ କ୍ଷତି ସହିବାକୁ ପଡ଼ିପାରେ। ଅନ୍ୟପଟେ ଆଉ କିଛି ଦିନ ପରେ ଧାନ କଟା ଆରମ୍ଭ ହେବାକୁ ଥିବା ବେଳେ ଏହି ବର୍ଷା ଅମଳ ପ୍ରକ୍ରିୟାକୁ ବଡ଼ ଝଟକା ଦେଇପାରେ। ଭିଜା ଜମିରେ ଧାନ କଟା କଷ୍ଟସାଧ ହେବା ସହ ଧାନ ଶୁଖାଇବାରେ ବିଳମ୍ବ ହେବାରୁ ଧାନର ଗୁଣମାନ ହ୍ରାସ ପାଇବା ଆଶଙ୍କା ରହିଛି। ସ୍ଥାନୀୟ କୃଷକମାନେ ଏହାକୁ 'ଅସମୟର ଆଘାତ' ବୋଲି ବର୍ଣ୍ଣନା କରି କହିଛନ୍ତି ଯେ, ବର୍ଷ ପୂରା ଦିନର ପରିଶ୍ରମ ଏବେ ପ୍ରକୃତିର କୃପା ଉପରେ ନିର୍ଭର କରୁଛି। କେତେକ ଅଞ୍ଚଳରେ ଚାଷୀମାନେ ନିଜେ ଛୋଟ ନାଳ କାଟି ପାଣି ବାହାର କରିବାରେ ଲାଗିଥିବା ଦେଖାଯାଇଛି, ଯାହା ସ୍ଥିତିର ଗମ୍ଭୀରତାକୁ ସ୍ପଷ୍ଟ କରୁଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଚାଷୀମାନେ ସରକାରଙ୍କ ତ୍ୱରିତ ହସ୍ତକ୍ଷେପ ଦାବି କରିଛନ୍ତି। ଯଦି ସମୟରେ ପଦକ୍ଷେପ ନ ନିଆଯାଏ, ଏହି ଅଦିନିଆ ବର୍ଷା ଚାଷୀମାନଙ୍କ ପାଇଁ ଗଭୀର ଆର୍ଥିକ ସଙ୍କଟ ନେଇ ଆସିପାରେ ବୋଲି ଚାଷୀମାନେ ମତ ପ୍ରକାଶ କରିଛନ୍ତି।

## ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଦାବିପତ୍ର

ବାଲେଶ୍ୱର,୧୦।୪ (ସମିସ): ସରକାରୀ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ସୁଧାର ସମ୍ପର୍କରେ ଆଜି ଶିକ୍ଷା ସୁରକ୍ଷା ମଞ୍ଚ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଚାରି ଦଫା ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏଥିସହ ତାଙ୍କ ସହ ସେ ସମ୍ବନ୍ଧରେ ଆଲୋଚନା କରାଯାଇଛି। ଦୀର୍ଘ ଦିନ ଧରି ଏକ ସ୍କୁଲରେ ରହି ପାଠ ନ ପଢାଇ ନିଜ ପତିଆରା ଦେଖାଉଥିବା ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ଚିହ୍ନଟ କରି ବଦଳି କରିବା ସହ ସରକାରଙ୍କ ମାର୍ଗଦର୍ଶିକାକୁ ପାଳନ କରିବା, ଶିକ୍ଷକ/ଶିକ୍ଷୟତ୍ରୀଙ୍କ ପାରଦର୍ଶିତାକୁ ଅନୁଧ୍ୟାନ କରି ସେମାନଙ୍କୁ ତାଗିଦ କରିବା ଏବଂ ଶେଷରେ ସମସ୍ତ ସ୍କୁଲକୁ ଶିକ୍ଷା ଅଧିକାରୀ ଅଚାନକ ଗସ୍ତ କରି ଶିକ୍ଷାକୁ ନୂଆ ଜୀବନ ଦେବା ପାଇଁ ଅନୁରୋଧ କରାଯାଇଛି। ଶିକ୍ଷା ଅଧିକାରୀ ଶିକ୍ଷା ବିଭାଗର ବହୁ ତ୍ରୁଟି ବହୁ ବର୍ଷ ଧରି ଥିବା ମାନିବା ଏବଂ ସେ ମାତ୍ର ୮ ମାସ ହେବ ବଦଳି ହୋଇ ଆସି ଥିବାରୁ ସବୁ ସମସ୍ୟା ସମାଧାନ ପାଇଁ ସମୟ ଆବଶ୍ୟକ ବୋଲି କହିଥିଲେ। ଏହି ଆଲୋଚନାରେ ଆବାହକ ରଘୁନାଥ ଲେଙ୍କା, ଦେବାଶିଷ ସିଂହ, ପ୍ରତିମା ପଣ୍ଡାଙ୍କ ବ୍ୟତୀତ ପ୍ରସନ୍ନ କୁମାର ପାତ୍ର, ଜ୍ୟୋସ୍ନା ସେନାପତି, ଇକବଲ ଖାଁ, ପୂର୍ଣ୍ଣ ପଣ୍ଡା,



ସନ୍ତୋଷ ସିଂହ, ତାପସ ମହାପାତ୍ର, ମିନତୀ ସେଠୀ, ଆଶ୍ରିତା ତରାଇ, ପରମେଶ୍ୱର ମହାନ୍ତି, ଭାରତ ଭୁଷଣ ଦାସ, ସତ୍ୟନ୍ଦ୍ର ଦାସ, ମନୋରଞ୍ଜନ ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ଗୋପାଳ ଜେନା, ଅନ୍ତର୍ଯ୍ୟାମୀ ପ୍ରଧାନ, ସେକ ଅଜଗର ଅଲ୍ଲୀ, ସେକ ହସେନ ପ୍ରମୁଖ ଉପସ୍ଥିତ ଥିଲେ।

## ସମଲେଶ୍ୱରୀ ବର୍ଦ୍ଧନ ସ୍ମାରକୀ ବକ୍ତୃତା-୨୬ ସମାରୋହ

ବାଲେଶ୍ୱର,୧୦।୪ (ସମିସ): କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ କକ୍ଷରେ ୫ମ ସମଲେଶ୍ୱରୀ ବର୍ଦ୍ଧନ ସ୍ମାରକୀ ବକ୍ତୃତା-୨୬ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗ ଦେଇଥିଲେ। ପ୍ରାରମ୍ଭରେ କଲେଜ ହତାରେ ଥିବା କୁନ୍ତଳା କୁମାରୀ ସାବତଙ୍କ ପ୍ରତିମୂର୍ତ୍ତି ଓ ସମଲେଶ୍ୱରୀ ବର୍ଦ୍ଧନଙ୍କ ପୈତୃକ ଘରେ ତାଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟକ୍ଷା ଡ. ଝାନ୍‌ସୀ ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ବିଶିଷ୍ଟ ଶିକ୍ଷାବିତ ତଥା କେକେଏସ ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ସମଲେଶ୍ୱରୀ ବର୍ଦ୍ଧନଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ପୈତୃକ ଜମି ଓ କୋଠା କଲେଜ ହଷ୍ଟେଲ ପାଇଁ ଦାନ କରିଥିବାରୁ ପରିବାରବର୍ଗଙ୍କୁ କୃତଜ୍ଞତା ଜଣାଇଥିଲେ। ଡ. ସଞ୍ଜୀବିତା ଦାସ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଡ. ସସ୍ମିତା ସେଠୀ ଓ ଛାତ୍ରୀମାନେ ବେଦମନ୍ତ୍ର ପାଠ କରିଥିଲେ। ଆଇକ୍ୟୁଏସି ସଂଯୋଜକ ଡ. ନାରାୟଣ ସୁରଜିତ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ଓ ସ୍ନାତକ ଶ୍ରେଣୀର କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ଛାତ୍ରୀ ଓ ବିଭିନ୍ନ ବିଭାଗର ଶ୍ରେଷ୍ଠ ସ୍ନାତକଙ୍କୁ ଅର୍ଥରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଡ. ସବିତା ଦାସ ଓ ଅଧ୍ୟାପିକା ମହାଶ୍ୱେତା ପାଣ୍ଡେ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ପୁରାତନ ଅଧ୍ୟକ୍ଷା ରଶ୍ମିରେଖା ପତି ଉପସ୍ଥିତ ଥିଲେ। ଅଧ୍ୟାପକ ରାଜକିଶୋର ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜ ଗ୍ରନ୍ଥାଗାର ସମ୍ମୁଖରେ ବହିଘର ପକ୍ଷରୁ ପୁସ୍ତକ ମେଳା ଅନୁଷ୍ଠିତ ହୋଇଥିଲା।

## 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ

ଜଳେଶ୍ୱର ବ୍ଲକ, ୧୦।୪ (ସମିସ) : ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ଜଳେଶ୍ୱର ଅଞ୍ଚଳରେ ଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ କରାଯାଇଥିଲା। ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ସଭାପତି କମଳ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠାନର ସମ୍ପାଦକ ସୁନୀଲ କୁମାର ନାୟକ, ଉପସଭାପତି ଶିକ୍ଷାବିତ୍ ଅଜିତ କୁମାର ମହାନ୍ତି ଓଡ଼ିଆ ପକ୍ଷ -୨୦୨୬ ଆଜିର ଦିନ ଟି' ଆସନ୍ତୁ ବହିଟିଏ କିଣିବା' ଶୀର୍ଷକ ଆଲୋଚନା କରିଥିଲେ। ପୂର୍ବତନ ବିଆରସିସି କପିଳେଶ୍ୱର ମହାନ୍ତି, ପୂର୍ବତନ ଏବିଇଓ ବନମାଳୀ ଧଳ, ସାଂଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ଜଳେଶ୍ୱର ହାଟ ପାଖ ଆଦିବାସୀ ସାହି ଅଙ୍ଗନବାଡି କେନ୍ଦ୍ର ର ଶିକ୍ଷୟିତ୍ରୀ ରୀନା ରାଣୀ, ଅଭିଭାବକ, କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବହି ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ପଥର ପୁରା ଧଳ ସାହି ଅଙ୍ଗନବାଡି କେନ୍ଦ୍ର ର ଶିକ୍ଷୟିତ୍ରୀ, ସହାୟକ (ଏ ଡବ୍ଲୁ ଡବ୍ଲୁ) ସୁକାନ୍ତୀ ମଣୀ ଧଳ,(ଏ ଡବ୍ଲୁ ଏଚ) ଅନୁରାଧା ଧଳ, ପ୍ରଭୃତି ବର୍ଣ୍ଣ ବୋଧର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ।



## ବର ଓ ଅଶ୍ୱସ୍ଥ ବୃକ୍ଷ ବିବାହ

ଜଳେଶ୍ୱର ବ୍ଲକ, ୧୦।୪(ସମିସ): ଜଳେଶ୍ୱର ବ୍ଲକ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ପେଣ୍ଡରାସାହି ଗ୍ରାମର ସ୍ନେହଲତା ସାମଲଙ୍କ ପୁତ୍ର ଅଭିରାମ ସାମଲ ଓ ପୁତ୍ର ବଧୂ ରେଣୁକା ସାମଲ ନିଜ ଗ୍ରାମର ଥିବା ବଟବୃକ୍ଷ ଓ ଅଶ୍ୱସ୍ଥ ବୃକ୍ଷର ଓଡ଼ିଆ ରୀତି ନୀତି ଅନୁଯାୟୀ ବିବାହ କରିଛନ୍ତି। ଏଥିରେ ବନ୍ଧୁବାନ୍ଧବ, କୁଟୁମ୍ବ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା, ଆଗାମୀ ପିଢ଼ି ପାଇଁ ବୃକ୍ଷର ଆବଶ୍ୟକତା ଉପରେ ଶ୍ରୀରାମପୁର ସମିତି ସଭ୍ୟ ଗୋପାଳ ସାମଲ ମତବ୍ୟକ୍ତ କରିଥିଲେ।



## ଉପଭୋକ୍ତାଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପିଟିଆର କ୍ଷମତା ବୃଦ୍ଧି କଲା ଟିପିଏନ୍‌ଓଡିଏଲ



ବାଲେଶ୍ୱର, ୧୦।୪(ସମିସ): ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଟିପିଏନଓଡିଏଲର ମୌଳିକ ଲକ୍ଷ୍ୟ ଥିବାବେଳେ ଭିତ୍ତିଭୂମି ସୁଦୃଢ କ୍ଷେତ୍ରରେ ସଂସ୍ଥା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଉପଭୋକ୍ତାଙ୍କ ଆବଶ୍ୟକତାକୁ ଉପଲବ୍ଧ କରି କେବଳ ବିତରଣ ଟ୍ରାନ୍ସଫର୍ମର(ପିଟିଆର) କ୍ଷମତା ବୃଦ୍ଧି କରାଯାଉନି, ଅଗ୍ରାଧିକାର ଭିତ୍ତିରେ ପିଏସଏସଗୁଡ଼ିକରେ ଥିବା ପ୍ରାଥମିକ ଟ୍ରାନ୍ସଫର୍ମର(ପିଟିଆର) ର କ୍ଷମତା ମଧ୍ୟ ବଢୁଛି। ଟିପିଏନଓଡିଏଲ ପକ୍ଷରୁ ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝରର ଜିଲ୍ଲାର ନୀଳଗିରି, ବସୁଦେବପୁର ଏବଂ ଗମ୍ଭାରିଆ ଅଞ୍ଚଳରେ ଉପଭୋକ୍ତାଙ୍କ ଚାହିଦାକୁ ଦୃଷ୍ଟିରେ ରଖି ୩୨ଏମଭିଏର ପିଟିଆର କ୍ଷମତା ବୃଦ୍ଧି କରାଯାଇଛି। ୨୭ ହଜାରରୁ ଅଧିକ ପରିବାର ଏହି ପଦକ୍ଷେପ ଦ୍ୱାରା ଉପକୃତ ହେବାକୁ ଥିବାବେଳେ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଏହି ପଦକ୍ଷେପ ବେଶ୍ ସହାୟକ ହେବ। ବିଶେଷତଃ ଗ୍ରୀଷ୍ମରେ ବିଦ୍ୟୁତ ବିଭ୍ରାଟ ଓ ଲୋ-ଭୋଲ୍ଟେଜ ଆଦି ସମସ୍ୟାର ମଧ୍ୟ ସମାଧାନ ହେବ। ବାଲେଶ୍ୱରର ନୀଳଗିରି ଓ ଭଦ୍ରକର ବାସୁଦେବପୁର ପିଏସଏସ କ୍ଷମତା ୫ ଏମଭିଏରୁ ୮ ଏମଭିଏକୁ ବୃଦ୍ଧି କରାଯାଇଥିବାବେଳେ କେନ୍ଦୁଝରର ଗମ୍ଭାରିଆ ପିଏସଏସ କ୍ଷମତା ୮ ରୁ ୧୬ ଏମଭିଏକୁ ବୃଦ୍ଧି କରାଯାଇଛି। ନୀଳଗିରି ଅଞ୍ଚଳର ୫ହଜାରରୁ ଅଧିକ ପରିବାର ଏହା ଦ୍ୱାରା ଉପକୃତ ହେବାକୁ ଥିବାବେଳେ କେନ୍ଦୁଝର ଡିଭିଜନର କେନ୍ଦୁଝର ଟାଉନ ଓ ଆଖପାଖ ଅଞ୍ଚଳର ପ୍ରାୟ ୧୨ହଜାର ପରିବାର ଏବଂ ବାସୁଦେବପୁର ଅଞ୍ଚଳର ୧୧ ହଜାର ପରିବାର ଗମ୍ଭାରିଆ ପିଏସଏସ ଦ୍ୱାରା ଉପକୃତ ହେବେ। ଅପରପକ୍ଷେ ଟିପିଏନଓଡିଏଲ ଗ୍ରୀଷ୍ମ ଋତୁରେ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରିଛି।

ସେହିପରି ଗ୍ରୀଷ୍ମ ଋତୁରେ ବୈଦ୍ୟୁତିକ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେବାକୁ

**ଉପକୃତ ହେବେ ୨୭ ହଜାର ପରିବାର**

ଟିପିଏନଓଡିଏଲ ଉପଭୋକ୍ତାଙ୍କୁ ପରାମର୍ଶ ଦେଇଛି। ଝଡ ତୋଫାନରେ କୌଣସି ସ୍ଥାନରେ ବିଦ୍ୟୁତ ତାର ଝିଣ୍ଡିଥିଲେ ଅବା ବିତରଣ ନେଟୱାର୍କରେ ତ୍ରୁଟି ଦେଖିଲେ ନିଜେ ମରାମତି କରିବାର ଦୁଃସାହସ ନ କରି ବିଦ୍ୟୁତ ବିଭାଗ ଅଫିସ କିମ୍ବା ନିଃଶୁଳ୍କ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ ରେ ଯୋଗାଯୋଗ କରିବାକୁ ଟିପିଏନଓଡିଏଲ ଦର୍ଶାଇଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାତିଛନ୍ତି ଚୋର

ବାଲେଶ୍ୱର, ୧୦।୪ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାତିଛନ୍ତି ଚୋର। କେତେବେଳେ ବାଇକ୍ ତ ପୁଣି କେତେବେଳେ ମୋବାଇଲ। ଏବେ ପୁଣି ଏସି ର କପର୍ ପାଇପ୍ ଚୋରି ହୋଇଛି। ନିକଟରେ ପ୍ରାୟ ୧୩ ଟି ଏସିର କପର୍ ପାଇପ୍ ଚୋରି କରିନେଇଥିବା ଜଣାପଡ଼ିଛି। ଏ ନେଇ ହସ୍ପିଟାଲ ପକ୍ଷରୁ ଏସପି ତଥା ସ୍ଥାନୀୟ ଥାନାଧିକାରୀଙ୍କୁ ଅବଗତ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଏସି ଗୁଡ଼ିକର କପର୍ ପାଇପ୍ ଚୋରି ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଲାବୋରେଟୋରୀ, ଏକ୍ସ-ରେ, ରେଡିଓଲୋଜି, ଆଇସିୟୁ ଆଦି ସ୍ଥାନରେ ଲାଗିଥିବା ଏସିରୁ ପାଇପ୍ ଚୋରି କରିନେଇଛନ୍ତି ଦୁର୍ବୃତ୍ତ। ଯାହାକୁ ନେଇ ତନାଘନା ଆରମ୍ଭ ହୋଇଛି।

## ସୁରକ୍ଷା ବାଡ଼କୁ ପିଟିଲା ଟ୍ରକ



ସୋର, ୧୦।୪ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ବସଷ୍ଟାଣ୍ଡ ନିକଟରେ ଆଜି ଅପରାହ୍ନରେ ଏକ ମାଲ ବୋଝେଇ ଟ୍ରକ ସୁରକ୍ଷା ବାଡ଼କୁ ଧକ୍କା ଦେଇଥିବା ବେଳେ ଅଳ୍ପକେ ଅନେକ ଧନ ଜୀବନ କ୍ଷୟକ୍ଷତିରୁ ବର୍ତ୍ତି ଯାଇଥିବା ଜଣାପଡିଛି। ଅପରାହ୍ନରେ ଟ୍ରକଟି ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ବସଷ୍ଟାଣ୍ଡ ନିକଟରେ ଏକ ଯାତ୍ରୀବାହୀ ବସ୍ ଟ୍ରକକୁ ସାଇଡ ମାରିଥିଲା। ଫଳରେ ଟ୍ରକ ଚାଳକ ଭାରସାମ୍ୟ ହରାଇ ରାସ୍ତା କଡ଼ ସୁରକ୍ଷା ବାଡ଼କୁ ଧକ୍କା ଦେଇ ଅଟକି ରହିଥିଲା। ଫଳରେ ତଳ ରାସ୍ତାରେ ଛିଡା ହୋଇଥିବା ଅନେକ ଅଟୋ ଏବଂ ରାସ୍ତାରେ ଯାଉଥିବା ଲୋକ ମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସ୍ୱାସ୍ଥ୍ୟ ଓ ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ

ବାଲେଶ୍ୱର,୧୦।୪ (ସମିସ): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଏକ ସ୍ୱାସ୍ଥ୍ୟ ଓ ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ପ୍ରଥମେ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ଏକ ସମୂହ ସଂଗୀତ ପରିବେଷଣ କରାଯାଇ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାର ବାର୍ତ୍ତା ପ୍ରେରଣ କରାଯାଇଥିଲା। ଅତିଥି ଭାବରେ ଯୋଗ ଦେଇଥିବା ଶଲ୍ୟଚିକିତ୍ସା ବିଶେଷଜ୍ଞ ଡା. ରଞ୍ଜନ କୁମାର ପାଢ଼ୀ ବିଶ୍ୱସ୍ୱାସ୍ଥ୍ୟ ଦିବସ ରୂପରେ ପାଳନ କରିବାର କାରଣ ସଂପର୍କରେ ସୂଚନା ଦେବା ସହିତ ମାନସିକ ରୋଗର କାରଣ ଓ ନିରାକରଣ ସଂପର୍କରେ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଆୟୁର୍ବେଦିକ ମେଡିକାଲ ଅଫିସର ତଥା ଅବସରପ୍ରାପ୍ତ ନିରିକ୍ଷକ ଡା. ଲକ୍ଷ୍ମୀକାନ୍ତ ହୋତା ଭାରତର ଆତ୍ମା ଗାଁରେ ଅଛି ବୋଲି ପ୍ରକାଶ କରିଥିଲେ। ହୋମିଓପ୍ୟାଥିକ ମେଡିକାଲ ଅଫିସର ଡା. ସସ୍ମିତା ମଣ୍ଡଳ ସାମ୍ପ୍ରତିକ ସମୟରେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ଜୀବନ ଶୈଳୀରେ ବିପର୍ଯ୍ୟସ୍ତ ଘଟୁଥିବାରୁ ତାହାର ନିରାକରଣ କରିବା ଉଚିତ ବୋଲି ପ୍ରକାଶ କରି ନାରୀ ସୁସ୍ଥ ରହିଲେ ପରିବାର ଓ ସମାଜ ସୁସ୍ଥ ରହିବାର ସୂଚନା ଦେଇଥିଲେ। ମହେନ୍ଦ୍ର କୁମାର ପାଣିଗ୍ରାହୀ ସ୍ୱାସ୍ଥ୍ୟ ସଂପର୍କରେ ଏକ ସ୍ୱରଚିତ କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚାସୀନ କରାଇଥିଲେ ଓ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜମି ବିବାଦରୁ ଚାଷ ନଷ୍ଟ, ଥାନାରେ ମାମଲା

ଜଳେଶ୍ୱର, ୧୦।୪ (ସମିସ): ଜମିର ମାଲିକାନାକୁ ନେଇ ଗଣ୍ଡଗୋଳ ଫଳରେ ଚାଷ ଜମିରେ ଘାସମରା ଔଷଧ ପ୍ରୟୋଗ କରି ଚାଷ ନଷ୍ଟ ଅଭିଯୋଗ ହୋଇଛି। ରାଇବଣିଆ ଥାନା ଶ୍ରୀରାମ ପୁର ଗ୍ରା.ପର ପେଣ୍ଡରାସାହି ଗ୍ରାମର ଆଲପନା ପ୍ରଧାନ, ପ୍ରଦୀପ ପ୍ରଧାନ ଓ ଦିଲ୍ଲୀପ ପ୍ରଧାନ ନାମକ ସ୍ଥାୟୀ ବାସିନ୍ଦା ମାନେ ଗତ ୧୯୯୦ ମସିହା ପାଖରୁ ଲିଜ ସୂତ୍ରେ ୧ଏକର ୩୨ଡିସିମିଲ ଜାଗାରେ ଚାଷ କରିଆସୁଥିଲେ। ମାତ୍ର ୨୦୨୪ ମସିହାରେ ଜମିର ମାଲିକ ବାଳାମଣୀ ଘୋଷ, ସ୍ୱାମୀ ଜଜେଞ୍ଜଶ୍ୱର ଘୋଷ ଉକ୍ତ ଜମିକୁ କୋର୍ଟ ମୂଳେ ବିକ୍ରି କରିଥିଲେ। ମାତ୍ର ଏବେ ଭୋଣ୍ଡାରୀକୁଲି ଗ୍ରାମର ଅଶୋକ କୁମାର ଘୋଷ ଉକ୍ତ ସମ୍ପତ୍ତି ଉପରେ ନିଜତ୍ୱ ଜାହିର କରିବା ସହିତ ଜୋର ଜବରଦସ୍ତି ଚାଷ କରିବାକୁ ଚାହିବାରୁ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଜମିରେ ଧାନ ଚାଷ ହୋଇଥିବା ବେଳେ ଗତ ସୋମବାର ରାତ୍ରୀରେ ଘାସମରା ଔଷଧ ପ୍ରୟୋଗ କରି ସମସ୍ତ ଚାଷକୁ ନଷ୍ଟ କରିଦେଇଥିବାର ଦେଖିବାକୁ ମିଳିଛି। ତେଣୁ ଜମିର ମାଲିକ ଆଲପନା ପ୍ରଧାନ, ପ୍ରଦୀପ ପ୍ରଧାନ ଓ ଦିଲ୍ଲୀପ ପ୍ରଧାନ ରାଇବଣିଆ ଥାନାରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଚଡ଼କ ପର୍ବ ପାଇଁ ବୈଦ୍ୟନାଥ ପୀଠ ଚଳଚଞ୍ଚଳ

କାଳିପଦା, ୧୦।୪ (ସମିସ)



ବାଲିଆପାଳ ପୁଲିସ ଷ୍ଟେସନ ଠାରୁ ଉତ୍ତରକୁ ତିନି କିମ୍ବା ଚାରି କିଲୋମିଟର ରାସ୍ତା ଅତିକ୍ରମ କଲେ ପଡେ ଏକ ଗାଁ କୁଦମାନସିଂ। ଏହି ଗାଁରେ ବିରାଜମାନ ପୁରାତନ ବୈଦ୍ୟନାଥ ପୀଠ। ମନ୍ଦିର ର ପୂର୍ବ ପାଶ୍ୱର୍ ଦେଇ ବହି ଯାଇଛି ପୁଣ୍ୟ ତୋୟା ନଦୀ ସୁବର୍ଣ୍ଣ ରେଖା। ହଠାତ ଗାଁ ରେ ଏକ ଅଦ୍ଭୁତ କଥା ପ୍ରଘଟ ହେଲା। ଗାଁ ର ରବୀନ୍ଦ୍ର ସାହୁ ବୈଦ୍ୟନାଥଙ୍କ ଆବିର୍ଭାବର ସ୍ୱପ୍ନା ଦେଶ ଲୋକଙ୍କୁ ଡକାଇ ବଖାଣି ବସିଲେ। ସାମାନ୍ୟ ମାଟି ଖୋଳା ଯିବାରୁ ଶିବଙ୍କ ଜ୍ୟୋତିର୍ଲିଙ୍ଗ ଦେଖାଗଲା। ରବୀନ୍ଦ୍ର ଗାଁ ଲୋକଙ୍କ ସହାୟତାରେ ଏକ ଚାଳିଆ ନିର୍ମାଣ କରି ବୈଦ୍ୟନାଥଙ୍କୁ ପ୍ରତ୍ୟେହ ଆରାଧନା କଲେ। ରବୀନ୍ଦ୍ର ହେଉଛନ୍ତି ବୈଦ୍ୟନାଥଙ୍କ ପ୍ରଥମ ପୂଜକ। ସମ୍ଭବତଃ ଏଠିକାର ମହାଦେବଙ୍କୁ ବୈଦ୍ୟନାଥ ନାମ ଦେଇ ଥାଇ ପାରନ୍ତି। ରବୀନ୍ଦ୍ରଙ୍କ ଅନ୍ତେ ଗାଁ ଲୋକ ଗାଁ ବ୍ରାହ୍ମଣଙ୍କୁ ବୈଦ୍ୟନାଥଙ୍କ ପୂଜା କାର୍ଯ୍ୟରେ ନିୟୋଜିତ କରିଛନ୍ତି। ପ୍ରାୟେ ଦଶ ଅଥବା ବାରବର୍ଷ ପରେ ଗ୍ରାମର ସ୍ୱର୍ଗତ ହରପ୍ରସାଦ ସାହୁ, ଚକ୍ରଧର ପାତ୍ର, ଅଙ୍କୁର ପାତ୍ର, ଚକ୍ରଧର ପାଳ, ଭାନୁ ଚରଣ ସାହୁ, ଦିବାକର ସାହୁ, ସାଧୁ ଚରଣ ମହାଳିକ, ଲକ୍ଷ୍ମୀ ନାରାୟଣ ବେହେରା, ଦେବେନ୍ଦ୍ର ମଲ୍ଲିକ, ରାମନାଥ ଜେନା, କାଳି ଚରଣ ପାତ୍ର, ଯତୀନ୍ଦ୍ର ପାତ୍ର, ମଧୁ ସୂଦନ ସାହୁ, ଅନନ୍ତ ପାତ୍ର, ପଞ୍ଚାନନ ଜେନା, ତ୍ରୈଲୋକ ଜେନା, ଠକର ପାତ୍ର, ପାଗିଲି ପାତ୍ର, ସୃଷ୍ଟିଧର ଦାସ, ମହେଶ୍ୱର ଜେନା, ସୁଦର୍ଶନ ଜେନା ପ୍ରମୁଖ ବୈଦ୍ୟନାଥଙ୍କ ମନ୍ଦିର ତୋଳାଇଛନ୍ତି। ଚାରି ବର୍ଷ ତଳେ ଗ୍ରାମ ବାସୀଙ୍କ ଉଦ୍ୟମରେ ବୈଦ୍ୟନାଥଙ୍କ ଚଡକ ଯାତ୍ରା ଆରମ୍ଭ ହୋଇଛି। ଚଳିତ ବର୍ଷ ନୀଳ ଓ ପାଟ ଯାତ୍ରା ପାଇଁ ଭକ୍ତାଙ୍କ ଗହଳି ସହିତ ଗ୍ରାମବାସୀଙ୍କ ସମାବେଶ ଖୁବ ମୁଗ୍ଧ ପରିବେଶ ସୃଷ୍ଟି କରିଛି। ଚଡକ କମିଟି ତରଫରୁ ପାଟ ଭକ୍ତା ରମେଶ ଚନ୍ଦ୍ର ସାହୁ, ଦେଉଳିଆ ଅନାଦି ଚରଣ ସାହୁ, ଶ୍ରୀ ବିକିଡ଼ି ସଞ୍ଜୟ କୁମାର ସାହୁ, ଚର୍ଚ୍ଚକ ସେବକ ବିଜୟ କୁମାର ସାହୁ ରହିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି କରୁଣାକର ପାତ୍ର, ସୁଦାମ ଚରଣ ଜେନା, ନିରଞ୍ଜନ ମଲ୍ଲିକ, ସୁଶାନ୍ତ ବେହେରା, ଗୋପାଳ ପାତ୍ର, ସଦାନନ୍ଦ ମଲ୍ଲିକ, ରମେଶ ଚନ୍ଦ୍ର ବେହେରା, ଜୟନ୍ତୀ ଜେନା, ଲକ୍ଷ୍ମଣ ଜେନା, ଶୁଭ୍ରାଂଶୁ ପାତ୍ର, ଶରତ ସାହୁ, ବିନୋଦ ପାତ୍ର ଓ ଅଙ୍କିତ ଜେନା। ତେବେ ଏହି ପୀଠର ବିଶେଷ ଉନ୍ନତି ହୋଇ ପାରିନାହିଁ। ସୁବର୍ଣ୍ଣ ରେଖା ନଦୀର ବଢ଼ି ପାଣି ମନ୍ଦିର ଭିତରକୁ ପଶି ଯାଏ। ମନ୍ଦିରକୁ ସୁଉଚ୍ଚ କରାଯିବା ଦରକାର। ମନ୍ଦିର ଚାରିପଟ ଜବର ଦଖଲ ମୁକ୍ତ ହେବା ସହିତ ସୁଉଚ୍ଚ ମଧ୍ୟ ହେବା ଦରକାର। ଫଳରେ ବୈଦ୍ୟନାଥଙ୍କ ମହିମା ଆହୁରି ପରିବ୍ୟାପ୍ତ ହୋଇ ପାରନ୍ତା।



## ଆଜିର ରାଶିଫଳ

**ମେଷ:** ନୂଆ କାମ ପାଇଁ ଯୋଜନା ପ୍ରସ୍ତୁତ କରିବେ। କର୍ମ ଚଞ୍ଚଳ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଦାନ ଧର୍ମ କରନ୍ତୁ।

**ବୃଷ:** ଅଚାନକ ଖୁସି ଖବର ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିତାମାତାଙ୍କ ଆଶୀର୍ବାଦରୁ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କର୍କଟ:** ସଠିକ୍ ସମୟରେ ନିଷ୍ପତ୍ତି ନେବା ଜରୁରି। ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ। ଆତ୍ମବିଶ୍ୱାସ ହରାନ୍ତୁନି। ଅଚାନକ ଖୁସି ଖବର ପାଇବେ। ଉଧାର ଟଙ୍କା ଫେରିପାଇବେ।

**ସିଂହ:** ଅଟକି ରହିଥିବା କାମ ପୂରା ହେବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। ପିଲାମାନେ ଖେଳ ମନସ୍କ ହେବେ। ଆୟ ଓ ବ୍ୟୟ ସମାନ ରହିବ। ମାନସମ୍ମାନ ବୃଦ୍ଧି ପାଇବ।

**ତୁଳା:** ଆପଣଙ୍କ ପରିଶ୍ରମର ଫଳ ମିଳିବ। ଅତିଥି ସତ୍କାର କରିପାରନ୍ତି। ପରିବାର ସଦସ୍ୟଙ୍କ ସହିତ ଦୂରସ୍ଥାନକୁ ଯାତ୍ରା କରିବେ। ଚକ୍ଷୁପୀଡ଼ା ହୋଇପାରେ। ଦାନ ଧର୍ମ କରନ୍ତୁ।

**ବିଛା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଆଶା ପୂରଣ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ଧନୁ:** ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସଙ୍ଗୀତ ପ୍ରତି ଆଗ୍ରହ ବଢ଼ିବ।

**ମକର:** ରାଜନେତାଙ୍କ ପାଇଁ ଦିନଟି ଭଲ। ମାନସମ୍ମାନ ବୃଦ୍ଧି ପାଇବ। ଆୟ ବ୍ୟୟ ସମାନ ରହିବ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**କୁମ୍ଭ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଖୁସି ଖବର ମିଳିପାରେ। ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ସାହିତ୍ୟ ପ୍ରତି ରୁଚି ବଢ଼ିବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ମୀନ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାର ଲୋକଙ୍କ ସହ ସମୟ ବିତାଇବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଅଯଥା ଖର୍ଚ୍ଚ ବଢ଼ିବ। ପିଲାମାନେ ଖେଳମନସ୍କ ହେବେ।

## ଆଜିର ଇତିହାସ

- ୧୯୧୯- ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର(ଆଇଏଲ୍ଓ) ସ୍ଥାପନା।
- ୧୯୩୦- ଋଷିକେଶର ଲକ୍ଷ୍ମଣ ଝୁଲାକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲିଦିଆଗଲା।
- ୧୯୬୪- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦୁଇ ଭାଗ ହେଲା।
- ୨୦୦୮ -ସ୍ୱିଡେନର ବୈଜ୍ଞାନିକମାନେ ୮୦୦୦ ବର୍ଷ ପୁରୁଣା ଏକ ଗଛର ଠାବ କରିଥିଲେ।

## 'AA22xA6' ଏବେ 'ରାକା'

### ଭୟାନକ ଲୁକ୍‌ରେ ଅଲ୍ଲୁ

ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଅଲ୍ଲୁ ଅର୍ଜୁନ୍ 'ପୁଷ୍ପା' ପରେ ଏଟ୍‌ଲିଙ୍କ ଫିଲ୍ମ 'AA22xA6' ମାଧ୍ୟମରେ ପରଦାକୁ ଫେରୁଛନ୍ତି। ଏଥିରେ ତାଙ୍କ ବିପକ୍ଷରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଡୁକୋନ୍ ନଜର ଆସିବେ। ନିକଟରେ ଅଲ୍ଲୁ ତାଙ୍କ ୪୪ ତମ ଜନ୍ମଦିନ ପାଳନ ଅବସରରେ ଫିଲ୍ମର ପୋଷ୍ଟର୍ ସେୟାର୍ କରିଛନ୍ତି। ପୋଷ୍ଟର୍‌ଟିକୁ ସେୟାର୍ କରି ଅଲ୍ଲୁ ଲେଖିଛନ୍ତି- 'AA22xA6' ଏବେ 'ରାକା'। ନିଜକୁ ଏକ ନୂଆ ଓ ନିଆରା ଦୁନିଆ ପାଇଁ ପ୍ରସ୍ତୁତ କରି ନିଅନ୍ତୁ।' ଫିଲ୍ମର ଟାଇଟଲ୍ ଆସିବା ପରେ ଦର୍ଶକେ ଏହାର ଭାବାର୍ଥ ଜାଣିବାକୁ ଇଚ୍ଛା କରିଛନ୍ତି। ତେଲୁଗୁ ଭାଷାରେ ରାକାର ଅର୍ଥ ଆଗମନ ବା ଆସିବା। ଏହା 'ରାବଡମ୍' କ୍ରିୟାରୁ ନିଆଯାଇଛି। ଏହାର ବ୍ୟବହାର କାହାର ଆସିବା ସନ୍ଦର୍ଭରେ କରାଯାଏ। ପୋଷ୍ଟର୍‌ରେ ଅଲ୍ଲୁଙ୍କୁ ପୂରାପୂରି ଅଲଗା ଅନ୍ଦାଜରେ ଦେଖିବାକୁ ମିଳିଛି। ଏଥିରେ ସେ ବୟସ୍କଙ୍କ ଭଳି ଲାଗିବା ସହ ତାଙ୍କ ଚେହେରାର ଅଧାଅଧି ଅଂଶକୁ ପାପୁଲିରେ ଲୁଚାଇଛନ୍ତି। ତାଙ୍କ ହାତ ବିଲୁଆ ଗୋଡ଼ ଭଳି ଦେଖାଯାଉଛି। ସେ ଆଖିରେ କଜଳ ପିନ୍ଧିଥିବା ମଧ୍ୟ ଦେଖାଯାଇଛି। ବିଶେଷ କରି ଅଲ୍ଲୁଙ୍କ ଲୁକ୍ ତାଙ୍କ ଚରିତ୍ରକୁ ଆହୁରି ରହସ୍ୟମୟ କରୁଛି। 'ପୁଷ୍ପା' ଫିଲ୍ମ ପରେ ତାଙ୍କର ଏହି ଫିଲ୍ମ ଚହଳ ସୃଷ୍ଟି କରୁଛି। ହେଲେ ଫିଲ୍ମ ରିଲିଜ ଡେଟ୍ ଏପର୍ଯ୍ୟନ୍ତ ଜଣାପଡିନାହିଁ। ୨୦୨୭ ମସିହାରେ ଏହି ଫିଲ୍ମ ସିନେମା ହଲରେ ଆସିପାରେ ବୋଲି ଅନୁମାନ କରାଯାଉଛି। ଏହି ଫିଲ୍ମ ଦର୍ଶକଙ୍କୁ ଏକ ନୂଆ ଅନୁଭବ ଦେବ ବୋଲି ଅନୁମାନ କରାଯାଉଛି। ଏହା ଏକ ସାଇନ୍ସ ଫିକ୍ସନ୍ ଫିଲ୍ମ ହେବ। ହିନ୍ଦୀ, ଇଂରାଜୀ ସମେତ ୯ଟି ଭାଷାରେ ଏହା ରିଲିଜ୍ ହେବ। 'ରାକା'ର ବଜେଟ୍ ରହିଛି ୮୦୦ କୋଟି। ଏଥିରୁ ୨୦୦ କୋଟି ପ୍ରଡକ୍ସନ୍ ଓ ୨୫୦ କୋଟି ଭିଏଫ୍ଏକ୍ସ ପାଇଁ ଖର୍ଚ୍ଚ କରାଯିବ। ଏଥିରେ ଅଲ୍ଲୁ ୪ଟି ଭିନ୍ନ ଚରିତ୍ରରେ ନଜର ଆସିବେ। ଏହି ଫିଲ୍ମ ପାଇଁ ଅଲ୍ଲୁ ୧୭୫ କୋଟି ନେଇଥିବା ଚର୍ଚ୍ଚା ହେଉଛି। ଏହାସହ ସେ ଫିଲ୍ମର ଲାଭାଂଶରୁ ମଧ୍ୟ ୧୫% ନେବେ। ସେହିଭଳି ଏଟ୍‌ଲି ଏହି ଫିଲ୍ମ ପାଇଁ ୧୦୦ କୋଟି ନେଇଛନ୍ତି।



## ବଳକା ଛେନାରୁ ଛେନାପୋଡ଼

ଛେନାପୋଡ଼। ଛେନାରେ ପ୍ରସ୍ତୁତ ହେଉଥିବା ଏକ ନିଆରା ମିଠା। ଏହା ଦେଖିବାକୁ ଯେତିକି ସୁନ୍ଦର ଦିଶେ ଖାଇବାକୁ ସେତିକି ସ୍ୱାଦିଷ୍ଟ। ରସଗୋଲା ଭଳି ଛେନାପୋଡ଼ ଓଡ଼ିଶାରେ ପ୍ରସ୍ତୁତ ହେଉଥିବା ଏକ ସ୍ୱତନ୍ତ୍ର ମିଠା। ଏହି ପରିପ୍ରେକ୍ଷୀରେ ଛେନାପୋଡ଼ର ସ୍ରଷ୍ଟା କୁହାଯାଉଥିବା ନୟାଗଡର ସୁଦର୍ଶନ ସାହୁଙ୍କ ଜନ୍ମ ଦିନ ଏପ୍ରିଲ ୧୧ ତାରିଖକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି। ଛେନାପୋଡ଼ର ଆକ୍ଷରିକ ଅର୍ଥ ହେଉଛି ପୋଡ଼ା ଯାଇଥିବା ଛେନା ବା ପୋଡ଼ିକରି ତିଆରି କରାଯାଇଥିବା ଛେନାରେ ତିଆରି ମିଠା। କ୍ଷୀରରୁ ଛେନା ପ୍ରସ୍ତୁତି ପରେ ଏଥିରେ ଅନ୍ୟାନ୍ୟ ଦ୍ରବ୍ୟ(ଚିନି, ସୁଜି, କାଜୁ ଓ କିସ୍‌ମିସ୍) ମିଶାଇ ପ୍ରସ୍ତୁତ ହୋଇଥାଏ ସୁଆଦିଆ ଛେନାପୋଡ଼। ଭାଗ ମାପରେ ବ୍ୟତିକ୍ରମ ହେଲେ ଏହାର ସ୍ୱାଦ ବଦଳିଯାଏ। ନୟାଗଡ଼ ଜିଲ୍ଲାରୁ ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ ଛେନାପୋଡ଼ ରାଜ୍ୟ ଏବଂ ଅନ୍ୟ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଇଥାଏ। ଛେନାପୋଡ଼ ପଛରେ ରହିଛି ଏକ ରୋଚକ କାହାଣୀ। ନୟାଗଡ଼ ଜିଲ୍ଲା ଦଶପଲ୍ଲା ସାତପାଟଣା ଗ୍ରାମରେ ୧୯୩୧ ଏପ୍ରିଲ୍ ୧୧ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଛେନାପୋଡ଼ର ଜନ୍ମଦାତା ସୁଦର୍ଶନ ସାହୁ। ସୁଦର୍ଶନ ଏକ ଜଳଖିଆ ଦୋକାନ କରି ପରିବାର ଚଳାଉଥିଲେ। ଏକଦା ତାଙ୍କ ଦୋକାନରେ କିଛି ଛେନା ବଳକା ରହିଯାଇଥିଲା। ତାହା ସକାଳକୁ ଖରାପ ହୋଇଯିବ ଭାବି ସେଥିରେ ସେ କିଛି ଚିନି ଓ ଚାଉଳ ଚୁନା ମିଶାଇ ରଡ଼ନିଆଁରେ ପୋଡ଼ିଦେଇଥିଲେ। ଏହାପରେ ତାହା ଏକ ପିଠା ଆକାରର ହୋଇଥିଲା। ପ୍ରଥମେ ତାହା ଛେନାପୋଡ଼ ପିଠା ହୋଇଥିଲା। ପରେ ଏହା ପିଠାରୁ ମିଠା ପାଲଟିଥିଲା। ଖୁବ୍ କମ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ମିଠା ନାଁ କରିଥିଲା। ସେଥିପାଇଁ ସୁଦର୍ଶନଙ୍କୁ ଛେନାପୋଡ଼ର ସ୍ରଷ୍ଟା ବୋଲି କୁହାଯାଉଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପିଂ ହ୍ୟାଣ୍ଡ ପକ୍ଷରୁ ଏପ୍ରିଲ ୧୧ କୁ ବିଶ୍ୱ ଛେନାପୋଡ଼ ଦିବସ ଭାବେ ପାଳନ ପାଇଁ ୨୦୨୨ ମସିହାରୁ ଉଦ୍ୟମ ଆରମ୍ଭ ହୋଇଥିଲା।



## ଜାତୀୟ ନିରାପଦ ମାତୃତ୍ୱ ଦିବସ



ପ୍ରତିବର୍ଷ ଏପ୍ରିଲ ୧୧ ତାରିଖକୁ ଭାରତରେ 'ଜାତୀୟ ନିରାପଦ ମାତୃତ୍ୱ ଦିବସ' ଭାବେ ପାଳନ କରାଯାଏ। ଗର୍ଭାବସ୍ଥା, ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ସମୟରେ ମାଆମାନଙ୍କୁ ଉଚିତ୍ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ମାତୃ ମୃତ୍ୟୁହାର ହ୍ରାସ କରିବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଭାରତ ସରକାର ଏପ୍ରିଲ୍ ୧୧ ତାରିଖକୁ (କସ୍ତୁରବା ଗାନ୍ଧୀଙ୍କ ଜନ୍ମଦିନ) ୧୮୦୦ ସଂଗଠନର ମିଳିତମଞ୍ଚ 'ହ୍ୱାଇଟ୍ ରିବନ୍ ଆଲାଏନ୍ସ ଇଣ୍ଡିଆ'ର ଅନୁରୋଧ କ୍ରମେ 'ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ' ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଦିବସ ପାଳନ କରିବାରେ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର। ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଗର୍ଭବତୀ ମହିଳାଙ୍କୁ କିପରି ସ୍ୱାସ୍ଥ୍ୟ ସେବା ସହ ଉପଯୁକ୍ତ ପୋଷଣ ମିଳିପାରିବ, ସେଦିଗରେ ସଚେତନତା ସୃଷ୍ଟି କରାଯାଏ। ଆମ ଦେଶରେ କିଛିବର୍ଷ ପୂର୍ବରୁ ମାତୃ ମୃତ୍ୟୁହାର ପ୍ରତିଶତ ବହୁତ ଅଧିକ ଥିଲା। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ହେବା ପରେ ବିଗତ ଏକ ଦଶକ ହେଲାଣି ଭାରତରେ ମାତୃ ମୃତ୍ୟୁହାର (ଏମ୍ଏମ୍ଆର୍) ଅପେକ୍ଷାକୃତ କମିଛି। ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରସବ ସମୟରେ ଡାକ୍ତରୀ ସହାୟତା ଏବଂ ପ୍ରସବ ପରେ ଯତ୍ନ ନେବାକୁ ସୁନିଶ୍ଚିତ କରିବା ଏହି ଦିବସ ପ୍ରୋତ୍ସାହିତ କରେ। ନିରାପଦ ମାତୃତ୍ୱ କହିଲେ ଉଭୟ ମା' ଓ ଶିଶୁର ସୁରକ୍ଷାକୁ ବୁଝାଏ। ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ। ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟିକାଗ୍ରହଣ, ପ୍ରସବ ସମୟରେ ଡାକ୍ତର କିମ୍ବା ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ। ଏହି ପ୍ରୟାସ ଦ୍ୱାରା ଉଭୟ ମା' ଓ ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ। ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ ପ୍ରସୂତି ସୁବିଧା ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସ ପାଳନ ଅବସରରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

## ପ୍ରହେଳିକା

- ବୈଶାଖ ମାସରେ ଆସେ ଏ ଯାତ
  ନୂଆବର୍ଷ ବୋଲି ରାଇଜେ ଖ୍ୟାତ
  ଝାମୁ ଯାତ ହୁଏ ଏହି ଦିନରେ
  ପାଟୁଆ ଚାଲଇ ରଡ଼ ନିଆଁରେ
  ମହାନ ପରବଟିଏ
  ଦେବାଦେବୀ ପାଶେ ପଣା ଲାଗିହୁଏ
  କୁହ ତା'ର ନାମ କିଏ।

  ଉତ୍ତର- ପଣା ସଂକ୍ରାନ୍ତି





- ଜଳ ସଂକରାନ୍ତି ଯେବେ ଆସଇ
  ବୃନ୍ଦାବତୀ ଶିରେ ଘଡ଼ି ଝୁଲଇ
  ବୁନ୍ଦା ବୁନ୍ଦା ପାଣି ଘଡ଼ିରୁ ଝରେ
  ପବିତ୍ର ଚଉଁରା ତୁଳସୀ ମୂଳେ
  ଆମ ପରମ୍ପରା ସିଏ
  ତୁଳସୀକୁ ଦିଏ ଖରାରୁ ସୁରକ୍ଷା
  କୁହ ତା'ର ନାମ କିଏ।

  ଉତ୍ତର-ବସନ୍ତରା ଘଡ଼ି

- ପଣା ସଂକରାନ୍ତି ଯେବେ ଆସଇ
  ଦେବାଦେବୀ ପାଶେ ଭୋଗ ଲାଗଇ
  ଯଅ, ଗହମ ଓ ବୁଟକୁ ଚୂରି
  ରଖନ୍ତି ସରବେ ଡବାରେ ଭରି
  ତା' ସହିତ ମିଶେ ନଡ଼ିଆ ଛେନା
  ଗୁଡ,କଦଳୀରେ ବନଇ ପଣା
  ଭାରି ପୁଷ୍ଟିକର ସିଏ
  ସୁଆଦ ତାହାର ମନ ଭୁଲେ ନାହିଁ
  କୁହ ତା'ର ନାମ କିଏ।

  ଉତ୍ତର-ଛତୁଆ



ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର

## ବିଷୁବ ବେଳାର ଗୀତ



ସୁହଂସ ଭୋଇ

ଲେଉଟି ଗଲା ବସନ୍ତ କାଳ
ବହେ ଉଷୁମ ବାତ
ଧରାକୁ ଦେଖ ଧାଇଁ ଆସୁଛି
ବିଷୁବ ଗାଇ ଗୀତ
ପଞ୍ଜିକା ଦେଖି କହୁଛି ମାଆ
ଆଜି ମଙ୍ଗଳ ବେଳ
ନାମ ବିଷୁବ ସଂକ୍ରାନ୍ତି ତିଥି
ଓଡ଼ିଆ ବର୍ଷ ମୂଳ
ସୂର୍ଯ୍ୟ ଦେବତା ମେଷ ଚକ୍ରରେ
ଯାଇ କରିବେ ବାସ
ଜାଣି ରଖିଥା ହୋଇବ ତହୁଁ
ଚଇତ୍ର ମାସ ଶେଷ
ଦିନକୁ ଦିନ ବଢ଼ିଲେ ଖରା
ଲାଗିବ ଭାରି ଶୋଷ
ବାଟ ଚାଲିକି ହାଲିଆ ହେଲେ
ମନ କହିବ ବସ
ମାଆଟି ମୋର ପଣା କରିଛି
ମିଶେଇ ଦହି, କ୍ଷୀର
ବେଲ, ଶ୍ରୀଫଳ, ସୁଫଳା ଦେଇ
ରସାଳ ଖଣ୍ଡସାର
ପାଟିକୁ ମିଠା ପେଟକୁ ଥଣ୍ଡା
ପିଇବା ମିଶି ଆସ
ଆମେ ଓଡ଼ିଆ ପାଳନ କରୁ
ପରବ ବାର ମାସ। ■

ପହଣ୍ଡି, ବିଜେପୁର, ବରଗଡ଼

## ଓଡ଼ିଆ ନୂଆ ବରଷ



ପ୍ରଶାନ୍ତ କୁମାର ସାହୁ

ଆସିଛି ଓଡ଼ିଆ ନୂଆ ବରଷ
ପାଳିବା ଆମେରେ ହୋଇ ହରଷ।
ପଣା ସଂକରାନ୍ତି ନାମରେ ଖ୍ୟାତ
ଜନମି ଥିଲେ ସେ ପବନ ସୁତ।
ପାଳିବା ପରବ ପଣାକୁ ପିଇ
ପଣା ପରି ଚିଜ ଜଗତେ ନାହିଁ।
ପଣା ପାଇଁ ଲୋଡ଼ା ବେଲ ନଡ଼ିଆ
କଦଳୀ ସାଥିରେ ଭାରି ବଢ଼ିଆ।
ଗୋଲ ମରିଚର ଗୁଣ୍ଡ ପକେଇ
ମିଠା ବୁନ୍ଦି ଦହି ଦେବା ମିଶେଇ।
ବେଲପଣା ପରା ହିତ ଦେହକୁ
ନ ଥିବ ନିଦାଘ ଭୟ ମନକୁ।
ବାଣ୍ଟି ଦେବା ପଣା ସାଇଭାଇଙ୍କୁ
ମନେ ରଖି ସଦା ଭାଇଚାରାକୁ।
ଗରବେ କହିବା ଆମେ ଓଡ଼ିଆ
ଆମ ପରମ୍ପରା କେଡ଼େ ବଢ଼ିଆ। ■

ଇନ୍ଦିପୁର, ଚନ୍ଦନମଣ୍ଡପ ସାହି, ଢେଙ୍କାନାଳ

## ସୁମନ

## ଯୁଦ୍ଧ ଭଲ ନୁହେଁ



ଟିମ୍ପି ମନ ଦୁଃଖରେ ଅଛି ତା'ର ପୁଅ ସୁଲୁ ଓ ଝିଅ ନିଲୁଙ୍କ ପାଇଁ। ବିଦେଶ ଯିବାକୁ ଜିଦ୍ କଲେ ସୁଲୁ ଓ ନିଲୁ। ବାଲିରେ ମୁହଁ ପୋତି ଲୁହ ବୋହାଉଛି। ତାକୁ ସମସ୍ତେ ସେଦିନ କହିଲେ, ବିଦେଶରେ ଭଲ ଖାଇବାକୁ ମିଳିବ- ଭଲ ଘର ମିଳିବ। ରାସ୍ତା ବି ଚକାଚକ। ସାନବାବୁ ତା' ପାଖରେ ବସି ଏମିତି ଅନେକ କହୁଥିଲେ। ସାନ ବାବୁ ତାଙ୍କର ବାପା ବଡ଼ବାବୁ ଓ ମାଆ ସାଆନ୍ତାଣୀଙ୍କ ସହ ୟୁଏଇରେ ରହନ୍ତି। ସାନବାବୁ ଆସିଲେ କେତେ ପ୍ରକାର ଖାଇବା ମିଳେ। ସାନ ବାବୁ ସୁଲୁ ଓ ନିଲୁଙ୍କୁ ଅଧିକ ଭଲ ପାଆନ୍ତି। ଦେହ ଆଉଁସି ଦିଅନ୍ତି। ମ୍ୟାଉଁ ମ୍ୟାଉଁ କରି ଖେଳନ୍ତି। ଟିମ୍ପିକୁ ସାନବାବୁ କହିଲେ, "ଲୋ ପୁଷି ମାଆ, ତୋ ପୁଅଝିଅଙ୍କୁ ମୁଁ ମୋ ସହ ନେଇଯିବି ୟୁଏଇ। ତାଙ୍କର କିଛି ଅସୁବିଧା ହେବ ନାହିଁ।" "ନା ନା, ମୋତେ ଭୟ ଲାଗୁଛି ସାନବାବୁ। ସେ ଦେଶର ଲୋକଙ୍କ ଭାଷା ଅଲଗା। ଖାଦ୍ୟପେୟ ଅଲଗା। ମୋ ଛୁଆ ଚଳି ପାରିବେ ନାହିଁ।" "ଆରେ ପୁଷି ମାଆ, ମୁଁ ଅଛି ପରା। ମୋର ମଧ୍ୟ ସେଠି କେହି ସାଙ୍ଗ ନାହାନ୍ତି। ସୁଲୁ ଓ ନିଲୁ ଗଲେ ମୋତେ ସାଙ୍ଗ ମିଳିଯିବେ। ମୋ ପାଇଁ ତୁ ଏତିକି କଷ୍ଟ ସହି ରହିପାରିବୁ ନାହିଁ ପୁଷି ମାଆ?" ଏକଥା ଶୁଣି ବାଧ୍ୟରେ ସୁଲୁ ଓ ନିଲୁକୁ ଦୂର ଦେଶକୁ ପଠେଇ ଦେଲା ଟିମ୍ପି। ଏବେ ସେ ଦେଶରେ ଯୁଦ୍ଧ ହେଉଛି। ଗୁଳିଗୁଳା ବୋମା ପଡୁଛି। ଆଜି ସାରା ଗାଁରେ ଦୁଃଖ ତା'ର ପସରା ମେଲେଇ ଦେଇଛି। ଶତ୍ରୁ ପକ୍ଷର ବୋମା ମାଡ଼ରେ ବାବୁଙ୍କ ପରିବାରର ସମସ୍ତେ ପ୍ରାଣ ହରେଇଛନ୍ତି। ଘର ଧୂଳିରେ ଧୂଳି ହୋଇଯାଇଛି। ତେବେ ଟିମ୍ପି କାନରେ ତା' ପୁଅ ସୁଲୁ ଓ ଝିଅ ନିଲୁର ସ୍ୱର ଭାସି ଆସୁଛି। ସେମାନେ କହୁଛନ୍ତି, "ମାଆ, ଆମେ ବଞ୍ଚିଛୁ, ତେବେ ଘର ନାହିଁ କି ବଡ଼ବାବୁ, ସାନବାବୁ, ମାଆ କେହି ନାହାନ୍ତି। ମାଟି ବାଲିରେ ପୋତି ହୋଇ ଯାଇଛନ୍ତି। ଆମେ ବାହାରି ପଳେଇ ଆସିଥିଲୁ। ଏବେ କ'ଣ କରିବୁ ମାଆ? ଆମକୁ କିଏ ରଖିବ- କେଉଁଠି ଆମେ ରହିବୁ- କ'ଣ ଖାଇବୁ? ଭାବିଛୁ- ଏଇ ଦରିଆ ପାଣିରେ ପହଁରି ପହଁରି ତୋ ପାଖକୁ ଚାଲିଯିବୁ।" ହଠାତ୍ ପବନରେ ଧଡ଼ କରି କବାଟ ପିଟିହେବାର ଶବ୍ଦରେ ନିଦ ଭାଙ୍ଗିଗଲା ଟିମ୍ପିର। ଦୌଡ଼ି ଦୌଡ଼ି ସେ ଗାଁ ସାରା କହିଲା- ଯୁଦ୍ଧ ଭଲ ନୁହେଁ- ଭଲ ନୁହେଁ। ମୋ ପିଲାଙ୍କୁ ମୋତେ ଆଣି ଦିଅ। ପୁଷି ବିଲେଇର ମ୍ୟାଉଁ ମ୍ୟାଉଁ ଆକୁଳ କ୍ରନ୍ଦନ କାହା ଉପରେ କିଛି ପ୍ରଭାବ ପକାଉ ନ ଥାଏ। ଶେଷରେ ସେ ବାଲିରେ ମୁହଁ ପୋତି ଶୋଇରହିଲା ଓ କହୁଥାଏ- "ମୋ ପିଲାଙ୍କୁ ଫେରାଇ ଆଣ- ଯୁଦ୍ଧ ଭଲ ନୁହେଁ।" ■



ଡ. କାଳିକିଙ୍କର

ବିଶ୍ୱଶ୍ରୀ ପ୍ରେସ୍, ଫକୀରମୋହନ କଲେଜ ରୋଡ଼, ବାଲେଶ୍ୱର

## ତୁଳି













ଶୁଭମ୍ ମିଶ୍ର
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା



ଶାନ୍ତନୁ ଶାନ୍ତିସ୍ୱରୂପ
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର



ରିଷିକା କାନୁନ୍‌ଗୋ
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



ସିଦ୍ଧ ମନୀଷ ସାହୁ
ଷଷ୍ଠ ଶ୍ରେଣୀ
ଗାଇଡାନ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟ
ଡୁମୁଡୁମା, ଭୁବନେଶ୍ୱର



ମାଏରା ମହାନ୍ତି
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ୟୁନିଟ୍ ୮, ଭୁବନେଶ୍ୱର



# କ୍ରୀଡ଼ା



ସକାଳ THE SAKALA
www.sakalaepaper.com

### ଆଇପିଏଲ୍-୧୯ : ବର୍ଷାପରାରେ ରାଜସ୍ଥାନ-ବେଙ୍ଗାଲୁରୁ ଲଢ଼େଇ

# ପ୍ରଥମ ବଲ୍‌ରେ ଆଉଟ୍ ହେଲେ ସଲ୍ଟ

ଗୌହାଟୀ, ୧୦।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ର ୧୬ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ସାମ୍ନାସାମ୍ନି ହୋଇଛନ୍ତି। ଗୌହାଟୀର ବର୍ଷାପରା ଷ୍ଟାଡିୟମରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବର୍ଷାର ରାଜୁତି ଦେଖିବାକୁ ମିଳିଥିଲା। ଅପରାହ୍ଣରୁ ବର୍ଷା ଓ କୋହଲା ପାଗ ଲାଗି ରହିବାରୁ ଏକ ଘଣ୍ଟା ବିଳମ୍ବରେ ଏହି ମ୍ୟାଚ୍ ଆରମ୍ଭ ହୋଇଥିଲା। ଏଥିରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଆର୍‌ସିବି ଶେଷ ଖବର ସୁଦ୍ଧା ୭ ଓଭରରେ ୪ ୱିକେଟ୍ ହରାଇ ୬୫ ରନ ସଂଗ୍ରହ କରିଛି। ଆର୍‌ସିବିର ଆରମ୍ଭ କିନ୍ତୁ ନୈରାଶ୍ୟଜନକ ରହିଥିଲା। ଇନିଂସର ପ୍ରଥମ ବଲ୍‌ରେ ଦଳର ବିସ୍ଫୋରକ ଓପନର୍ ଫିଲ୍ ସଲ୍ଟ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ରାଜସ୍ଥାନର ଇଂଲିଶ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ପ୍ରଥମ ବଲ୍‌କୁ ଖେଳିବାକୁ ଯାଇ ସଲ୍ଟ ୱିକେଟ୍‌କିପର ଧ୍ରୁବ ଜୁରେଲଙ୍କ ହାତରେ ଧରାପଡ଼ିଥିଲେ। ଫଳରେ ନିଜର ୩୮ତମ ଆଇପିଏଲ୍ ମ୍ୟାଚରେ ସଲ୍ଟ ୩ୟଥର ଲାଗି ପାଳିର ପ୍ରଥମ ବଲରେ ଆଉଟ୍ ହେବାର ଅଲୋଡ଼ା ରେକର୍ଡ କରିଛନ୍ତି। ଅନ୍ୟ ଓପନର୍‌ଙ୍କ ମଧ୍ୟରେ ଡ୍ୱେନ ସ୍ମିଥ, ପୃଥ୍ୱୀ ଶ, ଲୋକେଶ ରାହୁଲ ମଧ୍ୟ ଆଇପିଏଲ୍‌ରେ ୩ଥର ଲେଖାଏ ଇନିଂସର ପ୍ରଥମ ବଲରେ ଆଉଟ୍ ହୋଇଛନ୍ତି। ତେବେ ପାର୍ଥୀବ ପଟେଲ ସର୍ବାଧିକ ୪ଥର ଆଉଟ୍ ହୋଇଛନ୍ତି।



ବିଶେଷ ମୁହୂର୍ତ୍ତରେ କୋହଲି ଓ ଜାଡ଼େଜା

## ହାଜଲେଉଡ୍ ଫେରିଲେ

ଅଭିଜ୍ଞ ଅଷ୍ଟ୍ରେଲୀୟ ବୋଲର ଜୋଶ୍ ହାଜଲେଉଡ୍ ଚଳିତ ଆଇପିଏଲ୍‌ରେ ତାଙ୍କ ପ୍ରଥମ ମ୍ୟାଚ୍ ଖେଳିଛନ୍ତି। ଆହତଜନିତ ସମସ୍ୟା ଲାଗି ହାଜଲେଉଡ୍ ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ପ୍ରଥମ ଦୁଇଟି ମ୍ୟାଚ୍ ଖେଳିପାରି ନ ଥିଲେ। କିନ୍ତୁ ଶୁକ୍ରବାର ଗୌହାଟୀର ବର୍ଷାପରା ଷ୍ଟାଡିୟମରେ ଘରୋଇ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍ ଖେଳି ସେ ଆଇପିଏଲ୍-୧୯ରେ ଅଭିଯାନ ଆରମ୍ଭ କରିଛନ୍ତି। ଏହି ମ୍ୟାଚରେ ରାଜସ୍ଥାନ ଅଧିନାୟକ ଟସ୍ ଜିତି ବେଙ୍ଗାଲୁରୁକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଆର୍‌ସିବି ଏହାର ଚୂଡ଼ାନ୍ତ ଏକାଦଶରେ ଗୋଟିଏ ପରିବର୍ତ୍ତନ କରି ପଡ଼ିଆକୁ ଓହ୍ଲାଇଥିଲା। ନ୍ୟୁଜିଲାଣ୍ଡର ଦ୍ରୁତ ବୋଲର ଜାକବ ଡଫିଙ୍କ ସ୍ଥାନରେ ହାଜଲେଉଡ୍‌ଙ୍କୁ ସାମିଲ କରାଯାଇଛି। ୩୫ ବର୍ଷୀୟ ହାଜଲେଉଡ୍ ଆଇପିଏଲ୍‌ରେ ୪୦ଟି ମ୍ୟାଚ୍ ଖେଳି ୨୦.୯୮ ହାରରେ ୫୭ଟି ୱିକେଟ୍ ନେଇଛନ୍ତି। ମାଂସପେଶୀଜନିତ ସମସ୍ୟା ଲାଗି ସେ ଆସେସ୍ ସିରିଜ ଓ ଟି-୨୦ ବିଶ୍ୱକପ୍ ଖେଳିପାରି ନ ଥିଲେ।



## ଆଜିର ଆଇପିଏଲ୍ ମ୍ୟାଚ୍

| ପଞ୍ଜାବ ବନାମ ହାଇଦରାବାଦ | ଚେନ୍ନଇ ବନାମ ଦିଲ୍ଲୀ |
|---|---|
| ଭେନ୍ୟୁ-ମୁଲାନପୁର | ଭେନ୍ୟୁ-ଚେନ୍ନଇ |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଆଇପିଏଲ୍ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ରାଜସ୍ଥାନ* | ୩ | ୩ | ୦ | ୦ | ୬ | +୨.୪୦୩ |
| ପଞ୍ଜାବ | ୩ | ୨ | ୦ | ୧ | ୫ | +୦.୬୩୭ |
| ବେଙ୍ଗାଲୁରୁ* | ୨ | ୨ | ୦ | ୦ | ୪ | +୨.୫୦୧ |
| ଦିଲ୍ଲୀ | ୩ | ୨ | ୧ | ୦ | ୪ | +୦.୮୧୧ |
| ଲକ୍ଷ୍ନୌ | ୩ | ୨ | ୧ | ୦ | ୪ | -୦.୩୫୯ |
| ହାଇଦରାବାଦ | ୩ | ୧ | ୨ | ୦ | ୨ | +୦.୨୭୫ |
| ଗୁଜରାଟ | ୩ | ୧ | ୨ | ୦ | ୨ | -୦.୨୭୦ |
| ମୁମ୍ବଇ | ୩ | ୧ | ୨ | ୦ | ୨ | -୦.୭୧୫ |
| କୋଲକାତା | ୪ | ୦ | ୩ | ୧ | ୧ | -୧.୩୧୫ |
| ଚେନ୍ନଇ | ୩ | ୦ | ୩ | ୦ | ୦ | -୨.୫୧୭ |

## ହାସାରଙ୍ଗାଙ୍କ ସ୍ଥାନରେ ଲିଣ୍ଡେ ଲକ୍ଷ୍ନୌ ଦଳରେ ସାମିଲ



ଲକ୍ଷ୍ନୌ, ୧୦।୪ (ଏଜେନ୍ସି): ଆଇପିଏଲ୍ ମଝିରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ଫ୍ରାଞ୍ଚାଇଜ ଦଳରେ ସାମାନ୍ୟ ପରିବର୍ତ୍ତନ କରିଛି। ଦକ୍ଷିଣ ଆଫ୍ରିକାର ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ଜର୍ଜ ଲିଣ୍ଡେଙ୍କୁ ଏକ କୋଟି ଟଙ୍କା ମୂଲ୍ୟରେ ସୁପର ଜାଏଣ୍ଟ୍‌ସ ଦଳରେ ସାମିଲ କରାଯାଇଛି। ଲିଣ୍ଡେ ଆହତ ଥିବା ସିଂହଳୀ ସ୍ପିନର ୱାନିନ୍ଦୁ ହାସାରଙ୍ଗାଙ୍କ ସ୍ଥାନରେ ଖେଳିବେ। ଗତ ଆଇପିଏଲ୍ ଖେଳାଳି ନିଲାମୀରେ ସୁପର୍ ଜାଏଣ୍ଟ୍‌ସ ଫ୍ରାଞ୍ଚାଇଜ ୨ କୋଟି ଟଙ୍କାରେ ହାସାରଙ୍ଗାଙ୍କୁ କ୍ରୟ କରିଥିଲା। କିନ୍ତୁ ହାସାରଙ୍ଗ ଟି-୨୦ ବିଶ୍ୱକପ୍ ସମୟରେ ଆଘାତ ପାଇ ବାଦ୍ ପଡ଼ିଥିଲେ। ଏହାପରେ ଆଇପିଏଲ୍ ଖେଳିବା ଲାଗି ସେ ଶ୍ରୀଲଙ୍କା ବୋର୍ଡ ପକ୍ଷରୁ କରାଯାଉଥିବା ଫିଟନେସ ପରୀକ୍ଷାରେ ସାମିଲ ହୋଇ ନ ଥିଲେ। ୩୪ ବର୍ଷୀୟ ଲିଣ୍ଡେ ଦକ୍ଷିଣ ଆଫ୍ରିକା ପାଇଁ ୩ଟି ଟେଷ୍ଟ, ୪ଟି ଦିନିକିଆ ଓ ୩୭ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏହି ୩ଟି ଯାକ ଫର୍ମାଟରେ ସେ ଯଥାକ୍ରମେ ୯, ୪ ଓ ୩୫ଟି ୱିକେଟ୍ ନେଇଛନ୍ତି। ଲିଣ୍ଡେଙ୍କ ଏହା ଆଇପିଏଲ୍ ପଦାର୍ପଣ ହେବ।

■ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍

## ସେମିରେ ପହଞ୍ଚି ପଦକ ପକ୍କା କଲେ ଆୟୁଷ



ନିଙ୍ଗବୋ, ୧୦।୪ (ଏଜେନ୍ସି): ଭାରତର ଯୁବ ତାରକା ଆୟୁଷ ସେଟ୍ଟୀ ଚାଇନାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ରେ ତାଙ୍କ ଦମ୍‌ଦାର ଅଭିଯାନ ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ଆୟୁଷ ୨୩-୨୧, ୨୧-୧୭ ସିଧାସଳଖ ଗେମରେ ବିଶ୍ୱମାନ୍ୟତାର ୪ର୍ଥ ସ୍ଥାନରେ ରହିଥିବା ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କୁ ହରାଇ ଆଉ ଏକ ବିପର୍ଯ୍ୟୟ ଘଟାଇଛନ୍ତି। ସେମିଫାଇନାଲରେ ସ୍ଥାନ ପକ୍କା କରିବା ସହ ୨୦ ବର୍ଷୀୟ ଆୟୁଷ ପଦକ ନିଶ୍ଚିତ କରିଛନ୍ତି। ଆୟୁଷ ଏଥିପୂର୍ବରୁ ରାଉଣ୍ଡ-୧୬ରେ ବିଶ୍ୱର ୭ ନମ୍ବର ଖେଳାଳି ଚାଇନାର ଲି ଶି ଫେଙ୍ଗଙ୍କୁ ହରାଇଥିଲେ। ସେହିଭଳି କ୍ୱାର୍ଟରରେ ଚାଇନିଜ ତାଇପେଇର ଚି ୟୁ ଜେନଙ୍କୁ ମାତ୍ ଦେଇଥିଲେ। ସେମିଫାଇନାଲରେ ଆୟୁଷଙ୍କ ମୁକାବିଲା ବିଶ୍ୱର ଏକ ନମ୍ବର ଖେଳାଳି ଥାଇଲାଣ୍ଡର କୁନଲାଭଟ୍ ଭିତିଦର୍ଶନଙ୍କ ସହ ହେବ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ପିଭି ସିନ୍ଧୁ, ଏଚ୍‌ଏସ୍ ପ୍ରଣୟ, ଉନ୍ନତି ହୁଡା ପ୍ରମୁଖ ହାରି ବିଦାୟ ନେଇସାରିଛନ୍ତି। ଫଳରେ ଭାରତୀୟ ଭାବେ ଆୟୁଷ ଏବେ ଏକମାତ୍ର ଆଶାୟୀ ରହିଛନ୍ତି।

■ ଏସିଆନ ବକ୍ସିଂ ଚାମ୍ପିଅନସିପ୍

## ସୁରେଶଙ୍କୁ ସ୍ୱର୍ଣ୍ଣ; ଭାରତକୁ ୧୬ ପଦକ

ଉଲାନବାତର, ୧୦।୪ (ଏଜେନ୍ସି): ମଙ୍ଗୋଲିଆରେ ଅନୁଷ୍ଠିତ ଏସିଆନ ବକ୍ସିଂ ଚାମ୍ପିଅନସିପ୍‌ରେ ଭାରତର ବୈଷ୍ଣବନାଥ ସୁରେଶ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୁରୁଷ ୫୦ କିଗ୍ରା ବର୍ଗର ଫାଇନାଲରେ ସୁରେଶ ୫-୦ ସ୍କୋରରେ ଜାପାନ ବକ୍ସର ଇୱାଇଙ୍କୁ ପରାସ୍ତ କରିଥିଲେ। ଫଳରେ ଏହି ଟୁର୍ଣ୍ଣାମେଣ୍ଟରେ ଏକମାତ୍ର ପୁରୁଷ ବକ୍ସର ଭାବେ ସୁରେଶ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ମହିଳା ବିଭାଗରେ ମିନାକ୍ଷୀ ହୁଡା (୪୮ କିଗ୍ରା), ପ୍ରୀତି ପାୱାର (୫୪କେଜି), ପ୍ରିୟା ଗଙ୍ଗହାସ (୬୦ କିଗ୍ରା) ଓ ଅରୁନ୍ଧତୀ ଚୌଧୁରୀ (୭୦କିଗ୍ରା) ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତ ଏଥିସହ ଏହି ସମ୍ମାନଜନକ ପ୍ରତିଯୋଗିତାରେ ୫ ସ୍ୱର୍ଣ୍ଣ ସହ ମୋଟ୍ ୧୬ଟି ପଦକ ଜିତି ଟେବଲର ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଛ'ଟି ସ୍ୱର୍ଣ୍ଣ ଜିତି କାଜାଖସ୍ତାନ ଟେବଲର ଶୀର୍ଷ ସ୍ଥାନ ହାସଲ କରିଛି।

# ହ୍ୱାଇଟ୍ ଭାରତୀୟ ଜୁନିଅର ମହିଳା ହକି ଦଳର ନୂଆ କୋଚ୍

ନୂଆଦିଲ୍ଲୀ, ୧୦।୪ (ଏଜେନ୍ସି): ଟିମ୍ ହ୍ୱାଇଟ୍ ଭାରତୀୟ ଜୁନିଅର ମହିଳା ହକି ଦଳର ନୂଆ କୋଚ୍ ନିଯୁକ୍ତ ହୋଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଏହି ଅଷ୍ଟ୍ରେଲୀୟ କୋଚ୍‌ଙ୍କ ନିଯୁକ୍ତି ନେଇ ଅଫିସିଆଲ୍ ଘୋଷଣା କରାଯାଇଛି। ଗତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ହ୍ୱାଇଟ୍ ତାମିଲନାଡୁ ଡ୍ରାଗନ୍ସ ଦଳର ମୁଖ୍ୟକୋଚ୍ ରହିଥିଲେ। ସେହିଭଳି ହାଇପରଫର୍ମାନ୍ସ କୋଚ୍ ଭାବେ ହ୍ୱାଇଟ ବେଲ୍‌ଜିୟମ ଓ ଅଷ୍ଟ୍ରେଲିଆ ଜୁନିଅର ଦଳ ସହ କାର୍ଯ୍ୟ କରିସାରିଛନ୍ତି। ତାଙ୍କ ପ୍ରଶିକ୍ଷଣରେ ବେଲ୍‌ଜିୟମ ଦଳ ୨୦୨୫ ଜୁନିଅର ମହିଳା ହକି ବିଶ୍ୱକପ୍‌ରେ କାଂସ୍ୟ ପଦକ ଜିତିଥିଲା। ସେହିଭଳି ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସେମିଫାଇନାଲରେ ପ୍ରବେଶ କରିଥିବା ବେଲ୍‌ଜିୟମ ସିନିଅର ଦଳର ମଧ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଏହାବାଦ୍ ଅଷ୍ଟ୍ରେଲିଆ ଜୁନିଅର ଦଳକୁ ବିଶ୍ୱକପ କାଂସ୍ୟ ପଦକ ଜିତାଇବାରେ ମଧ୍ୟ ତାଙ୍କର ପ୍ରମୁଖ ଅବଦାନ ରହିଛି। 'କୋଚ୍ ଭାବେ ହ୍ୱାଇଟ୍‌ଙ୍କ ରେକର୍ଡ ବହୁତ ଭଲ ରହିଛି। ତାଙ୍କୁ ଆମେ ଜୁନିଅର ଦଳକୁ ସ୍ୱାଗତ କରୁଛି। ତାଙ୍କର ପ୍ରଚୁର ଅଭିଜ୍ଞତା ଭାରତୀୟ ଜୁନିଅର ଖେଳାଳିଙ୍କ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ' ବୋଲି ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ କହିଛନ୍ତି।



### ଜାତୀୟ ସବ୍‌ଜୁନିଅର ବାଳିକା ହକି

## ସେମିରେ ହାରିଲା ଓଡ଼ିଶା; ଏବେ କାଂସ୍ୟ ପାଇଁ ଲଢ଼ିବ

ଭୁବନେଶ୍ୱର, ୧୦।୪ (ସମିସ): ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକି ଚାମ୍ପିଅନସିପ୍ (ଡିଭିଜନ-ଏ)ର ୧୬ତମ ସଂସ୍କରଣରେ ଓଡ଼ିଶା ଦଳକୁ ନିରାଶ ହେବାକୁ ପଡ଼ିଛି। ଓଡ଼ିଶା ବାଳିକା ଦଳ ସେମିଫାଇନାଲରେ ପରାଜୟର ସମ୍ମୁଖୀନ ହୋଇଛି। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ମଧ୍ୟପ୍ରଦେଶ ୨-୧ ଗୋଲରେ ଓଡ଼ିଶାକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଛି। ଅଧିନାୟିକା ରୁବିନାଙ୍କ ଗୋଲ୍ ବଳରେ ଓଡ଼ିଶା ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧ ତଥା ୪ର୍ଥ କ୍ୱାର୍ଟରରେ ୨ଟି ଗୋଲ୍ ଦେଇ ମଧ୍ୟପ୍ରଦେଶ ମ୍ୟାଚକୁ ହାତେଇନେଇଥିଲା। ଶନିବାର ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ଟାଇଟଲ୍ ଦାବିଦାର ଝାଡ଼ଖଣ୍ଡ ଦ୍ୱିତୀୟ ସେମିଫାଇନାଲରେ ୨-୦ ଗୋଲ୍‌ରେ ଉତ୍ତର ପ୍ରଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଅପରପକ୍ଷରେ ସେମିଫାଇନାଲର ଦୁଇ ପରାଜିତ ଦଳ ଓଡ଼ିଶା ଓ ଉତ୍ତର ପ୍ରଦେଶ ମଧ୍ୟରେ ଶନିବାର କାଂସ୍ୟ ପଦକ ପାଇଁ ଲଢ଼େଇ ହେବ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ବିହାରରେ ଅନୁଷ୍ଠିତ ପୁରୁଷ ବିଭାଗ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ଉତ୍ତର ପ୍ରଦେଶଠାରୁ ୬-୩ ଗୋଲରେ ହାରି ବିଦାୟ ନେଇସାରିଛି।

## ମୋଣ୍ଟେ କାର୍ଲୋ ମାଷ୍ଟର୍ସ ସେମିରେ ଜ୍ୱେରେଭ

ପ୍ୟାରିସ, ୧୦।୪ (ଏଜେନ୍ସି): ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ମୋଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟର ୧୧୬ତମ ସଂସ୍କରଣର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ଜ୍ୱେରେଭ ୭-୫, ୬-୭ (୩/୭), ୬-୩ ସେଟରେ ବ୍ରାଜିଲର ଜୋଆଓ ଫୋନସେକାଙ୍କୁ ପରାସ୍ତ କରିଥିଲେ। ବିଶ୍ୱର ଦ୍ୱିତୀୟ ନମ୍ବର ଖେଳାଳି ଜ୍ୱେରେଭ ସେମିଫାଇନାଲରେ ଇଟାଲୀର ଜାନିକ ସିନରଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟରଫାଇନାଲରେ ଏକ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ସିନର ୬-୩, ୬-୪ ସିଧାସଳଖ ସେଟରେ କାନାଡାର ଫେଲିକ୍ସ ଆଗର-ଆଲିସିମେଙ୍କ ସହ ହେବ। ଯଦି ଜ୍ୱେରେଭ ଏଠାରେ ଚାମ୍ପିଅନ ହୁଅନ୍ତି ତେବେ ୧୨ ମାସ ପରେ ଏହା ତାଙ୍କର ପ୍ରଥମ ଏଟିପି ଟାଇଟଲ୍ ହେବ।

## ସିଏମ୍ ଟ୍ରଫି ଭଲିବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୧୦।୪ (ସମିସ): ମୁଖ୍ୟମନ୍ତ୍ରୀ (ସିଏମ୍) ଟ୍ରଫି ଭଲିବଲ୍ ଚାମ୍ପିଅନସିପ୍ ଶୁକ୍ରବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି। ଏଥିରେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକାବର୍ଗରେ ଆନ୍ତଃ-କ୍ଲବ ଓ ଆନ୍ତଃଜିଲ୍ଲା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ଭଲିବଲ୍ ସଂଘ (ଓଭା), ବିଭିନ୍ନ ଜିଲ୍ଲା ଆଥ୍‌ଲେଟିକ ସଂଘ, ଜିଲ୍ଲା କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଜଗତସିଂହପୁର ଜିଲ୍ଲାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ମଧ୍ୟ ଏହି ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ତୃଣମୂଳସ୍ତରରୁ ଯୁବ ଓ ପ୍ରତିଭାବାନ ଭଲିବଲ୍ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ଆଣିବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି।

## ଆଇପିଏଲ୍ ମଝିରେ ଭୋଟ୍ ଦେଲେ ପରାଗ

ଗୌହାଟୀ, ୧୦।୪ (ଏଜେନ୍ସି): ଆଇପିଏଲ୍ ମଝିରେ ରାଜସ୍ଥାନ ରୟାଲ୍ସ ଦଳର ଅଧିନାୟକ ରିୟାନ ପରାଗ ଭୋଟ୍ ଦେଇଛନ୍ତି। ଗୁରୁବାର ଆସାମ ବିଧାନସଭା ନିର୍ବାଚନ ଲାଗି ଭୋଟ ଗ୍ରହଣ ହୋଇଥିଲା। ଆଇପିଏଲ୍ ବ୍ୟସ୍ତତା ସତ୍ତ୍ୱେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଟିମ୍‌ରୁ ସାମୟିକ ବିରତି ନେଇ ପରାଗ ଗୌହାଟୀରେ ଭୋଟ୍ ଦେଇଥିଲେ। ପରାଗଙ୍କ ସହ ତାଙ୍କ ବାପା ତଥା ପୂର୍ବତନ ଆସାମ ରଣଜୀ କ୍ରିକେଟର୍ ପରାଗ ଦାସ ଓ ମା ତଥା ପୂର୍ବତନ ସନ୍ତରଣକାରୀ ମିଥୋ ବାରୋହା ମଧ୍ୟ ନ୍ୟୁ ଗୌହାଟୀସ୍ଥିତ ଲାଲ୍ ସିଂ ଏକାଡେମୀ ପୋଲିଂ ଷ୍ଟେସନରେ ଭୋଟ୍ ଦେଇଥିଲେ। ଭୋଟଦାନ ପରେ ପରିବାର ସହ ପରାଗ ଫଟୋ ଉଠାଇ ଏହାକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ରାଜସ୍ଥାନ ରୟାଲ୍ସ ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଗୌହାଟୀରେ ଭେଟିବ। ପରାଗଙ୍କ ନେତୃତ୍ୱରେ ରାଜସ୍ଥାନ ଚଳିତ ଆଇପିଏଲ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ହ୍ୟାଟ୍ରିକ ବିଜୟ ଲାଭ କରିଛି।

## ମାଲେସିଆ ଓପନ୍‌ରେ ପ୍ରତ୍ୟାଶାଙ୍କୁ ରୌପ୍ୟ



ଭୁବନେଶ୍ୱର, ୧୦।୪ (ସମିସ): ଓଡ଼ିଶାର ପ୍ରତିଭାବାନ ସନ୍ତରଣକାରୀ ପ୍ରତ୍ୟାଶା ରାୟ ତାଙ୍କ କ୍ୟାରିୟରରେ ଆଉ ଏକ ଅନ୍ତର୍ଜାତୀୟ ପଦକ ଯୋଡ଼ିଛନ୍ତି। କ୍ୱାଲାଲମ୍ପୁରର ନ୍ୟାସନାଲ ଆକ୍ୱାଟିକ ସେଣ୍ଟରରେ ଚାଲିଥିବା ୬୮ତମ ମାଲେସିଆ ଓପନ୍ ସୁଇମିଂ ଚାମ୍ପିଅନସିପରେ ପ୍ରତ୍ୟାଶା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରତ୍ୟାଶା ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ଦ୍ୱିତୀୟ ସ୍ଥାନରେ ରହି ଏହି ସଫଳତା ପାଇଥିଲେ। ଏହି ଦୂରତାକୁ ସେ ୧ ମିନିଟ୍ ୦୫.୦୫ ସେକେଣ୍ଡରେ ଫିନିଶ କରିଥିଲେ। ଘରୋଇ ସନ୍ତରଣକାରୀ ଚୋଙ୍ଗ ଜିଆନ ଲିନ (୧:୦୪.୦୨ ସେକେଣ୍ଡ) ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାତେଇନେଇଥିଲେ। ପ୍ରତ୍ୟାଶା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଜେଏସଡବ୍ଲ୍ୟୁ ସୁଇମିଂ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି ତାଙ୍କୁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି।

## କିସ୍ ଚେସ୍ ଖେଳାଳିଙ୍କୁ ଭେଟିଲେ 'ଫିଡେ' ସଭାପତି

ଭୁବନେଶ୍ୱର, ୧୦।୪ (ସମିସ): ଅନ୍ତର୍ଜାତୀୟ ଚେସ୍ ମହାସଂଘ ଫିଡେର ସଭାପତି ଅର୍କାଡି ଭୋର୍କୋଭିଚ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ଚେସ୍ ଖେଳାଳିଙ୍କୁ ଭେଟିଛନ୍ତି। ଅଲମାଟୀରେ ଚାଲିଥିବା ଫିଡେ ବିଶ୍ୱ ସ୍କୁଲ ଟିମ୍ ଚେସ୍ ଚାମ୍ପିଅନସିପ୍ (୧୪ ବର୍ଷରୁ କମ୍) ଲାଗି ଭାରତୀୟ ଦଳ ସହ କିସ୍‌ର ୪ଜଣ ଖେଳାଳି ବର୍ତ୍ତମାନ କାଜାଖସ୍ତାନ ଗସ୍ତରେ ରହିଛନ୍ତି। ଏହି ୪ଜଣ ଖେଳାଳି ହେଲେ ମୋହିନୀ ନାଏକ, ମୋନାଲିସା ଭୋଇ, ଶ୍ରେୟା ନାୟକ ଓ ହୁମେଶ୍ୱରୀ ମଲ୍ଲିକ। ଏହି ଅବସରରେ ଶୁକ୍ରବାର ଫିଡେ ସଭାପତି ଅର୍କାଡି ଏହି ୪ଜଣ ଖେଳାଳିଙ୍କ ସହ ଆଲୋଚନା କରିଥିଲେ। ଯେଉଁଥିରେ କାଜାଖସ୍ତାନରେ ସେମାନଙ୍କର ଅଭିଜ୍ଞତା, ସେମାନଙ୍କୁ ପ୍ରଦାନ କରାଯାଉଥିବା ଆତିଥ୍ୟ, କିସ୍‌ରେ ସେମାନଙ୍କର ତାଲିମ ବିଷୟରେ ଅର୍କାଡି ପଚାରି ବୁଝିଥିଲେ। ଏଥିସହ ଆଦିବାସୀ ଯୁବକ ଯୁବତୀଙ୍କୁ ଆଗକୁ ବଢ଼ିବା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ôଫିଡେ ସଭାପତି ବେଶ୍ ପ୍ରଶଂସା କରିଥିଲେ। ସେହିଭଳି ଗତ ଜାନୁଆରୀରେ କିଟ୍ ବିଶ୍ୱବିଦ୍ୟାଳୟରେ ଫିଡେ ଗ୍ଲୋବାଲ ସମ୍ମିଳନୀ ଆୟୋଜନକୁ ମଧ୍ୟ ଅର୍କାଡି ପ୍ରଶଂସା କରିଥିଲେ। ଅପରପକ୍ଷରେ କିସ୍‌ର ଯୁବ ଚେସ୍ ଖେଳାଳିଙ୍କୁ ଭେଟି ସେମାନଙ୍କୁ ଉତ୍ସାହିତ କରିଥିବାରୁ ଅର୍କାଡିଙ୍କୁ ପ୍ରଫେସର ସାମନ୍ତ କୃତଜ୍ଞତା ଜଣାଇଛନ୍ତି।



### କଟକରେ ପ୍ରଥମ ସର୍ବଭାରତୀୟ ଇନଡୋର ରୋଇଂ ଆରମ୍ଭ

## ପ୍ରଥମ ଦିନରେ ଓଡ଼ିଶାକୁ ୮ ସ୍ୱର୍ଣ୍ଣ ସହ ୧୪ ପଦକ

ଭୁବନେଶ୍ୱର, ୧୦।୪ (ସମିସ): ସର୍ବଭାରତୀୟ ଇନଡୋର ରୋଇଂ ଚାମ୍ପିଅନସିପ୍‌ର ପ୍ରଥମ ସଂସ୍କରଣ ଶୁକ୍ରବାର କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା ରୋୟରମାନେ ଦମ୍‌ଦାର ପ୍ରଦର୍ଶନ କରି ମୋଟ୍ ୧୪ଟି ପଦକ ଜିତିଛନ୍ତି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି। ଓପନ୍ ମହିଳା ଇଣ୍ଡିଭିଜୁଆଲରେ ନେହା, ଓପନ୍ ଏଲିଟ୍ ମହିଳା ଇଣ୍ଡିଭିଜୁଆଲରେ ପବିତ୍ରା, ୨୩ ବର୍ଷରୁ କମ୍ ମହିଳା ଏଲିଟରେ ଦୀକ୍ଷା, ୨୩ ବର୍ଷରୁ କମ୍ ମହିଳା ଏଲିଟ୍ ପେୟାରରେ ମଞ୍ଜୁ କୁମାରୀ ଓ ମନୀଷା ଚୌଧୁରୀ ଯୋଡ଼ି, ଏଲିଟ୍ ମିକ୍ସ ପେୟାରରେ ପ୍ରିୟାଂଶୁ ଓ ସଞ୍ଜୁ କୁମାରୀ ଯୋଡ଼ି, ଏଲିଟ୍ ପୁରୁଷ ପେୟାରରେ ଆୟୁଷ ବଳ ଓ ଅଭିରାଜ ଯୋଡ଼ି, ୧୭ ବର୍ଷରୁ କମ୍ ମିକ୍ସ ପେୟାରରେ ତେଜବୀର ଓ ଶିବାନୀ ଯୋଡ଼ି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ମୋଟ୍ ୩୪ଟି ଇଭେଣ୍ଟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ୪ ଦିନ ଧରି ଚାଲିବ। ତେଣୁ ଓଡ଼ିଶା ଆହୁରି ପଦକ ଜିତିବ ବୋଲି ଆଶା କରାଯାଉଛି।

ଭାରତୀୟ ରୋଇଂ ମହାସଂଘ ଓ ଓଡ଼ିଶା ଆସୋସିଏସନ ଫର୍ ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ଏହି ଚାମ୍ପିଅନସିପ୍‌କୁ ପୂର୍ବତନ ଡିଜିପି ପ୍ରକାଶ ମିଶ୍ର ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଅଲିମ୍ପିକ ସଂଘର ସମ୍ପାଦକ ଅଭିଜିତ ପାଲ୍, ସିଏମସି ମେୟର ସୁବାସ ସିଂ, ରାଜ୍ୟ ରୋଇଂ ସଂଘର ସଭାପତି ବିନୋଦ ଦାସ, ସମ୍ପାଦକ ଅମରଜ୍ୟୋତି ସିଂଦେଓ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ସାରା ଦେଶରୁ ୩୫୦ ପୁରୁଷ ଓ ୨୫୦ ମହିଳା ରୋୟର ଅଂଶଗ୍ରହଣ କରିଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୫୮ • ପାଉଣ୍ଡ ୧୨୪.୩୯
- ୟୁରୋ ୧୦୮.୩୬ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୯,୬୫୦ (ଭୁବନେଶ୍ୱର)
- ରୁପା : ୨,୬୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୫୫୦.୦୦
- ନିଫ୍ଟି ୨୪,୦୫୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ବୈଶ୍ୱିକ ତୈଳ ସଙ୍କଟ

# ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ବିପଦ

ନୂଆଦିଲ୍ଲୀ,୧୦।୪(ଏଜେନ୍ସି): ପ୍ରାୟ ୪୦ ଦିନର ସଂଘର୍ଷ ପରେ ଆମେରିକା ଏବଂ ଇରାନ ମଧ୍ୟରେ ଦୁଇ ସପ୍ତାହର ଅସ୍ତ୍ରବିରତି ବିଶ୍ୱ ବଜାର ପାଇଁ ନୂଆ ଆଶା ସୃଷ୍ଟି କରିଛି। ହେଲେ ଏବେ ବି ବିଶ୍ୱ ତେଲ ବଜାର ଅସ୍ଥିର। ଯୁଦ୍ଧ ସମୟରେ ହର୍ମୁଜ୍ ପ୍ରଣାଳୀ ଦେଇ ବିଶ୍ୱର ତୈଳ ଏବଂ ଗ୍ୟାସ ଯୋଗାଣ ପ୍ରାୟତଃ ବନ୍ଦ ହୋଇଯାଇଥିଲା। ଯୁଦ୍ଧବିରତି ପରେ ବି ଯୋଗାଣ ତୁରନ୍ତ ସ୍ୱାଭାବିକ ହୋଇପାରୁନାହିଁ। ଏହି ସଙ୍କଟ ଆଉ କେବଳ ଯୁଦ୍ଧ ଯୋଗୁଁ ନୁହେଁ, ବରଂ ଲଜିଷ୍ଟିକ୍ସ ଏବଂ ଉତ୍ପାଦନ ବ୍ୟବସ୍ଥାର ବିଭ୍ରାଟ ଯୋଗୁଁ ହୋଇଛି। ବର୍ତ୍ତମାନ ତେଲ ବଜାରର ସବୁଠାରୁ ବଡ଼ ସମସ୍ୟା ହେଉଛି ଜାହାଜ ଚଳାଚଳ ନେଟୱାର୍କରେ ବିଭ୍ରାଟ। ଯୁଦ୍ଧ ସମୟରେ, ଟ୍ୟାଙ୍କରଗୁଡ଼ିକ ଫସି ରହିଥିଲେ କିମ୍ବା ବିଶ୍ୱର ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲେ। ବର୍ତ୍ତମାନ ଯେହେତୁ ମାର୍ଗ ଖୋଲା ଅଛି, ଏହି ଜାହାଜଗୁଡ଼ିକୁ ଉପସାଗରୀୟ ଅଞ୍ଚଳକୁ ଫେରିବାକୁ ସପ୍ତାହେ ସମୟ ଲାଗିବ। ଯେ ପର୍ଯ୍ୟନ୍ତ ଏହି ଜାହାଜଗୁଡ଼ିକ ପହଞ୍ଚିବେ ଲକ୍ଷ ଲକ୍ଷ ବ୍ୟାରେଲ ତେଲ ଭଣ୍ଡାରରେ ଫସିରହିବ। ଏହି କାରଣରୁ ବୃଦ୍ଧି ପାଇବା ପରିବର୍ତ୍ତେ ଯୋଗାଣ ବନ୍ଦ କରାଯାଉଛି, ଯାହା ମୂଲ୍ୟ ଉପରେ ଚାପ ପକାଇ ଚାଲିଛି। ଅପରପକ୍ଷେ ବିଶ୍ୱ ବ୍ୟାଙ୍କ ଅର୍ଥନୀତିଜ୍ଞମାନେ ଗୁରୁବାର କହିଛନ୍ତି ଯେ ଦୀର୍ଘକାଳୀନ ଉଚ୍ଚ ତୈଳ ମୂଲ୍ୟ ଭାରତର ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିପାରେ। ଏହାର ପ୍ରଭାବରେ ଦର ବଢ଼ିଲେ ମୁଦ୍ରାସ୍ଫୀତି ବଢ଼ିବ ଆଉ ଭାରତୀୟ ବଜାର ମହଙ୍ଗା ହେବ। ଏହା ସ୍ଥିତି ଏସୀୟ ଦେଶଗୁଡିକର ବିକାଶ ସମ୍ଭାବନାକୁ ମଧ୍ୟ ପ୍ରଭାବିତ କରିପାରେ। ଏହାଛଡା ବୈଶ୍ୱିକ ବିତ୍ତୀୟ ସ୍ଥିତି କଡ଼ା ହେବା ଯୋଗୁ ଋଣ କରିବା ମହଙ୍ଗା ହୋଇପାରେ। ଏଣୁ ବିକାଶ ଲାଗି ଦେଶ ଆଗରେ ବଡ଼ ଆହ୍ୱାନ ସୃଷ୍ଟି ହେବାର ସମ୍ଭାବନା ରହିଛି। ସହିତ ଆରମ୍ଭହୋଇଛି,ହେଲେ ଭାରତ ଶକ୍ତିର ଏକ ନିଟ୍ ଆମଦାନୀକାରୀ। ଏହା ଭାରତର ଦୁର୍ବଳତାର ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ, କିନ୍ତୁ ଏହା ଦକ୍ଷିଣ କୋରିଆ କିମ୍ବା ଥାଇଲ୍ୟାଣ୍ଡ ପରି ଅନ୍ୟ ଦେଶ ତୁଳନାରେ ମଧ୍ୟମ। ସେ କହିଛନ୍ତି ଯେ ଭାରତରେ ଖୁଚୁରା ସ୍ତରରେ ବର୍ଦ୍ଧିତ




**ଦର ବଢ଼ିଲେ ବଜାର ହେବ ମହଙ୍ଗା**

**ଅତ୍ୟଧିକ ସବ୍‌ସିଡି ପାଇଁ ଧିମା ପଡିବ ପୁଞ୍ଜି ବ୍ୟୟ**

**ହ୍ରାସ ପାଇବ ଘରୋଇ ପୁଞ୍ଜି ନିବେଶ**

ଭାରତୀୟ ଅର୍ଥ ବ୍ୟବସ୍ଥା ପାଇଁ ବଡ଼ ବିପଦ ବୋଲି ବିଶ୍ୱ ବ୍ୟାଙ୍କ କହିଛି। ରିପୋର୍ଟରେ କୁହାଯାଇଛି ଯେ ରନ୍ଧନ ଗ୍ୟାସ୍ ଏବଂ ସାର ଉପରେ ଅଧିକ ସବସିଡି ଯୋଗୁଁ ଭାରତ ସରକାରଙ୍କ ସରକାରୀ ଖର୍ଚ୍ଚ ଅଭିବୃଦ୍ଧି ମନ୍ଥର ହେବ। ଏହା ବ୍ୟତୀତ, କଞ୍ଚାମାଲ ମୂଲ୍ୟରେ ବୃଦ୍ଧି ଏବଂ ବିଶ୍ୱ ଅନିଶ୍ଚିତତା ଯୋଗୁଁ ଘରୋଇ ନିବେଶ ମଧ୍ୟ ହ୍ରାସ ପାଇବାର ସମ୍ଭାବନା ରହିଛି। ସମ୍ଭାବିତ ରୂପେ ଏଭଳି

ବିଶ୍ୱ ବ୍ୟାଙ୍କରେ ଭାରତର ପ୍ରମୁଖ ଅର୍ଥନୀତିଜ୍ଞ ଅରେଲିଏନ୍ କ୍ରାଉଜ୍ ଏକ ଜାତୀୟ ପ୍ରୟୋଗାତ୍ମକ ଅର୍ଥନୀତିଜ୍ଞ ପରିଷଦ (ଏନ୍‌ସିଏଇଆର୍) କାର୍ଯ୍ୟକ୍ରମରେ କହିଛନ୍ତି ଯେ ଶକ୍ତି ବଜାରରେ ବାଧା ଏବଂ ଆର୍ଥିକ ଅସ୍ଥିରତା ଯୋଗୁଁ ସୃଷ୍ଟି ହୋଇଥିବା ଅଶାନ୍ତି ଦ୍ୱାରା ଅଭିବୃଦ୍ଧି ପୂର୍ବରୁ ପ୍ରଭାବିତ ହୋଇଛି। ଯଦିଓ ଆର୍ଥିକବର୍ଷର ପ୍ରାରମ୍ଭ ଭାରତ ପାଇଁ ଦୃଢ଼ ପ୍ରଦର୍ଶନ ତୈଳ ମୂଲ୍ୟ ସମ୍ପୂର୍ଣ୍ଣ ଭାବରେ ଗ୍ରାହକଙ୍କ ଉପରକୁ ନ ଛାଡିବା ଦରକାର। ସରକାରଙ୍କ ପାଖରେ ଏହି ଆଘାତକୁ ହ୍ରାସ କରିବା ପାଇଁ ପର୍ଯ୍ୟାପ୍ତ ନୀତିଗତ ବ୍ୟବସ୍ଥା ରହିଛି। ତଥାପି ସେ ଚେତାବନୀ ଦେଇଛନ୍ତି ଯେ ,ଭଳି ପରିସ୍ଥିତିରେ ବିଦେଶୀ ନିବେଶକଙ୍କ ମଧ୍ୟରେ ଭାରତୀୟପୁଞ୍ଜି ବଜାରକୁ ନେଇ ରହିଥିବା ଆଶଙ୍କା ବିଦେଶୀ ପୁଞ୍ଜି ପ୍ରବାହକୁ ଆହୁରି ଦୁର୍ବଳ କରିପାରେ।

## ଅନନ୍ତ ଅମ୍ବାନୀଙ୍କ ୩୧ ତମ ଜନ୍ମଦିନ



ମୁମ୍ବଇ, ୧୦।୪(ଏଜେନ୍ସି): ଶିଳ୍ପପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସାନ ପୁଅ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀଙ୍କର ୩୧ ତମ ଜନ୍ମଦିନ ପାଳିତ ହୋଇଯାଇଛି। ଏଥିପାଇଁ ଗୁଜୁରାଟର ଜାମନଗରରେ ଏକ ବିରାଟ ଉତ୍ସବ ଅନୁଷ୍ଠିତ ହୋଇଛି, ଯେଉଁଥିରେ ବଲିଉଡ ଏବଂ ଶିଳ୍ପର ଅନେକ ସେଲିବ୍ରିଟି ଯୋଗଦେଇଛନ୍ତି। ଅନନ୍ତ ଗୁରୁବାର ଜାମନଗରରେ ଗୋ ସେବା କରିଥିଲେ। ସେଥିରେ ୧ ଲକ୍ଷରୁ ଅଧିକ ଗାଇଙ୍କୁ ୫୬ଭୋଗ ପ୍ରଦାନ କରିଥିଲେ। ଜାମନଗର ଆଖପାଖ ଗ୍ରାମଗୁଡ଼ିକରେ ଏକ ଭୋଜିର ଆୟୋଜନ କରାଯାଇଥିଲା। ଭୋଜିରେ ଯୋଗଦେଇଥିବା ମହିଳାଙ୍କୁ ଶାଢ଼ି ଉପହାର ଦିଆଯାଇଥିଲା। ଜାମନଗରର ଗ୍ରାମଗୁଡ଼ିକରେ ପିଲାମାନଙ୍କୁ ସ୍କୁଲ କିଟ୍ ବଣ୍ଟନ କରାଯାଇଥିଲା। ଏହାବ୍ୟତୀତ, ଅନନ୍ତ ଅମ୍ବାନୀ ଦେଶର ଅନେକ ପ୍ରମୁଖ ମନ୍ଦିରକୁ କୋଟି କୋଟି ଟଙ୍କା ଦାନ କରିଛନ୍ତି। ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂଗଠନ ବନ୍‌ତାରା ଗୁଜୁରାଟର ଜାମନଗରରେ ବାନ୍‌ତାରା ବିଶ୍ୱବିଦ୍ୟାଳୟ ଆରମ୍ଭ କରିବାର ଘୋଷଣା କରିଛି। ଏହା ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପଶୁଚିକିତ୍ସା ବିଜ୍ଞାନ ପାଇଁ ଉତ୍ସର୍ଗୀକୃତ ବିଶ୍ୱର ପ୍ରଥମ ସମନ୍ୱିତ ବିଶ୍ୱ ବିଶ୍ୱବିଦ୍ୟାଳୟ ହେବ।

## ମହଙ୍ଗା ପଡ଼ିଲା ଇରାନ ସହ ଯୁଦ୍ଧ

# ଦୋହଲିଗଲା ଆମେରିକା ଅର୍ଥନୀତି

ନୂଆଦିଲ୍ଲୀ,୧୦।୪(ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ଯୁଦ୍ଧର ପ୍ରଭାବ ଏବେ ବିଶ୍ୱର ସର୍ବ ବୃହତ ଅର୍ଥ ବ୍ୟବସ୍ଥା ଉପରେ ସ୍ପଷ୍ଟ ପରିଲକ୍ଷିତ ହେଉଛି। ଇରାନ ସହ ଯୁଦ୍ଧ ଓ ପଶ୍ଚିମ ଏସିଆରେ ଲାଗି ରହିଥିବା ଉତ୍ତେଜନା ଆମେରିକା ଅର୍ଥ ବ୍ୟବସ୍ଥା ଉପରେ ଚାପକୁ ଆହୁରି ବଢାଇ ଦେଇଛି। ତଥ୍ୟ ଅନୁସାରେ ୨୦୨୫ ଚତୁର୍ଥ ତ୍ରୈମାସିକରେ ଆମେରିକା ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ହାର ୦.୫% ଥିଲା। ଏହି ତଥ୍ୟ ପିଛିଲା ତ୍ରୈମାସିକମାନଙ୍କଠାରୁ ବେଶ୍ ଦୁର୍ବଳ। ୨୦୨୫ ଆର୍ଥିକବର୍ଷରେ ଆମେରିକାର ଜିଡିପି ଅଭିବୃଦ୍ଧି ହାର ମାତ୍ର ୨.୧% ରେକର୍ଡ କରାଯାଇଛି, ଯାହା ୨୦୨୪ର (୨.୮%) ଓ ୨୦୨୩ (୨.୯%)ତଥ୍ୟ ତୁଳନାରେ ବଡ଼ ହ୍ରାସକୁ ଦର୍ଶାଉଛି। ଗୋଟିଏ ପଟେ ଆମେରିକାର ଆର୍ଥିକ ବିକାଶ ଗତି ଧିମେଇଥିବାବେଳେ ଅନ୍ୟପଟେ ଭାରତ ଲାଗି ଭଲ ଖବର ଆସିବାରେ ଲାଗିଛି। ଅନ୍ତର୍ଜାତୀୟ ରେଟିଂ ଏଜେନ୍ସିଗୁଡିକ ଭାରତର ଅଭିବୃଦ୍ଧି ପୂର୍ବାନୁମାନକୁ ଲଗାତାର ବଢାଇ ଚାଲିଛନ୍ତି। ଏଥିରୁ ସ୍ପଷ୍ଟ ସଙ୍କେତ ମିଳୁଛି ଯେ ବୈଶ୍ୱିକ ଅନିଶ୍ଚିତତା ମଧ୍ୟରେ ଭାରତ ଏକ ମଜଭୁତ ଅର୍ଥ ବ୍ୟବସ୍ଥା ରୂପେ ଉଭା ହେବାକୁ ଯାଉଛି।

ଗୋଟିଏ ପଟେ ଆମେରିକା ଅର୍ଥନୀତି ଚାପର ସମ୍ମୁଖୀନ ହୋଇଥିବାବେଳେ ଅନ୍ୟପଟେ ଭାରତୀୟ ଅର୍ଥ ବ୍ୟବସ୍ଥା ଦୃଢ ଭାବ ଆଗକୁ ବଢିବାରେ ଲାଗିଛି। ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ୨୦୨୬ ଆର୍ଥିକବର୍ଷ ନିମନ୍ତେ ଭାରତର ବିକାଶ ହାର ୬.୯%କୁ ପହଞ୍ଚିବାର ଅନୁମାନ କରିଛି। ଏହା ପୂର୍ବରୁ ବିଶ୍ୱ ବ୍ୟାଙ୍କ ଭାରତର ଅଭିବୃଦ୍ଧି ହାର ୭.୬% ରହିବ ବୋଲି ଅନୁମାନ କରିଥିଲା। ଭାରତର ମଜଭୁତ ଘରୋଇ ଚାହିଦା ସାଙ୍ଗକୁ ଉନ୍ନତ ଆର୍ଥିକ ସ୍ଥିତିରେ ଆମେରିକାର ଟାରିଫ ହ୍ରାସ ଭାରତର ବିକାଶ ଯାତ୍ରାକୁ ଅଧିକ ବଳ ଦେଇଛି। ଗୋଟିଏପଟେ ଏସୀୟ ବିକାଶ ବ୍ୟାଙ୍କ ଭାରତର ଆର୍ଥିକ ବିକାଶକୁ ନେଇ ସକରାତ୍ମକ ଦୃଷ୍ଟିକୋଣ ବ୍ୟକ୍ତ କରୁଥିବା ବେଳେ ଅନ୍ୟପଟେ କିଛି ଜଟିଳତା ନେଇ ଚେତାବନୀ ମଧ୍ୟ ଜାରି କରିଛନ୍ତି। ରିପୋର୍ଟ ଅନୁସାରେ ପଶ୍ଚିମ ଏସିଆରେ ଲାଗି ରହିଥିବା ସଂଘର୍ଷ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିପାରେ। ଏଥିରେ ତୈଳ ମୂଲ୍ୟରେ ବୃଦ୍ଧି ଦେଖାଯାଇପାରେ। ଏପରି ଘଟଣାକ୍ରମ ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧିର କାରଣ ହୋଇପାରେ। ଏସିୟ ବିକାଶ ବ୍ୟାଙ୍କ ୨୦୨୭ ନିମନ୍ତେ ଭାରତର ଜିଡିପି ବୃଦ୍ଧି ହାର ୭.୩% ରହିପାରେ ବୋଲି ଆକଳନ କରିଛି। ଆଶା କରାଯାଉଛି ୟୁରୋପୀୟ ସଂଘ (ଇୟୁ) ସହିତ ସମ୍ଭାବିତ ବାଣିଜ୍ୟିକ ବୁଝାମଣା, ସରକାରୀ କର୍ମଚାରୀଙ୍କ ବେତନ ବୃଦ୍ଧି ଓ ଜାରି ସଂସ୍କାର କାର୍ଯ୍ୟକ୍ରମ ଯୋଗୁ ଅର୍ଥବ୍ୟବସ୍ଥା ଆହୁରି ମଜଭୁତ ହେବ। ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୦୨୭ ଲାଗି ସାମାନ୍ୟ କମ୍ ବୃଦ୍ଧି ହାର ଅନୁମାନ କରିଛନ୍ତି। ଅର୍ଥାତ ଭାରତର ଜିଡିପି ଅଭିବୃଦ୍ଧି ହାର ୬.୯% ରହିବା ନେଇ ଅନୁମାନ କରିଛି। ବର୍ତ୍ତମାନର ପରିସ୍ଥିତି ଅନୁଯାୟୀ, ଆଗକୁ ବୈଶ୍ୱିକ ଆର୍ଥିକ ସନ୍ତୁଳନରେ ବଡ଼ ପରିବର୍ତ୍ତନ ଘଟିବାକୁ ଯାଉଛି। ଗୋଟିଏ ପଟେ ଆମେରିକା ଭଳି ବଡ଼ ଅର୍ଥ ବ୍ୟବସ୍ଥାଗୁଡିକ ଆହ୍ୱାନର ସମ୍ମୁଖୀନ ହୋଇଥିବାବେଳେ ଅନ୍ୟପଟେ ଭାରତ ଭଳି ବିକାଶଶୀଳ ଦେଶଗୁଡିକ ଦ୍ରୁତ ବେଗରେ ଆଗକୁ ବଢୁଛନ୍ତି।




**ଭାରତର ଅଭିବୃଦ୍ଧି ପୂର୍ବାନୁମାନ ବଢ଼ାଇଲେ ଏଜେନ୍ସି**

## ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ

# ପୁଣି ସୁନା ପାଇଁ ବିଶ୍ୱ ପାଗଳ

## ୧୯ ଦେଶର କେନ୍ଦ୍ରୀୟ ବ୍ୟାଙ୍କ କିଣିଲେ ୨୫ ଟନ୍ ସୁନା

ନୂଆଦିଲ୍ଲୀ,୧୦।୪(ଏଜେନ୍ସି): ଯେତେବେଳେ ସୁନା କଥା କୁହାଯାଏ, ସେତେବେଳେ ପ୍ରଥମ ନାମ ଯାହା ମନେ ପଡ଼େ ତାହା ହେଉଛି ଭାରତ ଏବଂ ଚୀନର ଖୁଚୁରା କ୍ରେତା। କିନ୍ତୁ ବିଶ୍ୱ ସ୍ତରରେ ବର୍ତ୍ତମାନ ଏକ ଭିନ୍ନ କାହାଣୀ ଲେଖାଯାଉଛି। ବର୍ତ୍ତମାନ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ନୀରବ ଏବଂ ଆକ୍ରମଣାତ୍ମକ ଭାବରେ ସେମାନଙ୍କର ସୁନା ଭଣ୍ଡାର ବୃଦ୍ଧି କରୁଛନ୍ତି। ଏହି ଦୌଡରେ ପୋଲାଣ୍ଡ ଏବଂ ଉଜବେକିସ୍ତାନ ଭଳି ଦେଶମାନେ ନେତୃତ୍ୱ ନେଇଛନ୍ତି। ତେଣୁ, ଏହା ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ବିଶ୍ୱର ସରକାରମାନେ ହଠାତ୍ ଏତେ ସୁନା କାହିଁକି ସଂଗ୍ରହ କରୁଛନ୍ତି। 'କୋବେସି ଲେଟର'ରୁ ମିଳିଥିବା ତଥ୍ୟ ଅନୁସାରେ, ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ କ୍ରମାଗତ ଭାବେ ର ୨୩ ତମ ମାସ ପାଇଁ ସେମାନଙ୍କର ସୁନା କ୍ରୟ ଧାରା ଜାରି ରଖିଛନ୍ତି। କେବଳ ଫେବୃଆରୀ ମାସରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୧୯ ଟନ୍ ସୁନା କିଣିଥିଲେ। ଜାନୁଆରୀରେ ମଧ୍ୟ ୬ ଟନ୍ ସୁନା କିଣାଯାଇଥିଲା। ଏହାର ଅର୍ଥ ହେଉଛି ଚଳିତ ବର୍ଷ ଏ ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକର ସେମାନଙ୍କର ଭଣ୍ଡାରରେ ୨୫ ଟନ୍ ସୁନା ଯୋଡିସାରିଛନ୍ତି। ପୋଲାଣ୍ଡ ଏହି ମାସରେ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ ଥିଲା। ପୋଲାଣ୍ଡର କେନ୍ଦ୍ରୀୟ ବ୍ୟାଙ୍କ କେବଳ ୨୦ ଟନ୍ ସୁନା କିଣିଥିଲା। ଦେଶ ପାଖରେ ଏବେ ମୋଟ ୫୭୦ ଟନ୍ ଗଚ୍ଛିତ ରହିଛି, ଯାହା ପୋଲାଣ୍ଡର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ପ୍ରାୟ ୩୧ ପ୍ରତିଶତ।

ସେହିପରି, ଉଜବେକିସ୍ତାନର କେନ୍ଦ୍ରୀୟ ବ୍ୟାଙ୍କ ଏହାର ତହବିଲରେ ୮ ଟନ୍ ସୁନା ଯୋଡିଛି। ଉଜବେକିସ୍ତାନର ସୁନା ଭଣ୍ଡାର ଏବେ ୪୦୭ ଟନ୍‌ରେ ପହଞ୍ଚିଛି, ଯାହା ସେମାନଙ୍କର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ୮୮ ପ୍ରତିଶତ। ଅନ୍ୟପକ୍ଷରେ, ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି ଚୀନ୍ ମଧ୍ୟ ସୁନା ପ୍ରତି ନିଜର ଦୀର୍ଘକାଳୀନ ଆକର୍ଷଣ ଛାଡି ପାରୁନାହିଁ। ଚୀନ୍ ଫେବୃଆରୀରେ ୧ ଟନ୍ ସୁନା କିଣିଛି, ଯାହା କ୍ରମାଗତ ୧୬ତମ ମାସ ପାଇଁ କ୍ରୟଧାରା ଜାରି ରଖିଛି। ଚୀନ୍‌ର ମୋଟ ସୁନା ଭଣ୍ଡାର ଏବେ ୨,୩୦୮ ଟନ୍‌ରେ ପହଞ୍ଚିଛି। ଅପରପକ୍ଷେ ମଧ୍ୟ ପ୍ରାଚ୍ୟ ସଙ୍କଟରେ କିଛି ଦେଶ ଆର୍ଥିକ ଚାପ ଯୋଗୁଁ ସେମାନଙ୍କର ସୁନା ବିକ୍ରି ମଧ୍ୟ କରୁଛନ୍ତି। ଫେବୃଆରୀ ମାସରେ ତୁର୍କୀ ଏବଂ ରୁଷର ସୁନା ଭଣ୍ଡାର ସର୍ବାଧିକ ହ୍ରାସ ରେକର୍ଡ ହୋଇଛି। ତୁର୍କୀ ୮ ଟନ୍ ଏବଂ ରୁଷ ୬ ଟନ୍ ବିକ୍ରି କରିଛି। ଇରାନ ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ଗମ୍ଭୀର ଆର୍ଥିକ ଚାପ ଏବଂ ବୈଦେଶିକ ମୁଦ୍ରା ଆବଶ୍ୟକତା ପୂରଣ କରିବା ପାଇଁ ତୁର୍କୀକୁ ମାର୍ଚ୍ଚ ମାସରେ ପ୍ରାୟ ୧୨୦ ଟନ୍ ସୁନା ବିକ୍ରି କରିବାକୁ ପଡିଥିଲା।

ପ୍ରକୃତରେ, ବିଶ୍ୱ ବର୍ତ୍ତମାନ ପ୍ରବଳ ଭୂ-ରାଜନୈତିକ ଉତ୍ତେଜନା ଅନୁଭବ କରୁଛି। ଇରାନ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁଁ ଶାନ୍ତି ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ରହିଛି। ଆମେରିକା ହ୍ୱାଇଟ୍ ହାଉସ୍ ଇରାନ ସହିତ ସିଧାସଳଖ ଆଲୋଚନା ପାଇଁ ଇଙ୍ଗିତ କରୁଛି, କିନ୍ତୁ ଲେବାନନରେ ଇସ୍ରାଏଲୀ ଆକ୍ରମଣ ପରିସ୍ଥିତିକୁ ଆହୁରି ଖରାପ କରିଛି। ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ମାର୍ଗ, ହରମୁଜ୍ ପ୍ରଣାଳୀ, ପ୍ରାୟ ବନ୍ଦ ହୋଇଯାଇଛି। ଏହି ଅନ୍ତର୍ଜାତୀୟ ଅନିଶ୍ଚିତତା ଯୋଗୁଁ, ବିଶ୍ୱ ବଜାରରେ ସୁନା ପ୍ରତି ଆଉନ୍ସ ପ୍ରାୟ ୪୭୧୫ ଡଲାରରେ କାରବାର ହେଉଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଯଦିଓ ବଜାର ପୁନରୁଦ୍ଧାର କ୍ଷଣସ୍ଥାୟୀ ଭାବରେ ଦୁର୍ବଳ ଦେଖାଯାଉଛି, ତଥାପି ଭବିଷ୍ୟତରେ ଦୃଢ଼ ଭୌତିକ ଚାହିଦା ସୁନାକୁ ସମର୍ଥନ କରିବ।



# ଭାରତରେ ଆମାଜନ୍‌ର କାଉଣ୍ଟରଫିଟ୍ କ୍ରାଇମ୍‌ସ ୟୁନିଟ୍

ମୁମ୍ବଇ,୧୦।୪: ଆମାଜନ ପକ୍ଷରୁ ଆଜି ଭାରତରେ ଏହାର କାଉଣ୍ଟରଫିଟ୍ କ୍ରାଇମ୍‌ସ ୟୁନିଟ (ସିସିୟୁ) ର ସମ୍ପ୍ରସାରଣ କରାଯାଇଛି। ଯାହା ଉପଭୋକ୍ତା ଓ ବ୍ରାଣ୍ଡଗୁଡ଼ିକୁ ନକଲି ସାମଗ୍ରୀରୁ ସୁରକ୍ଷା ଦେବାରେ ସାହାଯ୍ୟ କରିବ। ଏହି ୟୁନିଟ ଆମାଜନର ସ୍ଥାନୀୟ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରିଛି ଯିଏ ନକଲି ପରିଚାଳନାଗୁଡିକର ମୁକାବିଲା କରିବା ଏବଂ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଇକମର୍ସ କ୍ଷେତ୍ରରେ ଉପଭୋକ୍ତାଙ୍କ ବିଶ୍ୱାସକୁ ବଜାୟ ରଖିବା ପାଇଁ ଭାରତୀୟ ବ୍ରାଣ୍ଡ, ସେଲର ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡିକ ସହ ମିଶି କାର୍ଯ୍ୟ କରିବେ। ଏହି ୟୁନିଟ ନକଲି ସାମଗ୍ରୀଗୁଡିକୁ ସକ୍ରିୟ ଭାବେ ଚିହ୍ନଟ କରିବା ଓ ଦୂର କରିବା, ଭୌତିକ ସମ୍ପତିଗୁଡିକୁ ସୁରକ୍ଷିତ ରଖିବା ଏବଂ ଠକ ବ୍ୟକ୍ତିଙ୍କ ବିରୋଧରେ ମିଳିତ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ସକ୍ଷମ କରିବା ଉପରେ ଗୁରୁତ୍ୱ ଦେବ। ଏହି ପ୍ରୟାସ ଭାରତ ପ୍ରତି ଆମାଜନର ବିସ୍ତୃତ ଦୀର୍ଘକାଳିନ ପ୍ରତିବଦ୍ଧତା ସହ ଜଡିତ ରହିଛି, ଯେଉଁଥିରେ ୨୦୩୦ ସୁଦ୍ଧା ଦେଶରେ ଏହାର ବ୍ୟବସାୟଗୁଡିକରେ ୩୫ ବିଲିୟନ ଡଲାରରୁ ଅଧିକ ନିବେଶ ଯୋଜନା ଅନ୍ତର୍ଭୁକ୍ତ। ଏ ସମ୍ପର୍କରେ ଆମାଜନର କାଉଣ୍ଟରଫିଟ କ୍ରାଇମ୍‌ସ ୟୁନିଟର ନିର୍ଦ୍ଦେଶକ କେଭାରୁ ସ୍ମିଥ କହିଛନ୍ତି, ଆମର ଆନ୍ତର୍ଜାତୀୟ ଆଣ୍ଟି-କାଉଣ୍ଟର ଫିଟିଂ ପ୍ରୟାସଗୁଡିକ ଲକ୍ଷ ଲକ୍ଷ ଡଲାରର ସମ୍ଭାବ୍ୟ କ୍ଷତିକୁ ରୋକିବାରେ ସାହାଯ୍ୟ କରିଛି।

# ଜୟଆଲୁକ୍କାସ୍‌ରେ ଅକ୍ଷୟ ତୃତୀୟ କ୍ୟାଶ୍‌ବ୍ୟାକ୍ ଫେଷ୍ଟ

ଭୁବନେଶ୍ୱର,୧୦।୪(ସମିସ); ଜୟଆଲୁକ୍କାସ୍ ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ଏପ୍ରିଲ ୧୦ରୁ ୨୦ ପର୍ଯ୍ୟନ୍ତ ଏକ ରୋମାଞ୍ଚକ କ୍ୟାଶବ୍ୟାକ୍ ଫେଷ୍ଟ ଘୋଷଣା କରିଛି। ଜୟଆଲୁକ୍କାସ୍ ଆଣିଛି ଆକର୍ଷଣୀୟ ଗିଫ୍ଟ ଭାଉଚର୍ ଯାହା ଉତ୍ସବୀୟ ମନୋଭାବକୁ ପୂରଣ କରେ ଡାଏମଣ୍ଡ, ଅନକଟ୍ ଡାଏମଣ୍ଡ ଏବଂ ପ୍ଲାଟିନମ୍ ଅଳଙ୍କାର ୭୫,୦୦୦ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟରେ କ୍ରୟ କରୁଥିବା ଗ୍ରାହକମାନେ ୨,୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ପାଇବେ। ସୁନା ଏବଂ ମୂଲ୍ୟବାନ ଅଳଙ୍କାର ସଂଗ୍ରହ ୭୫,୦୦୦ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟରେ ଚୟନ କରୁଥିବା ଉପରେ ୧୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ପାଇବେ। ଯେଉଁଥିରେ ରୁପା ଅଳଙ୍କାର ପ୍ରେମୀମାନେ ୧୫,୦୦୦ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟରେ କ୍ରୟ କଲେ ୫୦୦ ଟଙ୍କାର ଗିଫ୍ଟ ଭାଉଚର୍ ପାଇପାରିବେ। ଏହି ଅଫରଗୁଡିକ ବିଶ୍ୱର ପ୍ରିୟ ଗହଣା ଜୁଏଲରଙ୍କର ଅସାଧାରଣ ମୂଲ୍ୟ ଏବଂ ଅଭୁତ କଳାକୃତି ପ୍ରଦାନ କରିବା ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରୁଛି। ଜୟଆଲୁକ୍କାସ୍ ଗ୍ରୁପର ସିଏମ୍‌ଡି ଡା. ଜୟଆଲୁକ୍କାସ୍ କହିଛନ୍ତି ଯେ, ଅକ୍ଷୟ ତୃତୀୟା ହେଉଛି ଏକ ପବିତ୍ର ସମୟ ଯେଉଁଥିରେ ସମୃଦ୍ଧି ବୃଦ୍ଧି ପାଉଥାଏ ଏବଂ ନୂତନ ଉଦ୍ୟମ ଆରମ୍ଭ ହୁଏ । ଆମର କ୍ୟାଶବ୍ୟାକ୍ ଫେଷ୍ଟ ମାଧ୍ୟମରେ ଆମେ ପ୍ରତ୍ୟେକ ଅଳଙ୍କାର କ୍ରୟକୁ ସମୃଦ୍ଧିର ଏକ ପାଳନରେ ପରିଣତ କରିବାକୁ ଚାହୁଁଛୁ, ଯାହା ଗ୍ରାହକଙ୍କୁ କେବଳ ସୁନ୍ଦର ପିସ୍ ନୁହେଁ, ବରଂ ଅପୂର୍ବ ମୂଲ୍ୟ ଏବଂ ଗୁଣବତ୍ତା ସହିତ ଆତ୍ମବିଶ୍ୱାସ ମଧ୍ୟ ଦେଇଥାଏ। ବିଶ୍ୱର ପ୍ରିୟ ଜୁଏଲର୍ ଭାବରେ, ଆମେ ବିଶ୍ୱାସ କରୁଛୁ ଯେ, ଏହି ପବିତ୍ର ଅବସରକୁ ସମସ୍ତଙ୍କ ପାଇଁ ସୁଲଭ ଏବଂ ଲାଭଦାୟକ କରିବାରେ, ଯେଉଁମାନେ ଦୀର୍ଘସ୍ଥାୟୀ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧିରେ ନିବେଶ କରିବାକୁ ଚାହାଁନ୍ତି।




## ଝାରସୁଗୁଡ଼ାରେ ଆଲୁମିନିୟମ୍ ପାର୍କ

# ଦୁଇ ଶିଳ୍ପସଂସ୍ଥା ସହ ବେଦାନ୍ତର ଏମ୍‌ଓୟୁ




ଭୁବନେଶ୍ୱର, ୧୦।୪(ସମିସ): ବେଦାନ୍ତ ଆଲୁମିନିୟମ୍ ଦୁଇ ଆନୁଷଙ୍ଗିକ ଶିଳ୍ପସଂସ୍ଥା ସିଂଘଲ ଷ୍ଟିଲ୍ ଏଣ୍ଡ ପାଓ୍ୱାର ଲିଃ ( ସିଂଘଲ୍ ଗ୍ରୁପ୍ ଅଫ ଇଣ୍ଡଷ୍ଟ୍ରିଜ୍‌ର ଏକ ଅଂଶ) ଓ ସ୍କଟ୍-ଏଲ୍ ମେଟକନ ପ୍ରା. ଲିଃ (ସ୍କଟିସ୍ କେମିକାଲ ଓ ୟୁଏଲ୍ ଇଣ୍ଡଷ୍ଟ୍ରିଜ୍‌ର ଏକ ସହଯୋଗୀ କମ୍ପାନି) ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ବୁଝାମଣା ଅନୁସାରେ ଉଭୟ କମ୍ପାନି ଝାରସୁଗୁଡ଼ାରେ ବେଦାନ୍ତର ଆଗାମୀ ଆଲୁମିନିୟମ ପାର୍କ ପରିସରରେ ଆନୁଷଙ୍ଗିକ ଆଲୁମିନିୟମ ଉତ୍ପାଦନ କାରଖାନା ସ୍ଥାପନ କରିବେ। ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଏମଓୟୁ ସ୍ୱାକ୍ଷର ସମାରୋହ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶିଳ୍ପ ସଚିବ ଶ୍ରୀ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ହୋଇଥିଲା। ଡାଉନଷ୍ଟ୍ରିମ୍ ଶିଳ୍ପ ଲାଗି ଏକ ବିଶ୍ୱସ୍ତରୀୟ ଶିଳ୍ପ ଇକୋସିଷ୍ଟମଭାବେ ପରିକଳ୍ପିତ ଝାରସୁଗୁଡ଼ାର ବେଦାନ୍ତ ଆଲୁମିନିୟମ୍ ପାର୍କମୂଲ୍ୟ ସଂଯୁକ୍ତିକୁ ପ୍ରୋତ୍ସାହନ ଦେବା ସହ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାଙ୍କ ଅଭିବୃଦ୍ଧିରେ ସହାୟକ ହେବ ଓ ଏକ ଆଲୁମିନିୟମ ଶିଳ୍ପକେନ୍ଦ୍ରରେ ପରିଣତ ହେବାରେ ଓଡ଼ିଶାର ସ୍ଥିତିକୁ ମଜବୁତ କରିବ। ଏହି ପଦକ୍ଷେପ ଓଡିଶାର ଔଦ୍ୟୋଗିକ ପ୍ରତିଯୋଗିତାକ୍ଷମତାକୁ ଉନ୍ନତ କରିବା ସହ ପ୍ରାୟ ୫୦୦ କୋଟି ଟଙ୍କାର ନିବେଶ ଆକୃଷ୍ଟ କରିବ ଓ ପ୍ରାୟ ୧୫୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି।

**ଆଇଏନଡବ୍ଲ୍ୟୁଇସିର ନୂତନ ନେତୃତ୍ୱ ଘୋଷଣା**

# ସିଏ ସ୍ୱାତୀ କେଜ୍ରିୱାଲ ଆବାହିକା ଏବଂ ସୁମା ଦେବୀ ଦାଶ ସହ ଆବାହିକା

ଭୁବନେଶ୍ୱର,୧୦।୪(ସମିସ): ଆଇସିସି ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ (ଆଇଏନଡବ୍ଲ୍ୟୁଇସି) ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି)ର ତତ୍ତ୍ୱାବଧାନରେ ପରିବର୍ତ୍ତନ ଏବଂ ସଂସ୍ଥାପନ ଉତ୍ସବ ୨୦୨୬ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇସିସିର ଅଧ୍ୟକ୍ଷ ରାଜୀବ ସାହୁ, ବରିଷ୍ଠ ଉପାଧ୍ୟକ୍ଷ ଧର୍ମାଦିତ୍ୟ ପଟ୍ଟନାୟକ, ନୀଳାଞ୍ଜନା ମୁଖାର୍ଜୀ, ଆଇସିସିର ଉପାଧ୍ୟକ୍ଷ, ରାଜ୍ୟ ପରିଷଦ; ଏବଂ ଜେ ପି ପାଲ, ଯୁଗ୍ମ ନିର୍ଦ୍ଦେଶକ ଏବଂ କ୍ଷେତ୍ରୀୟ ମୁଖ୍ୟ, ଓଡିଶା ପ୍ରମୁଖ ଯୋଗଦେଇଥିଲେ। ଏହି ସମାରୋହରେ ବିଦାୟୀ ଆବାହିକା ପ୍ରୀତି ପଲ୍ଲବୀ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସୁମା ଦେବୀ ଦାଶ, ନିର୍ଦ୍ଦେଶକ, ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସ ଏବଂ ଏମ୍ପି, ଦି ବାମ୍ବାଇ କାଫେ ଏବଂ ଜୋସେଫ୍ସ, ସହ-ଆବାହିକା ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସେମାନଙ୍କ ନେତୃତ୍ୱରେ ଆଇଏନଡବ୍ଲ୍ୟୁଇସି ଅଭିବୃଦ୍ଧି ସହଯୋଗ ଏବଂ ନେତୃତ୍ୱ ବିକାଶ ଉପରେ ଅଧିକ ଧ୍ୟାନ ଦେଇ ଏହାର ପ୍ରଭାବକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛି। ନିଜ ଦୃଷ୍ଟିକୋଣକୁ ବାଣ୍ଟି ସିଏ ସ୍ୱାତୀ କେଜ୍ରିୱାଲ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ନେଟୱାର୍କିଂଠାରୁ ଅଧିକ ବାସ୍ତବ ବିକାଶ ଯେଉଁଠାରେ ମହିଳା ଉଦ୍ୟୋଗୀମାନେ କେବଳ ଅଂଶଗ୍ରହଣକାରୀ ନୁହଁନ୍ତି ବରଂ ନେତା, ନିଷ୍ପତ୍ତି ନିର୍ମାତା ଏବଂ ମୂଲ୍ୟ ସୃଷ୍ଟିକାରୀ।

